

ଅଟକିଛି ରାକା
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-340 ♦MONDAY ♦8 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୪୦ ♦ସୋମବାର ♦୮ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୟୁରୋପରେ ଜିପିଏସ୍ ସିଗନାଲ୍ ଜାମ୍ କରୁଛି ଋଷ ଉପଗ୍ରହ

■ ଲଣ୍ଡନ,୭।୬ (ଏଜେନ୍ସି): ମହାକାଶ ଏବେ ଏକ ନୂଆ ଯୁଦ୍ଧକ୍ଷେତ୍ରରେ ପରିଣତ ହେବାକୁ ଯାଉଛି। ଋଷିଆର ଉପଗ୍ରହଗୁଡ଼ିକ ସମଗ୍ର ୟୁରୋପରେ ଜିପିଏସ୍ ସିଗନାଲ୍‌ରେ ବାଧା ସୃଷ୍ଟି କରୁଥିବା ନେଇ ବୈଜ୍ଞାନିକମାନେ ଦାବି କରିଛନ୍ତି। ଆମେରିକାର 'ୟୁନିଭର୍ସିଟି ଅଫ୍ ଟେକ୍ସାସ' ପକ୍ଷରୁ ପ୍ରକାଶିତ ଏକ ଗବେଷଣା ପତ୍ରରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି, ଯାହା ବିଶ୍ୱର ସୁରକ୍ଷା ଚିନ୍ତାକୁ ବଢ଼ାଇ ଦେଇଛି। ଏହି ସିଗନାଲ୍ ଜାମିଂ ଯୋଗୁଁ ୟୁରୋପର ବିଭିନ୍ନ ଅଞ୍ଚଳରେ ଉଡ଼ାଣ ଭରୁଥିବା ବିମାନ ଏବଂ ସମୁଦ୍ରରେ ଯାତ୍ରା କରୁଥିବା ଜାହାଜଗୁଡ଼ିକର ନେଭିଗେସନ୍ ସିଷ୍ଟମ ପ୍ରଭାବିତ ହେଉଛି। ଋଷିଆ ପକ୍ଷରୁ କୃତ୍ରିମ ଉପଗ୍ରହ ମାଧ୍ୟମରେ ମୂଳ ସିଗନାଲ୍‌କୁ ବିକୃତ ବା ଦୁର୍ବଳ କରିଦିଆଯାଉଛି, ଯାହାଫଳରେ ଗ୍ରାଉଣ୍ଡରେ ଥିବା ରିସିଭରଗୁଡ଼ିକ ସଠିକ୍ ସ୍ଥାନ ନିରୂପଣ କରିବାରେ ବିଫଳ ହେଉଛନ୍ତି।

**ମହାକାଶରେ ଡିଜିଟାଲ୍ ୱାର୍**

ବିଶେଷଜ୍ଞଙ୍କ କହିବାନୁସାରେ, ଏହା ପାରମ୍ପରିକ ସାମରିକ ଯୁଦ୍ଧ ବଦଳରେ ଡିଜିଟାଲ୍ ଏବଂ ମହାକାଶ ଭିତ୍ତିଭୂମିକୁ ଟାର୍ଗେଟ୍ କରିବାର ଏକ ଆଧୁନିକ 'ଇଲେକ୍ଟ୍ରୋନିକ ୱାରଫେୟାର୍' ବା ବୈଦ୍ୟୁତିକ ଯୁଦ୍ଧ କୌଶଳ। ୨୦୨୨ ମସିହାରେ ୟୁକ୍ରେନ୍ ଉପରେ ଋଷିଆର ଆକ୍ରମଣ ପରଠାରୁ ୟୁରୋପରେ ଏଭଳି ସିଗନାଲ୍ ସମସ୍ୟା ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ଶାରୀରିକ ଆକ୍ରମଣ ତୁଳନାରେ ଏହି ସିଗନାଲ୍ ଜାମିଂର ମୂଳ ଉତ୍ସ ଖୋଜିବା ବେଶ୍ କଷ୍ଟକର। ଏହି ବିପଦକୁ ଦୃଷ୍ଟିରେ ରଖି ୟୁରୋପୀୟ କର୍ତ୍ତୃପକ୍ଷ ଏବେ ଏକ ବିକଳ୍ପ ବ୍ୟାକଅପ୍ ନେଭିଗେସନ୍ ସିଷ୍ଟମ ଏବଂ ଅଧିକ ସୁରକ୍ଷିତ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।


## ୧୪୦୦ କିଲୋମିଟର ଦୂରରୁ ଆସି ଦିଲ୍ଲୀ ପ୍ରଫେସରଙ୍କୁ ହତ୍ୟା

■ ନୂଆଦିଲ୍ଲୀ,୭।୬(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ମହିଳା ପ୍ରଫେସରଙ୍କ ରହସ୍ୟଜନକ ହତ୍ୟାକାଣ୍ଡର ପରଦାଫାଶ କରିଛି ପୋଲିସ। ମାତ୍ର ୩ ଦିନ ମଧ୍ୟରେ ପୋଲିସ ପଶ୍ଚିମବଙ୍ଗରୁ ଜଣେ ଦମ୍ପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି। କୋଟି କୋଟି ଟଙ୍କାର ସମ୍ପତ୍ତି ବିବାଦକୁ ନେଇ ପ୍ରଫେସର ଦେବସ୍ମିତା ପଲଙ୍କୁ ହତ୍ୟା କରିବା ପାଇଁ ଏହି ଦମ୍ପତି ପଶ୍ଚିମବଙ୍ଗରୁ ପ୍ରାୟ ୧୪୦୦ କିଲୋମିଟର ଦୂର ଯାତ୍ରା କରି ଦିଲ୍ଲୀ ଆସିଥିଲେ। ଗତ ବୁଧବାର ଦିନ ପୂର୍ବ ଦିଲ୍ଲୀର ଏକ ଆପାର୍ଟମେଣ୍ଟରେ ରହୁଥିବା ଦେବସ୍ମିତାଙ୍କୁ ତାଙ୍କ ଘର ଭିତରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀମାନେ ନିଜର ନାବାଳକ ପୁଅକୁ ସାଙ୍ଗରେ ଆଣିଥିଲେ ଯେପରି କାହା ମନରେ ସନ୍ଦେହ ନହେବ। ସେମାନେ ମୁହଁରେ ମାସ୍କ ପିନ୍ଧି ଘର ଭିତରକୁ ପ୍ରବେଶ କରିଥିଲେ ଏବଂ ହତ୍ୟା କରିବା ପରେ ମାତ୍ର ୩୦ ମିନିଟ୍ ମଧ୍ୟରେ ପୋଷାକ ବଦଳାଇ ସେଠାରୁ ଫେରାର ହୋଇଯାଇଥିଲେ।

**ସଂପତ୍ତି ହଡ଼ପ ଷଡ଼ଯନ୍ତ୍ର**

ପୁଲିସ ସୂତ୍ରରୁ ପ୍ରକାଶ ଯେ ପଶ୍ଚିମବଙ୍ଗରେ ଦେବସ୍ମିତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ରହିଥିଲା। ଗିରଫ ହୋଇଥିବା ଦମ୍ପତି ସେହି ଘରେ ଭଡ଼ାଟିଆ ଭାବେ ରହୁଥିଲେ ଏବଂ ସେହି ସମ୍ପତ୍ତିକୁ ହଡ଼ପ କରିବାକୁ ଚାହୁଁଥିଲେ। ଦେବସ୍ମିତା ସେମାନଙ୍କୁ ଘର ଖାଲି କରିବାକୁ ଚାପ ପକାଉଥିବାରୁ ହତ୍ୟା ପାଇଁ ସେମାନେ ଏଭଳି ସାଙ୍ଘାତିକ ଯୋଜନା କରିଥିଲେ। ପୋଲିସ ସିସିଟିଭି ଯାଞ୍ଚ କରିବା ସହ ସେହି ଅଞ୍ଚଳକୁ ଆସିଥିବା ଏକ କାର୍‌ର ଚାଳକକୁ ଅଟକ ରଖି ପଚରାଉଚରା କରିଥିଲା। ଏହାପରେ ପ୍ରାୟ ୭ଟି ପୋଲିସ ଟିମ୍ ୪ଟି ରାଜ୍ୟରେ ଚଢ଼ାଉ କରି ଶେଷରେ ପଶ୍ଚିମବଙ୍ଗର ବର୍ଦ୍ଧମାନରୁ ଅଭିଯୁକ୍ତ ରାମପ୍ରସାଦ ଦାସ ଏବଂ ବନଶ୍ରୀ ଦାସଙ୍କୁ ଗିରଫ କରିଛି।

## ହାଣ୍ଡିଶାଳକୁ ଗ୍ୟାସ୍ ସିଲିଣ୍ଡର ଚିନ୍ତା



### ୯୦ ଦିନରେ ୮୯ ଟଙ୍କା ମହଙ୍ଗା

■ ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ପରେ ଖାଉଟିଙ୍କୁ ନିସ୍ତାର ମିଳୁନାହିଁ। ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ସବୁ ମହଙ୍ଗା। କ୍ରମାଗତ ଭାବେ ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ଖାଉଟିଙ୍କ ପରିବାର ବଜେଟ ବଢ଼ାଇଦେଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ପରେ ବିକଳ୍ପ ଉତ୍ସରୁ ତେଲ ଏବଂ ଗ୍ୟାସ୍ ଆମଦାନୀ କରୁଥିଲେ ସୁଦ୍ଧା ଭାରତ ଉପରୁ ସଙ୍କଟ ଟଳୁନି। କାରଣ କ୍ରମାଗତ ଭାବେ ଦେଶରେ ପେ।ଟ୍ରୋଲ, ଡିଜେଲ ସହ ଗ୍ୟାସ୍ ସିଲିଣ୍ଡର ମହଙ୍ଗା ହେବାରେ ଲାଗିଛି। କେନ୍ଦ୍ର ସରକାର ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ପୁଣି ଥରେ ବୃଦ୍ଧି କରିଛନ୍ତି। ସରକାର ଅଧ ରାତିରେ ଏହି ଦର ବୃଦ୍ଧି କରିଛନ୍ତି। ଏଥିଯୋଗୁ ଏଲପିଜି ସିଲିଣ୍ଡର ପିଛା ଦର ୨୯ ଟଙ୍କା ବୃଦ୍ଧି ପାଇଛି। ରବିବାର ମଧ ରାତ୍ରରୁ ନୂଆ ଦର ଲାଗୁ ହୋଇଛି। ମାତ୍ର ୩ ମାସ ମଧ୍ୟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ୮୯ ଟଙ୍କା ମହଙ୍ଗା ହୋଇଛି।

**ଘରୋଇ ସିଲିଣ୍ଡର ୨୯ ଟଙ୍କା ବଢ଼ିଲା**

ଦର ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ୧୪.୨ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ପିଛା ମୂଲ୍ୟ ୨୯ ଟଙ୍କା ବୃଦ୍ଧି ଘଟି ୯୧୩ ଟଙ୍କାରୁ ୯୪୨ ଟଙ୍କାରେ ପହଞ୍ଚିଛି। ଏହାପୂର୍ବରୁ ମାର୍ଚ୍ଚ ୭ ତାରିଖରେ ଘରୋଇ ସିଲିଣ୍ଡର ମୂଲ୍ୟ ୬୦ଟଙ୍କା ବୃଦ୍ଧି ପାଇଥିଲା। ଏହାକୁ ମିଶାଇଲେ ୯୦ ଦିନରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୮୯ ଟଙ୍କା ବୃଦ୍ଧି ଘଟିଛି। ଏହାଫଳରେ ଭୁବନେଶ୍ୱରରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୯୩୯ ଟଙ୍କାରୁ ୯୬୮ ଟଙ୍କାରେ ପହଞ୍ଚିଛି। ଟଙ୍କା ମହଙ୍ଗା ହୋଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ସରକାର ୧୯କେଜି ବିଶିଷ୍ଟ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ▶ପୃଷ୍ଠା-୭

# ୮ ରାଜ୍ୟରେ ପହଞ୍ଚିଲା ମୌସୁମୀ

■ ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଦେଶରେ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ମାତ୍ର ୪ ଦିନ ମଧ୍ୟରେ ଏହା ଭାରତର ୮ଟି ରାଜ୍ୟକୁ ସ୍ପର୍ଶ କରି ସାରିଛି। ମୌସୁମୀ ପ୍ରଭାବରେ କେରଳ, କର୍ଣ୍ଣାଟକ, ଗୋଆ ଏବଂ ତାମିଲନାଡୁର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଅନ୍ୟପଟେ ଗୁଜରାଟକୁ ବାଦ୍ ଦେଲେ ଦେଶର ବାକି ସମସ୍ତ ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଝଡ଼ତୋଫାନ ସହ ବର୍ଷା ହୋଇପାରେ। ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ ଏବଂ ମଧ୍ୟପ୍ରଦେଶରେ ପ୍ରବଳ ପବନ ବହିବ। ଓଡ଼ିଶା, ବିହାର, ଝାଡ଼ଖଣ୍ଡ ସମେତ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଜାରି ରହିବ। ରାଜସ୍ଥାନରେ ୩୦ ରୁ ୫୦ କିଲୋମିଟର ବେଗରେ ଗରମ ଓ ପ୍ରବଳ ପବନ ବହିବାର ସୂଚନା ରହିଛି। ମଧ୍ୟପ୍ରଦେଶରେ ଜୁନ୍ ୨୦ ପୂର୍ବରୁ ମୌସୁମୀ ପହଞ୍ଚିବା ନେଇ ଆଶା କରାଯାଉଥିବା ବେଳେ ଉତ୍ତର ପ୍ରଦେଶରେ ଏହା ପ୍ରାୟ ୪ ରୁ ୬ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୨୪ ଆଡ଼କୁ ପହଞ୍ଚିପାରେ। ▶ପୃଷ୍ଠା-୭

## ୩-୪ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ

■ ଭୁବନେଶ୍ୱର, ୭।୬ (ସମିସ): ଓଡ଼ିଶା ମୁହାଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୬-୮ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଆଇଏମ୍‌ଡି କହିଥିଲା। ହେଲେ ଏହି ସମୟ ଆହୁରି କମି ଯାଇଛି। ଆସନ୍ତା ୩-୪ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବା ନେଇ ପାଗ ଅନୁକୂଳ ଥିବା ଆଜି ଆଇଏମ୍‌ଡି କହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏକ୍ସ ଯୋଗେ କହିଛନ୍ତି ଯେ ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ସକ୍ରିୟ ହେବା ପାଇଁ ପାଗ ଅନୁକୂଳ ହୋଇଛି। ତେଣୁ ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବ ବୋଲି ସେ କହିଛନ୍ତି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୩-୪ ଦିନ ମଧ୍ୟରେ ଆରବ ସାଗରର ଆହୁରି କିଛି ଅଞ୍ଚଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନାର କିଛି ଭାଗ, ଆନ୍ଧ୍ର ପ୍ରଦେଶର ଅଧିକ ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମ-ମଧ୍ୟ ଓ ଉତ୍ତର-ପଶ୍ଚିମ ▶ପୃଷ୍ଠା-୭

### କାଳବୈଶାଖୀ ତାଣ୍ଡବରେ କଟକ ବେହାଲ

## ବଜ୍ରପାତରେ ଭାଙ୍ଗିଲା ଚଣ୍ଡୀ ମନ୍ଦିର ଦଧିନଉତି



■ କଟକ, ୭।୬ (ସମିସ): ରୌପ୍ୟନଗରୀ କଟକ ସମେତ ସମଗ୍ର ଜିଲ୍ଲାରେ ଆଜି ଅପରାହ୍ଣରେ କାଳବୈଶାଖୀ ଜନିତ ଝଡ଼ବର୍ଷା ସହ ଭୟଙ୍କର ବଜ୍ରପାତର ତାଣ୍ଡବ ଦେଖିବାକୁ ମିଳିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ କଟକର ଅଧିଷ୍ଠାତ୍ରୀ ମା' କଟକ ଚଣ୍ଡୀଙ୍କ ମନ୍ଦିରର ଗୁରୁତର କ୍ଷତି ହୋଇଛି। ପ୍ରଚଣ୍ଡ ବଜ୍ରପାତରେ ମନ୍ଦିର ଉପରେ ନୂଆ କରି ସ୍ଥାପନ କରାଯାଇଥିବା ସୁଉଚ୍ଚ 'ଦଧିନଉତି'ଟି ଆଂଶିକ ଭାବେ ଭାଙ୍ଗି ଫାଟି ଯାଇଛି। ବଜ୍ରପାତ ଏତେ ଭୟଙ୍କର ଓ ଶକ୍ତିଶାଳୀ ଥିଲା ଯେ ମନ୍ଦିର ଚୂଡ଼ାରୁ କିଛି ପଥର ଭାଙ୍ଗି ସିଧା ତଳକୁ ଖସି ପଡ଼ିଥିବା ବେଳେ ଆଉ କିଛି ପଥର ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି। ତେବେ, ସୌଭାଗ୍ୟବଶତଃ ଏଥିରେ କୌଣସି ଶ୍ରଦ୍ଧାଳୁ କିମ୍ବା ସେବାୟତଙ୍କର କୌଣସି କ୍ଷୟକ୍ଷତି ଘଟିନାହିଁ। କଟକ ଚଣ୍ଡୀ ମନ୍ଦିରର ଦୀର୍ଘ ବର୍ଷର ଇତିହାସରେ ଏଭଳି ଦେବପୀଠ ▶ପୃଷ୍ଠା-୭

### ୨୦୪ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

## ବକୁଳବନ ଢାଞ୍ଚାରେ ପ୍ରାଥମିକ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ



■ ଖୋର୍ଦ୍ଧା/ଭୁବନେଶ୍ୱର, ୭।୬ (ସମିସ): ସତ୍ୟବାଦୀର ବକୁଳବନ ବିଦ୍ୟାଳୟ ପରି ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ରୂପରେଖ ବଦଳିବ। ସେଥିପାଇଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରେ ରାଜ୍ୟର ୨୨୦୦ଟି ବିଦ୍ୟାଳୟକୁ ବିକଶିତ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟକୁ ବିକଶିତ କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର ରଖାଯାଇଛି। ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ତେଣୁ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ଏହି ଯୋଜନା କରିଛନ୍ତି। ନିଯୁକ୍ତି ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ପାଠପଢ଼ା ସହ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ, ପିଏମ୍‌ଶ୍ରୀ ବିଦ୍ୟାଳୟ ସ୍ଥାପନ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପରି ଅନେକ ଯୋଜନା କରି ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ଓ ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ▶ପୃଷ୍ଠା-୭

**୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତି**

## ଦିଲ୍ଲୀରୁ ଫେରିଲେ ନବୀନ



■ ଭୁବନେଶ୍ୱର, ୭।୬ (ସମିସ): ୭ ଦିନିଆ ଦିଲ୍ଲୀ ଗସ୍ତ ସମାପ୍ତ କରି ରବିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଆଜି ବିମାନବନ୍ଦରରେ ପହଞ୍ଚିବା ପରେ ଦଳର ଅନେକ ଛାମୁଆ ନେତା ତଥା ବିଧାୟକ ନବୀନଙ୍କୁ ସ୍ୱାଗତ କରିଛନ୍ତି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ସୁଶାନ୍ତ ରାଉତ ଓ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ଦିଲ୍ଲୀ ଗସ୍ତ ସମୟରେ ନବୀନ ବିଭିନ୍ନ ନିର୍ଦ୍ଧାରିତ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପ୍ରେମିକାକୁ ମାରି ପୋତିଦେଲା



■ ଯୋଡ଼ା, ୭।୬ (ସମିସ): ପ୍ରେମିକାକୁ ହତ୍ୟା କରି ମାଟି ତଳେ ପୋତିଦେଲା। କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରୁ ଏପରି ଏକ ଜଘନ୍ୟ ଆପରାଧିକ ଘଟଣା ପଦାକୁ ଆସିଛି। ମୃତ ଯୁବତୀଜଣଙ୍କ ହେଲେ, ଭଦ୍ରାସାହି ପଞ୍ଚାୟତସ୍ଥିତ ଝାଡ଼ଗାଁ ଗ୍ରାମର ଅନିତା ମହାକୁଡ଼। ୨୩ ଦିନ ହେଲା ସେ ନିଖୋଜ ଥିଲେ। ଆଜି ସକାଳେ ପୁଲିସ୍ ରୋଇଡ଼ାସ୍ଥିତ ଏକ ଖଣି ଡମ୍ପ ନିକଟରେ ମାଟି ତଳୁ ଅନିତାଙ୍କ କଙ୍କାଳ ଜବତ କରି ପରୀକ୍ଷା ପାଇଁ ପଠାଇଛି। ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି। ସେ ହେଲା, ସଂଗ୍ରାମ ଆଲଦା। ତ୍ରିକୋଣୀୟ ପ୍ରେମ ସଂପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ହେଉଥିବା ବେଳେ ପୁଲିସ ପ୍ରକୃତ କାରଣ ଖୋଜିବା ପାଇଁ ତନାଘନା ଚଳାଇଛି। ତଦନ୍ତ ପରେ ଘଟଣା ସମ୍ପର୍କରେ ଅଧିକ ସୂଚନା ଦିଆଯିବ ବୋଲି ଥାନାଧିକାରୀ କହିଛନ୍ତି।


**୨୩ ଦିନ ପରେ ମାଟି ତଳୁ କଙ୍କାଳ ଜବତ**

**ଅଭିଯୁକ୍ତ ପ୍ରେମିକ ଗିରଫ**

ଗତ ମେ' ୧୪ ତାରିଖରୁ ଅନିତା ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ନ ପାଇବାରୁ ତାଙ୍କ ମା' ପ୍ରମିଳା ମହାକୁଡ଼ ଏ ସଂପର୍କରେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ସହ ପ୍ରେମିକ ସଂଗ୍ରାମ ଆଲଦାକୁ ଥାନାକୁ ଟେକି ଆଣି ଜେରା କରିଥିଲା। ଜେରା ବେଳେ ସେ ଅନିତାଙ୍କୁ ହତ୍ୟା କରି ମାଟିରେ ପୋତିଛି ବୋଲି ସ୍ୱୀକାର କରିଥିଲା। ତା' ସୂଚନା ଆଧାରରେ ଆଜି ସକାଳେ ପୁଲିସ ରୋଇଡ଼ାସ୍ଥିତ ଏକ ଖଣି ଡମ୍ପ ନିକଟରୁ ଅନିତାଙ୍କ କଙ୍କାଳ ମାଟି ତଳୁ ଉଦ୍ଧାର କରିଥିଲା।

# ଭାରତରେ ହ୍ରାସ ପାଇଲା ପ୍ରଜନନ ହାର

## ଜନସଂଖ୍ୟା ସ୍ଥିର ରଖିବା ସ୍ତରଠାରୁ ବି ତଳକୁ ଖସିଲା ସଂଖ୍ୟା



**ଫିନଲ୍ୟାଣ୍ଡଠାରୁ କମିଲା ଦିଲ୍ଲୀର ହାର**

**ଚିନ୍ତା ପ୍ରକଟ କଲେ ଏଲନ୍ ମସ୍କ**

■ ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଭାରତରେ ଜନସଂଖ୍ୟା ବୃଦ୍ଧି ହାର ଏବେ ମନ୍ଥର ହେବାରେ ଲାଗିଛି। ଭାରତ ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ 'ନମୁନା ପଞ୍ଜୀକରଣ ପ୍ରଣାଳୀ ପରିସଂଖ୍ୟାନ ରିପୋର୍ଟ ୨୦୨୪' ଅନୁଯାୟୀ, ଦେଶର ମୋଟ ପ୍ରଜନନ ହାର ପ୍ରଥମ ଥର ପାଇଁ ଜନସଂଖ୍ୟା ସ୍ଥିର ରଖିବାର ସୀମା (ରିପ୍ଲେସମେଣ୍ଟ ଥ୍ରେସ୍‌ହୋଲ୍ଡ) ୨.୧ ରୁ ତଳକୁ ଖସିଆସି ୧.୯ ରେ ପହଞ୍ଚିଛି। ଏହାର ଅର୍ଥ ଜଣେ ମହିଳା ତାଙ୍କ ଜୀବନକାଳ ମଧ୍ୟରେ ଜନ୍ମ କରୁଥିବା ହାରାହାରି ପିଲାଙ୍କ ସଂଖ୍ୟା ଏବେ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ ହେଉଥିବା ସଂଖ୍ୟା ଠାରୁ କମ୍ ରହିଛି। ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୫ କୋଟିରେ ପହଞ୍ଚିଥିଲେ ମଧ୍ୟ ପ୍ରଜନନ ହାର ହ୍ରାସ ପାଇବା କାରଣରୁ ଆଗାମୀ ଦିନରେ ଜନସଂଖ୍ୟା ହ୍ରାସ ପାଇବା ନିଶ୍ଚିତ ହୋଇଯାଇଛି।

ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଆଗାମୀ ୨୧ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟା ସର୍ବୋଚ୍ଚ ସ୍ତର ଛୁଇଁବା ପରେ ଏଥିରେ ବ୍ୟାପକ ହ୍ରାସ ଦେଖାଦେବ ଏବଂ ଶତାବ୍ଦୀର ଶେଷ ଆଡ଼କୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇପାରେ। ରିପୋର୍ଟ ଅନୁଯାୟୀ, ବିହାରରେ ସର୍ବାଧିକ ପ୍ରଜନନ ହାର ୨.୯ ରହିଥିବା ବେଳେ ଉତ୍ତର ପ୍ରଦେଶରେ ୨.୬, ମଧ୍ୟପ୍ରଦେଶରେ ୨.୪ ଏବଂ ରାଜସ୍ଥାନରେ ୨.୩ ରହିଛି। କେବଳ ଏହି ବଡ଼ ରାଜ୍ୟଗୁଡ଼ିକରେ ହାର ସୀମା ଉପରେ ରହିଛି। ଅନ୍ୟପଟେ ଦିଲ୍ଲୀରେ ଏହି ହାର ସବୁଠାରୁ କମ୍ ଅର୍ଥାତ୍ ୧.୨ ରହିଛି, ଯାହା ଫିନଲ୍ୟାଣ୍ଡ ଦେଶର ହାର ଠାରୁ ବି କମ୍। ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ଭଳି ରାଜ୍ୟଗୁଡ଼ିକରେ ମଧ୍ୟ ପ୍ରଜନନ ହାର ଯଥେଷ୍ଟ କମ୍ ରହିଛି। ସୀମିତ ଆୟ ଥିବା ପରିବାରଗୁଡ଼ିକ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ଗୋଟିଏ ପିଲା ହିଁ ଯଥେଷ୍ଟ ବୋଲି ଶ୍ରେୟସ୍କର ମଣୁଛନ୍ତି। ସହରୀକରଣ ଯୋଗୁଁ ପ୍ରାୟ ୭୦ ପ୍ରତିଶତ ଲୋକ ଏବେ ଏକକ ପରିବାରରେ ରହୁଛନ୍ତି, ଯାହାଦ୍ୱାରା ପିଲା ବଢ଼ାଇବା ପିତାମାତାଙ୍କ ▶ପୃଷ୍ଠା-୭

## +୩ ଆଡମିସନ୍ ପାଇଁ ପରଘରେ ମୂଲ



**ଆର୍ଥିକ ଅନଟନରେ ଶିକ୍ଷାର ଆଲୁଅ ଖୋଜୁଛନ୍ତି**

**+୨ କଳାରେ ୮୫ ପ୍ରତିଶତ ମାର୍କ ରଖିଥିଲେ**

**ମୂଲ ଲାଗିବା ସହ ଛେଳି ଚରାଇ ଭବିଷ୍ୟତକୁ ସାକାର କରିବାକୁ ସ୍ୱପ୍ନ**

■ କେନ୍ଦୁଝର/ତେଲକୋଇ, ୭।୬ (ସମିସ): ଘର ପାଖରେ ଜଙ୍ଗଲ। ସେଠାରେ ଏକ ଦରଭଙ୍ଗା ଗଛ ଉପରେ ବସିଛନ୍ତି ଜଣେ ଛାତ୍ର। ଏକାଗ୍ର ଚିତ୍ତରେ ପାଠ ପଢୁଛନ୍ତି। ଘରୁ ବାହରି ଜଙ୍ଗଲରେ ଛେଳି ଚରାଇବା ସହ ସେଠାରେ ବସି ପାଠ ମଧ୍ୟ ପଢୁଛନ୍ତି। ଏଥିସହ ପରଘରେ ମୂଲ ଲାଗି ନିଜ +୩ ଆଡମିସନ୍ ପାଇଁ ସେ ଟଙ୍କା ଯୋଗାଡ଼ କରୁଛନ୍ତି। ଏ ହେଉଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ପଞ୍ଚାୟତ ସୁଡ଼ଙ୍ଗ ଗାଁର ମାନସ ଦେହୁରୀଙ୍କର କରୁଣ କାହାଣୀ।

ମାନସ ଜଣେ ମେଧାବୀ ଛାତ୍ର। ସେ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଏ ବର୍ଷ ୮୫ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ମାନସଙ୍କ ବାପା ବେଣୁଧର ଆରପାରିକୁ ଚାଲିଯିବା ପରେ ତାଙ୍କ ଘରର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ବଡ଼ଭାଇ ଟୁକୁନା ବାହାରେ ଦାଦନ ଖଟୁଛନ୍ତି। ଆଗକୁ ପ୍ରଶାସନିକ ସେବାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ମାନସ ନିଜର +୩ ଆଡ଼ମିସନ୍ ପାଇଁ ଛେଳି ଚରାଇବା ସହିତ ପର ଘରେ ମୂଲ ଲାଗୁଛନ୍ତି। ସରକାର ତାଙ୍କ ପ୍ରତି ସହାୟତାର ହାତ ବଢ଼ାଇଲେ ମାନସ ତାଙ୍କ ସ୍ୱପ୍ନ ସାକାର କରିପାରିବେ ବୋଲି କହିଛନ୍ତି। ୨୦୨୪ ମସିହାରେ କାଦକଳା ଉଚ୍ଚବିଦ୍ୟାଳୟରୁ ସେ ୭୦% ମାର୍କ ରଖି ମାଟ୍ରିକ ପାସ୍ କରିଥିଲେ। ଏହାପରେ ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୮୫ ପ୍ରତିଶତ ମାର୍କ ରଖି +୨ ପାସ୍ କଲେ। +୨ ପରୀକ୍ଷା ସମୟରେ ବାପା ବେଣୁଧର ଆରପାରିକୁ ଚାଲିଗଲେ। ତେଣୁ ଅର୍ଥ ଅଭାବରୁ ବଡ଼ଭାଇ ପାଠ ଛାଡ଼ି ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ତେବେ ପାଠପଢ଼ି ପ୍ରଶାସନିକ ସେବାରେ ନିଜକୁ ନିୟୋଜିତ କରିବାକୁ ଲକ୍ଷ୍ୟ ରଖିଥିବା ମାନସ ଅର୍ଥ ▶ପୃଷ୍ଠା-୭

## ଅଭୟାରଣ୍ୟରେ ୮ଟି ଏସୀୟ ସିଂହ ଛୁଆଙ୍କ ମୃତ୍ୟୁ

### ସଂକ୍ରମଣ ନୁହେଁ; ପ୍ରଚଣ୍ଡ ଗରମ ସାଜିଲା କାଳ

ଗାନ୍ଧୀନଗର,୭ ।୬(ଏଜେନ୍ସି): ଗୁଜରାଟର ପ୍ରସିଦ୍ଧ ଗିର୍ ଅଭୟାରଣ୍ୟରେ ୮ଟି ଏସୀୟ ସିଂହ ଛୁଆଙ୍କ ମୃତ୍ୟୁ କୌଣସି ଭୂତାଣୁ କିମ୍ବା 'ବାବେସିଆ' ସଂକ୍ରମଣ ଯୋଗୁଁ ହୋଇନାହିଁ, ବରଂ ପ୍ରଚଣ୍ଡ ଗରମ ଏବଂ ଅଂଶୁଘାତ ଜନିତ ଦୁର୍ବଳତା ଯୋଗୁଁ ହୋଇଛି ବୋଲି ରାଜ୍ୟ ବନ ମନ୍ତ୍ରୀ ଅର୍ଜୁନ ମୋଢ଼ବାଡ଼ିଆ ସୂଚନା ଦେଇଛନ୍ତି । କମ୍ ରୋଗ ପ୍ରତିରୋଧକ ଶକ୍ତି ଥିବା ସିଂହ ଛୁଆମାନେ ଏହି ଅତ୍ୟଧିକ ଉତ୍ତାପ ସହ୍ୟ କରିନପାରି ପ୍ରାଣ ହରାଇଛନ୍ତି । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଏହି ଘଟଣା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅସୁସ୍ଥ ଥିବା ୧୭ଟି ସିଂହଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇ ଚିକିତ୍ସା କରାଯାଉଥିଲା । ସେମାନଙ୍କ ମଧ୍ୟରୁ ୧୨ଟି ସିଂହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପୁଣି ଜଙ୍ଗଲକୁ ଛାଡ଼ି ଦିଆଯାଇଛି ଏବଂ ବାକି ୫ଟି ସିଂହ ମଧ୍ୟ ଶୀଘ୍ର ସୁସ୍ଥ ହୋଇ ନିଜ ପ୍ରାକୃତିକ ବାସସ୍ଥଳୀକୁ



ଫେରିବେ । ସିଂହମାନଙ୍କ ସୁରକ୍ଷା ପାଇଁ ଆଖପାଖ ଅଞ୍ଚଳର ପ୍ରାୟ ୬୦୦ ସିଂହଙ୍କୁ ପରଜୀବୀ ମୁକ୍ତ ଅର୍ଥାତ ଡିୱାର୍ମିଂ କରାଯାଇଛି ।

## ସୁରଟରେ ସେପ୍ଟିକ୍ ଟାଙ୍କି ସଫା ବେଳେ ୪ ଜଣଙ୍କ ମୃତ୍ୟୁ

ସୁରଟ, ୭।୬ (ଏଜେନ୍ସି): ଗୁଜରାଟର ସୁରଟ ସହରରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । ଅଶ୍ୱିନୀ କୁମାର ଅଞ୍ଚଳରେ ଥିବା ଏକ ଅଳଙ୍କାର ନିର୍ମାଣ କାରଖାନାର ସେପ୍ଟିକ୍ ଟାଙ୍କି ସଫା କରିବାକୁ ଭିତରକୁ ପଶିଥିବା ୩ ଜଣ ଶ୍ରମିକ ଏବଂ ଜଣେ ସୁପରଭାଇଜରଙ୍କର ବିଷାକ୍ତ ଗ୍ୟାସ୍ ଶ୍ୱାସରୁଦ୍ଧ ହେବା ଯୋଗୁଁ ମୃତ୍ୟୁ ଘଟିଛି । ପୋଲିସ ଡିସିପି ଆଲୋକ କୁମାରଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ ଶ୍ରମିକମାନେ କୌଣସି



ସୁରକ୍ଷା ଉପକରଣ ବିନା ଟାଙ୍କି ଭିତରକୁ ପ୍ରବେଶ କରିଥିଲେ । ଭିତରେ ସେମାନେ ଅଚେତ ହୋଇ ପଡ଼ିଯିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଡାକ୍ତରଖାନା ନେଇଥିଲା, ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ସୁରକ୍ଷା ନିୟମର ଉଲ୍ଲଂଘନ ଏବଂ କାହାର ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଲା, ସେ ନେଇ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ଟ୍ରମ୍ପଙ୍କ ଉପରେ ଇସ୍ରାଏଲର ଗୁଇନ୍ଦାଗିରି

ୱାସିଂଟନ,୭ ।୬(ଏଜେନ୍ସି):

ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ଦୀର୍ଘ ଦିନର ସାମରିକ ବନ୍ଧୁତା ମଧ୍ୟରେ ଏବେ ଏକ ବଡ଼ ଧରଣର ବିବାଦ ସାମ୍ନାକୁ ଆସିଛି । ଇରାନ ସହିତ ଆମେରିକାର ଚାଲିଥିବା ଗୁପ୍ତ ବୁଝାମଣା ଏବଂ ଆଲୋଚନା ଉପରେ ନଜର ରଖିବା ପାଇଁ ଇସ୍ରାଏଲର ଗୁପ୍ତଚର ସଂସ୍ଥାଗୁଡ଼ିକ ଆମେରିକାର ବରିଷ୍ଠ ଅଧିକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ନେଇ ଆମେରିକା ଗୁପ୍ତଚର ବିଭାଗ ଆଶଙ୍କା

**ଗୁଇନ୍ଦା ସଂସ୍ଥାର ଚେତାବନୀ**

**ଇରାନ ବୁଝାମଣା କମିଟି ସଭ୍ୟଙ୍କ ଉପରେ ନଜର**


ପ୍ରକଟ କରିଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ଆମେରିକାର ସୁରକ୍ଷା ବ୍ୟବସ୍ଥାରେ ଚାଞ୍ଚଲ୍ୟ ଖେଳିଯାଇଛି । ଆମେରିକାର ପ୍ରତିରକ୍ଷା ଗୁପ୍ତଚର ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଏକ ଗୁପ୍ତ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପକ୍ଷରୁ ସୁରକ୍ଷା ପ୍ରତି ଥିବା ବିପଦର ମାତ୍ରାକୁ "ଉଚ୍ଚ' ଶ୍ରେଣୀରୁ ବଢ଼ାଇ "ସଂକଟଜନକ' ସ୍ତରକୁ ନିଆଯାଇଛି । ବିଶେଷ କରି ଇରାନ ସହିତ ଆଲୋଚନା କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଖ୍ୟ ପ୍ରତିନିଧି ଷ୍ଟିଭ୍ ୱିଟକଫ୍, ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଏଲବ୍ରିଜ୍ କୋଲବି ଏବଂ ମାଇକେଲ୍ ଡିମିନୋଙ୍କ ଭଳି ଶୀର୍ଷ



ନେତାମାନଙ୍କ ଗତିବିଧି ଏବଂ ବାର୍ତ୍ତାଳାପ ଉପରେ ନଜର ରଖାଯାଉଥିବା ଅଭିଯୋଗ ହୋଇଛି । ଇସ୍ରାଏଲରେ କାର୍ଯ୍ୟରତ ଆମେରିକାର ପ୍ରତିରକ୍ଷା କର୍ମଚାରୀଙ୍କ ମୋବାଇଲ୍ ଫୋନରେ ବାର୍ତ୍ତାଳାପ ରେକର୍ଡ କଲାଭଳି କିଛି ସନ୍ଦେହଜନକ ସଫ୍ଟୱେର୍ ମିଳିବା ପରେ ଏହି ସନ୍ଦେହ ଆହୁରି ଦୃଢ଼ ହୋଇଛି । ଆମେରିକା ଓ ଇସ୍ରାଏଲ ପରସ୍ପର ବିଷୟରେ ସୂଚନା ସଂଗ୍ରହ କରୁଥିବା କଥା ପୂର୍ବରୁ ଜଣାଥିଲେ ମଧ୍ୟ ଚଳିତ ଥର ଇସ୍ରାଏଲ୍ ସମସ୍ତ ସୀମା ପାର୍ କରିଥିବା ଆମେରିକାର କିଛି ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରକୃତରେ, ଇରାନକୁ ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟ କ'ଣ ରହିଛି ଏବଂ ଆଲୋଚନାରେ ଆମେରିକା କେଉଁ ସର୍ତ୍ତ ରଖୁଛି, ତାହା ଜାଣିବା ପାଇଁ ଇସ୍ରାଏଲ ବ୍ୟାକୁଳ ଅଛି । ଯେଉଁ ସମୟରେ ଟ୍ରମ୍ପ ଇରାନ ସହ ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁଛନ୍ତି, ସେହି ସମୟରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଇରାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ତାହାର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ କରିବା ସପକ୍ଷରେ ରହିଛନ୍ତି । ଏହି ଗୁପ୍ତଚର କାର୍ଯ୍ୟକଳାପ ଯୋଗୁଁ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ଗୁପ୍ତ ତଥ୍ୟ ଆଦାନପ୍ରଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ । ଆମେରିକାର ପ୍ରତିରକ୍ଷା ବିଭାଗ ଏବେ ଇସ୍ରାଏଲକୁ ଦିଆଯାଉଥିବା ସାମରିକ ଓ ଗୁପ୍ତ ସୂଚନା ଉପରେ କିଛି କଟକଣା ଲଗାଇବାକୁ ଚିନ୍ତା କରୁଛି । ତେବେ ଏହି ଘଟଣାକୁ ନେଇ ଦୁଇ ପକ୍ଷରୁ ମତାମତ ମଧ୍ୟ ଆସିଛି । ତେବେ ଆମେରିକାର ଜଣେ ପ୍ରତିନିଧି ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି । ସେହିପରି ୱାଶିଂଟନରେ ଥିବା ଇସ୍ରାଏଲ ଦୂତାବାସ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି । ଇସ୍ରାଏଲ କେବେହେଲେ ନିଜର ବନ୍ଧୁରାଷ୍ଟ୍ର ଉପରେ ଗୁପ୍ତଚର ବୃତ୍ତି କରେ ନାହିଁ ଏବଂ ତାଙ୍କର ସମସ୍ତ ଗୁପ୍ତଚର କାର୍ଯ୍ୟ କେବଳ ଶତ୍ରୁ ଦେଶମାନଙ୍କ ବିରୋଧରେ ଉଦ୍ଦିଷ୍ଟ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଆମେରିକାରେ ଭାରତୀୟ ଯୁବକଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ, ୭।୬(ଏଜେନ୍ସି): ଆମେରିକାର ଫିଲାଡେଲଫିଆରେ ଜଣେ ୨୮ ବର୍ଷୀୟ ଭାରତୀୟ ଯୁବକଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରାଯାଇଛି । ମୃତ ଯୁବକ ଜଣକ ହେଲେ ତେଲେଙ୍ଗାନାର ଅଂଶୁଲ କୁଞ୍ଜା । ସେ ସେଠାରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରିବା ସହ ଅଧିକ ରୋଜଗାର ପାଇଁ ସପ୍ତାହନ୍ତରେ ପାର୍ଟ-ଟାଇମ୍ ପିଜା ଡେଲିଭରି କାମ କରୁଥିଲେ । ଗତ ଶନିବାର ରାତିରେ ଏକ ନିଛାଟିଆ ସ୍ଥାନରୁ ଆସିଥିବା ପିଜା ଅର୍ଡର ପହଞ୍ଚାଇବାକୁ ଅଂଶୁଲ ସେଠାକୁ ଯାଇଥିଲେ । ସେଠାରେ ପୂର୍ବରୁ ଲୁଚି ରହିଥିବା ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଏକାଧିକ ଗୁଳି କରି ଫେରାର ହୋଇଯାଇଥିଲା । ତେବେ ଅଂଶୁଲଙ୍କ ପାଖରୁ କୌଣସି ଜିନିଷ ଚୋରି ହୋଇନଥିବାରୁ, ଏହା ଏକ ପୂର୍ବ ପ୍ରସ୍ତୁତ ଯୋଜନାବଦ୍ଧ ହତ୍ୟାକାଣ୍ଡ



ବୋଲି ସନ୍ଦେହ କରାଯାଉଛି । ଅଂଶୁଲଙ୍କ ଭଉଣୀ ତନଭୀ ଅଭିଯୋଗ କରିଛନ୍ତି ଯେ, ଏହି ପିଜା ଅର୍ଡରଟି କେବଳ ତାଙ୍କ ଭାଇଙ୍କୁ ଜାଲରେ ଫସାଇ ହତ୍ୟା କରିବା ପାଇଁ କରାଯାଇଥିଲା । ସେ ଭାବପ୍ରବଣ ହୋଇ ଅନ୍ୟ ପିତାମାତାଙ୍କୁ ନିଜ ପିଲାମାନଙ୍କୁ ଆମେରିକା ନ ପଠାଇବାକୁ ଅନୁରୋଧ କରିଛନ୍ତି । ଅଂଶୁଲ ହାଇଦ୍ରାବାଦରୁ ବି.ଟେକ୍ ସାରି ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ଏହି ଦୁଃଖଦ ଘଟଣା ପରେ ସେଠାରେ ଥିବା ତେଲୁଗୁ ସମ୍ପ୍ରଦାୟ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ସଙ୍ଗୀତ କାର୍ଯ୍ୟକ୍ରମରେ ଅତ୍ୟଧିକ ମଦ୍ୟପାନ: ଯୁବକ ମୃତ, ମହିଳା ଗୁରୁତର

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ମୁମ୍ବାଇର ୱର୍ଲି ଅଞ୍ଚଳରେ ଆୟୋଜିତ ଏକ ସଙ୍ଗୀତ କାର୍ଯ୍ୟକ୍ରମ (କନସର୍ଟ)ରେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତ ଯୁବକ ଜଣକ ମାହିମ ଅଞ୍ଚଳର ବୃଷଭ ଗାଙ୍ଗୁର୍ଡେ ବୋଲି ଜଣାପଡ଼ିଛି । ପୋଲିସ ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଏନଏସସିଆଇ ଡୋମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତ୍ୟଧିକ ଗହଳି ଯୋଗୁଁ ଉଭୟ ଅସୁସ୍ଥ ଅନୁଭବ କରିଥିଲେ । ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, ହେଲେ ସେଠାରେ ଡାକ୍ତର ବୃଷଭଙ୍କୁ ମୃତ ଘୋଷଣା କରିଥିଲେ । ପ୍ରାଥମିକ ତଦନ୍ତରୁ ଏହା ହୃଦଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆୟୋଜକଙ୍କ ସମେତ ୮ ଜଣଙ୍କୁ ପଚରାଉଚରା କରୁଛି ।

## ଦୁବାଇରେ ହସ୍ପିଟାଲ୍ ବନ୍ଦ; ଜୀବିକା ହରାଉଛନ୍ତି କେରଳର ଶହ ଶହ ନର୍ସ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା କାରଣରୁ ଦୁବାଇରେ ଥିବା ଇରାନୀ ହସ୍ପିଟାଲ୍ ହଠାତ୍ ବନ୍ଦ ହୋଇଯାଇଛି । ଫଳରେ ସେଠାରେ କାର୍ଯ୍ୟରତ ଶହ ଶହ ଭାରତୀୟ ସ୍ୱାସ୍ଥ୍ୟକର୍ମୀ, ବିଶେଷ କରି କେରଳର



ନର୍ସମାନେ ବର୍ତ୍ତମାନ ଚାକିରି ହରାଇବା ସହ ଭିସା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହି ମାନବୀୟ ସଙ୍କଟର ସମାଧାନ ପାଇଁ କେରଳର ମୁଖ୍ୟମନ୍ତ୍ରୀ ଭିଡି ସତୀଶନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଜରୁରୀ ହସ୍ତକ୍ଷେପ ଲୋଡ଼ିଛନ୍ତି । ଚିଠିରେ ଦର୍ଶାଯାଇଛି ଯେ, ବହୁ ବର୍ଷ ଧରି ସେଠାରେ ରହି ସେବା ଯୋଗାଇ ଆସୁଥିବା ମାଲାୟାଲୀ ପରିବାରଗୁଡ଼ିକ ଏବେ ଆର୍ଥିକ ଓ ମାନସିକ ଚିନ୍ତାରେ ଅଛନ୍ତି । ନୂତନ ଚାକିରି ପାଇବା କିମ୍ବା ପରିବାର ପାଇଁ ଭିସା ସଂପ୍ରସାରଣ କରିବାରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଓ ଦୂତାବାସ ଜରିଆରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସରକାରଙ୍କ ସହ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

## ଆମ ଦୟାରେ ବିଜୟଙ୍କ ସରକାର; ୩ ମାସ ବି ଚାଲିବନି: ଷ୍ଟାଲିନ୍


ଚେନ୍ନଇ, ୭।୬ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏବେ ବାକ୍‌ଯୁଦ୍ଧ ତେଜିବାରେ ଲାଗିଛି । ଡିଏମକେ ସୁପ୍ରିମୋ ଏମକେ ଷ୍ଟାଲିନ୍ ରବିବାର ଦିନ ଅଭିନେତାରୁ ନେତା ସାଜିଥିବା ମୁଖ୍ୟମନ୍ତ୍ରୀ ବିଜୟଙ୍କ



ଦଳ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ସରକାରଙ୍କ ସ୍ଥାୟୀତ୍ୱ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ବିଜୟଙ୍କ ସରକାର ୩ ମାସ ମଧ୍ୟ ତିଷ୍ଠି ପାରିବ କି ନାହିଁ, ସେ ନେଇ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଗଲାଣି ବୋଲି ଷ୍ଟାଲିନ୍ କହିଛନ୍ତି । ଷ୍ଟାଲିନ୍ କହିଛନ୍ତି ଯେ, ନୂଆ ସରକାର ଗଠନ ହେବା ପରେ ଆମେ ପ୍ରଥମ ୬ ମାସ ପର୍ଯ୍ୟନ୍ତ କୌଣସି ସମାଲୋଚନା ନକରିବାକୁ ନିଷ୍ପତ୍ତି ନେଇଥିଲୁ । କିନ୍ତୁ ସେହି ସମୟ ସରିବା ପୂର୍ବରୁ ହିଁ ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ, ଲୋକେ ଏହି ସରକାରର ଆୟୁଷକୁ ନେଇ ସନ୍ଦେହ କରୁଛନ୍ତି । ଏହାପୂର୍ବରୁ ମେ ମାସରେ ମଧ୍ୟ ଷ୍ଟାଲିନ୍ ଅଭିଯୋଗ କରିଥିଲେ ଯେ, ଟିଭିକେ କୌଣସି ଦୃଢ଼ ସାଂଗଠନିକ ଭିତ୍ତିଭୂମି ବିନା କେବଳ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ବଳରେ କ୍ଷମତାକୁ ଆସିଛି । ସେମାନେ ଭୋଟରଙ୍କୁ ଭେଟିନାହାନ୍ତି କିମ୍ବା ବୁଥ୍ ଏଜେଣ୍ଟ ମଧ୍ୟ ନିଯୁକ୍ତ କରିନାହାନ୍ତି, ତଥାପି ସରକାର ଗଢ଼ିଛନ୍ତି । ଷ୍ଟାଲିନ୍ କହିଛନ୍ତି ଯେ, ଡିଏମକେ ୨୦୨୪ ଲୋକସଭା ନିର୍ବାଚନ ପରଠାରୁ ହିଁ ସମସ୍ତ ଗ୍ରାଉଣ୍ଡ ୱର୍କ ଏବଂ କ୍ୟାମ୍ପେନ ଜାରି ରଖିଥିଲା ।

## ହର୍ମୁଜ୍‌ରେ ଇରାନର ଡ୍ରୋନ୍‌କୁ ଖସାଇଲା ଆମେରିକା

ଦୁବାଇ,୭ ।୬(ଏଜେନ୍ସି): ସଂଘର୍ଷପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଆନ୍ତର୍ଜାତୀୟ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ବିପଦ ସୃଷ୍ଟି କରୁଥିବା ଇରାନର ଦୁଇଟି ଆଟାକ୍ ଡ୍ରୋନ୍‌କୁ ଆମେରିକୀୟ ସେନା ଗୁଳି କରି ଖସାଇ ଦେଇଛି । ମଧ୍ୟ-ପ୍ରାଚ୍ୟରେ ଆମେରିକାର ସାମରିକ ଗତିବିଧି ଉପରେ ନଜର ରଖୁଥିବା 'ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ' (ସେଣ୍ଟକମ୍) ଶନିବାର ବିଳମ୍ବିତ ରାତିରେ ଏହି ସୂଚନା ଦେଇଛି । ଏହାପୂର୍ବରୁ ମଧ୍ୟ ଆମେରିକା ଇରାନର ୪ଟି ଡ୍ରୋନ୍‌କୁ ନଷ୍ଟ କରିବା ସହ ତା'ର ଉପକୂଳ ରାଡାର କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଥିଲା । ବିଗତ ୩ ମାସ ହେବ ଚାଲିଥିବା ଏହି ଯୁଦ୍ଧକୁ ରୋକିବା ପାଇଁ ଗୋଟିଏ ପଟେ ୱାଶିଂଟନ ଏବଂ ଟେହେରାନ ମଧ୍ୟରେ ପରୋକ୍ଷ ଶାନ୍ତି ଆଲୋଚନା ଜାରି ରହିଛି, ହେଲେ ଅନ୍ୟପଟେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ତେଜିବାରେ ଲାଗିଛି । ଶନିବାର ଦିନ ଇରାନ ପକ୍ଷରୁ ଆମେରିକାର ମିତ୍ର ଦେଶ ବାହାରିନ



ଏବଂ କୁଏତ ଉପରକୁ ମଧ୍ୟ ଅନେକ ମିସାଇଲ ମାଡ଼ କରାଯାଇଛି । ଯୁଦ୍ଧ ପୂର୍ବରୁ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ଏହି ହର୍ମୁଜ୍ ପ୍ରଣାଳୀ ଦେଇ ହେଉଥିଲା । କିନ୍ତୁ ବର୍ତ୍ତମାନ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ସମ୍ପୂର୍ଣ୍ଣ ଅବରୋଧ କରି ରଖିଛି, ଯାହାକୁ ନେଇ ବିଶ୍ୱ ବଜାରରେ ଚିନ୍ତା ବଢ଼ିଛି । ଇରାନ ନିଜ ଉପରୁ ଆମେରିକାର କଟକଣା ହଟାଇବା, ବ୍ୟାନ୍ ହୋଇଥିବା ବିଲିୟନ ଡଲାରର ତେଲ ରାଜସ୍ୱ ଫେରସ୍ତ ପାଇବା ଏବଂ ଏହି ଜଳପଥ ଉପରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଜିଦ୍ ଧରିଛି ।

## ଦିଲ୍ଲୀରେ ମମତା, ଅଭିଷେକ | ଅସନ୍ତୁଷ୍ଟ ସାଂସଦଙ୍କ ଉପରେ ନଜର

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଲୋକସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ବିଦ୍ରୋହ ତେଜିବାରେ ଲାଗିଛି । ପଶ୍ଚିମବଙ୍ଗ ବିଧାନସଭା ପରେ ଏବେ ଦଳର କେତେକ ସାଂସଦ ମଧ୍ୟ ଅଲଗା ଗୋଷ୍ଠୀ ଗଠନ ପାଇଁ ସମର୍ଥନ ଜୁଟାଉଥିବା ଖବର ମିଳିଛି । ତେବେ ଟିଏମସି ନେତୃତ୍ୱ ଚେତାବନୀ ଦେଇଛନ୍ତି ଯେ, ଦଳବଦଳ ବିରୋଧୀ ଆଇନ ଯୋଗୁଁ ସାଂସଦମାନଙ୍କ ପାଇଁ ଏଭଳି କରିବା ଆଦୌ ସହଜ ହେବନାହିଁ । ଲୋକସଭାରେ ଟିଏମସିର ୨୮ ଜଣ ସଦସ୍ୟ ଅଛନ୍ତି । ଆଇନ ଅନୁଯାୟୀ, ଦଳରୁ ଅଲଗା ହେବା ପାଇଁ ଅତିକମରେ ଦୁଇ-ତୃତୀୟାଂଶ ଅର୍ଥାତ୍ ୧୯ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ । କିନ୍ତୁ ବରିଷ୍ଠ ନେତାଙ୍କ କହିବା କଥା ଯେ, ଯଦି ୧୯ ଜଣ ସାଂସଦ ଅଲଗା ମଧ୍ୟ ହୁଅନ୍ତି, ତଥାପି



ସେମାନେ ସ୍ୱତନ୍ତ୍ର ଗୋଷ୍ଠୀ ଭାବେ ରହିପାରିବେ ନାହିଁ, ବରଂ ସେମାନଙ୍କୁ ଅନ୍ୟ କୌଣସି ଦଳ ସହ ମିଶ୍ରଣ କରିବାକୁ ପଡ଼ିବ । ରାଜ୍ୟସଭାରେ ମଧ୍ୟ ଦଳର ୧୩ ଜଣ ସଦସ୍ୟ ଅଛନ୍ତି । ଗତ ସପ୍ତାହରେ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୫୮ ଜଣ (ଦୁଇ-ତୃତୀୟାଂଶରୁ ଅଧିକ) ଦଳରୁ ଅଲଗା ହୋଇ ବହିଷ୍କୃତ ନେତା ରିତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବେ ମାନ୍ୟତା ହାସଲ କରିଛନ୍ତି । ଏହି ସଂକଟ ଜନକ ସ୍ଥିତିର ସମୀକ୍ଷା କରିବା ପାଇଁ ଏବଂ ସୋମବାର ହେବାକୁ ଥିବା ବିରୋଧୀ ମେଣ୍ଟର ବୈଠକ ପାଇଁ ଟିଏମସି ମୁଖ୍ୟ ମମତା ବାନାର୍ଜୀ ଏବଂ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।

## ୨୮୬୦ ନାଗରିକଙ୍କ ପରିଚୟ ଯାଞ୍ଚ କରିବ ବାଂଲାଦେଶ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଭାରତରେ ବେଆଇନ ଭାବେ ରହୁଥିବା ୨୮୬୦ ରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ନାଗରିକଙ୍କ ପରିଚୟ ଯାଞ୍ଚ କରିବା ପାଇଁ ଭାରତ ସରକାର ବାଂଲାଦେଶକୁ ଅନୁରୋଧ କରିଛନ୍ତି । ସେମାନଙ୍କର ନାଗରିକତ୍ୱ ସ୍ପଷ୍ଟ



ହେବା ପରେ ସେମାନଙ୍କୁ ନିଜ ଦେଶକୁ ଫେରସ୍ତ ଅର୍ଥାତ ଡିପୋର୍ଟ କରାଯିବ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ସୂଚନା ଦେଇଛନ୍ତି । ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର 'ଚିହ୍ନଟ, ବାଦ୍ ଏବଂ ବେଦଖଲ' (ଡିଟେକ୍ଟ, ଡିଲିଟ୍ ଏବଂ ଡିପୋର୍ଟ) ନୀତି ଆପଣାଇଥିବାରୁ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଦ୍ୱିପାକ୍ଷିକ ବ୍ୟବସ୍ଥା ଅଧୀନରେ ବାଂଲାଦେଶକୁ ଅନେକ ଅନୁରୋଧ ପଠାଯାଇଛି ଏବଂ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ପାଇଁ ଭାରତ ଆଶା ପ୍ରକଟ କରିଛି, ଯାହାଦ୍ୱାରା ବେଆଇନ ଭାବେ ରହୁଥିବା ଲୋକଙ୍କୁ ସୁରୁଖୁରୁରେ ନିଜ ଦେଶକୁ ପଠାଯାଇପାରିବ ।

## ଭାରତ ସହ ଆଲୋଚନା ସପକ୍ଷରେ ନେପାଳ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଭାରତ ଏବଂ ନେପାଳ ମଧ୍ୟରେ ଥିବା ସୀମା ବିବାଦର ସମାଧାନ ପାଇଁ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ଆବଶ୍ୟକ ନାହିଁ ଏବଂ ଏହା ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମ୍ଭବ ବୋଲି ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ପ୍ରକାଶ କରିଛନ୍ତି । ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ଏହି ବିବାଦରେ ଚୀନ୍ ଏବଂ ବ୍ରିଟେନ୍‌କୁ ସାମିଲ କରିବାକୁ ଦେଇଥିବା ପ୍ରସ୍ତାବକୁ ଭାରତ ପ୍ରତ୍ୟାଖ୍ୟାନ କରିବା ପରେ ବୈଦେଶିକ ମନ୍ତ୍ରୀଙ୍କ ଏହି ବୟାନ ବେଶ୍ ଗୁରୁତ୍ୱ ବହନ କରୁଛି । ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଖାନାଲ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ବ୍ୟାପକ ଆଲୋଚନା କରିବା ପରେ କହିଛନ୍ତି ଯେ, ନେପାଳ ଭାରତକୁ ଆର୍ଥିକ ପ୍ରଗତିର ଏକ ମାଧ୍ୟମ ଭାବେ ଦେଖୁଛି । ବ୍ରିଟେନ୍‌ର ସହାୟତା କେବଳ ସେଠାକାର ଗ୍ରନ୍ଥାଗାରରୁ ଐତିହାସିକ ଦଲିଲ୍ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ଥିଲା, ମଧ୍ୟସ୍ଥତା ପାଇଁ ନୁହେଁ । ଲିପୁଲେଖ, ଲିମ୍ପିୟାଧୁରା ଓ କାଳାପାନି ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ରହିଥିଲେ ହେଁ ଉଭୟ ପକ୍ଷ ଖୋଲା ମନ ଏବଂ ପାରସ୍ପରିକ ସମ୍ମାନର ସହ ବସିଲେ ଯେକୌଣସି ଜଟିଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି ।

## ଉତ୍ସବରେ ଗୁଳିକାଣ୍ଡ; ବିଜେପି ବିଧାୟକ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଉତ୍ସବ ସମୟରେ ଆନନ୍ଦରେ ଫାଙ୍କା ଗୁଳି ଚାଳନା (ସେଲିବ୍ରିଟି ଫାୟାରିଂ) କରିବା ବିହାରର ସାହେବଗଞ୍ଜ ବିଧାୟକ ରାଜୁ କୁମାର ସିଂହଙ୍କୁ ମହଙ୍ଗା ପଡ଼ିଛି । ୨୦୧୮ ମସିହା ନୂତନ ବର୍ଷ ପାର୍ଟିରେ ଗୁଳିଫୁଟାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟାଇବା ମାମଲାରେ ଦିଲ୍ଲୀର ଏକ ଅଦାଲତ ଶନିବାର ଦିନ ବିଜେପି ବିଧାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସନ୍ତା ୯ ଜୁନ୍ ଦିନ ଦଣ୍ଡ ବିଧାନ ଉପରେ ଶୁଣାଣି ହେବ । ଏକ ୯୭ ପୃଷ୍ଠାର ନିର୍ଦ୍ଦେଶନାମାରେ ସ୍ପେଶାଲ କୋର୍ଟ କହିଛନ୍ତି ଯେ, ପାର୍ବଣ ଓ ଉତ୍ସବ ସମୟରେ ଏଭଳି ଆନନ୍ଦ ଉଲ୍ଲାସରେ ଗୁଳି ଚାଳନା କରିବା ଦେଶ ପାଇଁ ଏକ ଅଭିଶାପ । ୨୦୧୮ ଡିସେମ୍ବର ୩୧ ରାତିରେ ଦିଲ୍ଲୀର ଏକ ଫାର୍ମହାଉସରେ ଚାଲିଥିବା ଭିଡ଼ ଭିତରେ ବିଧାୟକ ନିଜର ବନ୍ଧୁକରୁ ଏକାଧିକ ରାଉଣ୍ଡ ଗୁଳି ଚଳାଇଥିଲେ, ଯାହା ଅର୍ଚ୍ଚନା ଗୁପ୍ତା ନାମକ ଜଣେ ମହିଳା ଅତିଥିଙ୍କ ଦେହରେ ବାଜିଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବିଧାୟକଙ୍କୁ ମିଳିଥିବା ବନ୍ଧୁକ ଲାଇସେନ୍ସ କେବଳ କ୍ରୀଡ଼ା, ଆତ୍ମରକ୍ଷା କିମ୍ବା ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ଥିଲା । ଏଭଳି ସର୍ବସାଧାରଣ ସ୍ଥାନରେ ଗୁଳି ଫୁଟାଇବା ଆଇନଗତ ନିୟମର ସ୍ପଷ୍ଟ ଉଲ୍ଲଂଘନ ଅଟେ । ତେବେ ପ୍ରମାଣ ଅଭାବରୁ ଅଦାଲତ ବିଧାୟକଙ୍କ ପତ୍ନୀ ରେଣୁ ସିଂହ ଏବଂ ଅନ୍ୟ ଦୁଇଜଣଙ୍କୁ ଦୋଷମୁକ୍ତ କରିଛନ୍ତି ।

## ସିକିମ୍‌ରେ ଅଗ୍ନିକାଣ୍ଡ: ଜଳିଗଲା ପୁରାତନ ବୌଦ୍ଧ ମଠ

ଗାଙ୍ଗଟକ୍,୭ ।୬(ଏଜେନ୍ସି): ଉତ୍ତର ସିକିମ୍‌ର ଲାଚେନ୍ ଅନ୍ତର୍ଗତ ଥଙ୍ଗୁ ଅଞ୍ଚଳରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ପ୍ରାୟ ୬୦ ବର୍ଷର ପୁରାତନ 'ଥଙ୍ଗୁ ସେରଡୋକ୍ ଗୁମ୍ପା' ବୌଦ୍ଧ ମଠ ଏବଂ ଏହା ସହିତ ଲାଗିରହିଥିବା ଦୁଇଟି ଆବାସିକ ଘର ସମ୍ପୂର୍ଣ୍ଣ ରୂପେ ପୋଡ଼ି ପାଉଁଶ ହୋଇଯାଇଛି । ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । ନିଆଁ ଏତେ ଶୀଘ୍ର ବ୍ୟାପିଯାଇଥିଲା ଯେ ମଠ ଭିତରେ ଥିବା କୌଣସି ବି ପବିତ୍ର ଧାର୍ମିକ ସାମଗ୍ରୀ, ମୂର୍ତ୍ତି କିମ୍ବା ପ୍ରାଚୀନ ଶାସ୍ତ୍ରଗୁଡ଼ିକୁ ଉଦ୍ଧାର କରାଯାଇ ପାରିନାହିଁ । ଭୌଗୋଳିକ ଦୁର୍ଗମତା ଯୋଗୁଁ ସେଠାରେ ଦମକଳ ଗାଡ଼ି ପହଞ୍ଚି ପାରିନଥିଲା, ଫଳରେ ସ୍ଥାନୀୟ ଲୋକେ ନିଜେ ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ । ଏହି ଘଟଣାରେ କେହି ମୃତାହତ ହୋଇନଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସାଂସ୍କୃତିକ ଓ ଆଧ୍ୟାତ୍ମିକ କେନ୍ଦ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ହ୍ୱାଟ୍ସଆପ୍‌ରେ 'ତିନି ତଲାକ': ସ୍ୱାମୀଙ୍କ ବିରୋଧରେ ମାମଲା

ଜୟପୁର,୭ ।୬(ଏଜେନ୍ସି): ରାଜସ୍ଥାନର ବାଂଶୱାଡ଼ା ଜିଲ୍ଲାରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହ୍ୱାଟ୍ସଆପ୍ ମାଧ୍ୟମରେ 'ତିନି ତଲାକ' ଦେଇଥିବା ଅଭିଯୋଗ ହୋଇଛି । କୁଏତରେ ଚାକିରି କରୁଥିବା ଆଶିକ ଇକବାଲ ନାମକ ଜଣେ ବ୍ୟକ୍ତି ଗତ ମେ ୧୭ ତାରିଖରେ ନିଜ ପତ୍ନୀଙ୍କୁ ଏହି ମେସେଜ୍ ପଠାଇ ସମ୍ପର୍କ ଛିନ୍ନ କରିବାକୁ ଚେଷ୍ଟା କରିଥିଲେ । ଏହା ପରେ ପୀଡ଼ିତା ମହିଳା ଜଣକ ମହିଳା ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ସେ ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଆସୁଥିଲେ ଏବଂ ବର୍ତ୍ତମାନ ନିଜର ଦୁଇ ପୁଅଙ୍କ ସହ ଅଲଗା ରହୁଛନ୍ତି । ସୂଚନାଯୋଗ୍ୟ ଯେ, ଭାରତରେ ୨୦୧୯ ମସିହାରୁ ମୁସଲିମ୍ ମହିଳା ଆଇନ (ବିବାହ ଅଧିକାର ସୁରକ୍ଷା) ଅଧୀନରେ ତିନି ତଲାକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବେଆଇନ ଏବଂ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରାଯାଇଛି । ଅଭିଯୁକ୍ତ ସ୍ୱାମୀ ବର୍ତ୍ତମାନ ବିଦେଶରେ ରହୁଥିବାରୁ, ପୋଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ତାଙ୍କୁ ନୋଟିସ୍ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।





ରବିବାର ଅପରାହ୍ନରେ କାଳବୈଶାଖୀ ବର୍ଷାରେ ବେହାଲ କଟକର ରାଜପଥ ଓ ଜନବସତି

# ୫ ବର୍ଷର ଶିଶୁକୁ ମିଠାରେ ବିଷ ଦେଇଦେଲେ ପଡ଼ୋଶୀ

ସାଲେପୁର, ୭।୬ (ସମିସ): ପୂର୍ବ ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ଜଣେ ୫ବର୍ଷର ନିଷ୍ପାପ ଶିଶୁପୁତ୍ରକୁ ପଡ଼ୋଶୀ ଖାଇବାରେ ବିଷ ଦେଇ ମାରିଦେବାକୁ ଚେଷ୍ଟା କରିବା ଭଳି ଏକ ଅତି ଅମାନୁଷିକ ଘଟଣା ସାଲେପୁର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏ ନେଇ ସାଲେପୁର ଥାନାରେ ଏକ ଲିଖିତ



## କଟକ ଶିଶୁଭବନ ଆଇସିୟୁରେ ଚାଲିଛି ଶିଶୁପୁତ୍ରର ଚିକିତ୍ସା

ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ, ବିଷାକ୍ତ ମିଠା ଖାଇ ଗୁରୁତର ହୋଇପଡ଼ିଥିବା ଶିଶୁପୁତ୍ରଟି ଦୀର୍ଘ ୧୭ଦିନରୁ ଊର୍ଦ୍ଧ୍ୱ ସମୟ ହେବ କଟକ ଶିଶୁଭବନର ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛି।

ଅଭିଯୋଗ ଅନୁଯାୟୀ, ସାଲେପୁର ଥାନା ଅନ୍ତର୍ଗତ ବାହାବଳପୁର ଗ୍ରାମର ରୋହିତ କୁମାର ମଲ୍ଲିକଙ୍କ ୫ ବର୍ଷର ପୁଅ ଦିବ୍ୟରଞ୍ଜନ ମଲ୍ଲିକ ଗତ ମେ' ୨୨ ତାରିଖ ସକାଳେ ଘରସାମ୍ନା ଦାଣ୍ଡରେ ଖେଳୁଥିଲା। ଏହି ସମୟରେ ପୂର୍ବରୁ ପାରିବାରିକ ବିବାଦ ଥିବା ପଡ଼ୋଶୀ ଲିପି ଦାସ, ତାଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ଦାସ ଏବଂ ଅନ୍ୟ ୩ ଜଣ ମିଶି ଦିବ୍ୟରଞ୍ଜନକୁ ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକିଥିଲେ ଏବଂ ଖାଇବାକୁ ମିଠା ଦେଇଥିଲେ। ମିଠା ଖାଇବାର କିଛି ସମୟ ପରେ ଶିଶୁଟି ପ୍ରବଳ ମାତ୍ରାରେ ବାନ୍ତି କରି ଅଚେତ ହୋଇପଡ଼ିଥିଲା। ପରିବାରଲୋକେ ତୁରନ୍ତ ତାକୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ମାତ୍ର ସେଠାରେ ଅବସ୍ଥା ଅତି ସଂକଟାପନ୍ନ ହେବାରୁ ତାକୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଶିଶୁଟି ଆଇସିୟୁରେ ମୃତ୍ୟୁ ସହ ଲଢ଼େଇ କରୁଛି। ରୋହିତଙ୍କ ପରିବାର ଏବଂ ଲିପି ଦାସଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଚାଲିଥିବାରୁ ପ୍ରତିଶୋଧ ପରାୟଣ ହୋଇ ଶିଶୁଟିକୁ ମିଠାରେ ବିଷ ଦିଆଯାଇଥିବା ନେଇ ଦିବ୍ୟରଞ୍ଜନଙ୍କ ପିତା ରୋହିତ ମଲ୍ଲିକ ଗତ ମାସ ୩୦ରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ସମ୍ବେଦନଶୀଳ ଘଟଣାକୁ ଗ୍ରହଣ କରି ସାଲେପୁର ଥାନାରେ ନଂ ୩୩୫/୨୬ରେ ଏକ ମାମଲା ରୁଜୁ କରିଛି। ଘଟଣା ପରଠାରୁ ଅଭିଯୁକ୍ତମାନଙ୍କ ଭୂମିକାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

## ବିଜେପିକୁ ନିର୍ବାଚନ ଗ୍ୟାରେଣ୍ଟି ମନେ ପକାଇଦେଲେ ଗାନ୍ଧୀବାଦୀ

# ୨୦୨୯ ବେଳକୁ ରାଜ୍ୟରେ ୮୦ କୋଟି ଲିଟର ମଦ ବନ୍ୟା

- ୨୦୨୦ରେ ୨୦ କୋଟି ଲିଟର ମଦ ବିକ୍ରି, ୨୦୨୫ରେ ୪୦ କୋଟି ଲିଟର
- କେବେ ସାକାର ହେବ ସମ୍ପୂର୍ଣ୍ଣ ନିଶା ମୁକ୍ତ ଓଡ଼ିଶା ସଂକ୍ରାନ୍ତ ବିଜେପି ସଂକଳ୍ପ

ଭୁବନେଶ୍ୱର,୭।୬(ସମିସ): ବିଜେପି ସଂକଳ୍ପ ପତ୍ରରେ ଓଡ଼ିଶାକୁ ନିଶାମୁକ୍ତ କରାଯିବ ବୋଲି ଘୋଷଣା ହୋଇଥିଲା। ୨୦୨୪ ମେ' ୫ ତାରିଖରେ ତତ୍କାଳୀନ ବିଜେପି ଜାତୀୟ ସଭାପତି ଜେପି. ନଡ୍ଡା ଦଳର ସଂକଳ୍ପପତ୍ର ଉନ୍ମୋଚନ କରି ଏହି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଓଡ଼ିଶା ପାଇଁ ଘୋଷିତ ଏହି ଗ୍ୟାରେଣ୍ଟିର ଦୁଇବର୍ଷ ପୂରଣ ହୋଇଥିଲେ ମଧ୍ୟ ଏହା ଆଜିଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାକୁ ନେଇ ବିଶିଷ୍ଟ ଗାନ୍ଧୀବାଦୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସିହ୍ନା କ୍ଷୋଭ ପ୍ରକାଶ କରିଛନ୍ତି ଓ ଚିଠି ଲେଖି ନିର୍ବାଚନ ସଂକଳ୍ପକୁ ମନେ ପକାଇ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସେ ଲେଖିଥିବା ଚିଠିରେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦଳ ଦେଇଥିବା ଗ୍ୟାରେଣ୍ଟି ତଥା ସଂକଳ୍ପ ପତ୍ରର ୩୮ ପୃଷ୍ଠାରେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି ଓ ଧାରା ୪୭କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରାଯିବ ବୋଲି ଉଲ୍ଲେଖ ରହିଥିଲା। ଏହା ସହ ନିଶା ବିରୋଧୀ ସଚେତନତା ସହ ନିଶା ନିବାରଣ କେନ୍ଦ୍ର ସ୍ଥାପନ ପାଇଁ ଉଲ୍ଲେଖ ଥିଲା। ମାତ୍ର ସରକାର ଗଢ଼ିବା ପରେ ନିର୍ବାଚନ ଗ୍ୟାରେଣ୍ଟି ମୁତାବକ ନିଶା ନିବାରଣ କଥାକୁ ଓଡ଼ିଶା ସରକାର ଭୁଲିଯିବା ଭଳି ମନେ ହେଉଛି। ତେଣୁ ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାର 'ଗୁଜରାଟ ଢାଞ୍ଚା'ରେ ଓଡ଼ିଶାରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବାକୁ ସେ ଅନୁରୋଧ କରିଛନ୍ତି ।

ସେ କହିଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟରେ ଲାଇସେନ୍ସ ପ୍ରାପ୍ତ ସଂସ୍ଥାଗୁଡ଼ିକ ମାଧ୍ୟମରେ ପ୍ରାୟ ୨୦ କୋଟି ଲିଟର ମଦ ବିକ୍ରି ହେଉଥିଲା। ମାତ୍ର ୨୦୨୪-୨୫ରେ ଏହାର ପରିମାଣ ୪୦ କୋଟି ୧୭ ଲକ୍ଷ ଲିଟରରୁ ଅଧିକ ଥିବା ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡିଛି। ଏହି ଧାରା ଅବ୍ୟାହତ ରହିଲେ ୨୦୨୯ ବେଳକୁ ବାର୍ଷିକ ପ୍ରାୟ ୮୦ କୋଟି ଲିଟର ମଦ ବନ୍ୟା ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକ ମାଧ୍ୟମରେ ବୋହିବାର ଆଶଙ୍କା ସୃଷ୍ଟି ହୋଇଛି। ଏଯାଏ ଓଡ଼ିଶା ନିଶା ନିବାରଣ ଆଇନ୍-୧୯୫୬କୁ କାର୍ଯ୍ୟକାରୀ ହେଲା ନାହିଁ। ରାଜ୍ୟ ଯୁବ ନୀତିରେ ପୂର୍ବରୁ ଆଲ୍‌କହଲ୍ ମୁକ୍ତ ଗ୍ରାମ ଗଠନ କଥା ଲେଖା ଯାଇଥିଲା, ମାତ୍ର ଏବେ ସରକାର ଆଲ୍‌କହଲ୍ ଓ ଅନ୍ୟାନ୍ୟ ନିଶା ବିକ୍ରି ବଢ଼ାଇ ଚାଲିଛନ୍ତି ବୋଲି ସେ କହିଛନ୍ତି ।

## ମଦ ଛାଡ଼ିବାକୁ ଲଣ୍ଡା ହେଲେ

ଆନନ୍ଦପୁର, ୭।୬ (ସମିସ): ସ୍ୱଇଚ୍ଛାରେ ମଦ ପରିତ୍ୟାଗ କରି ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଲଣ୍ଡା ହୋଇଛନ୍ତି। ଏଥିସହ ନଦୀରେ ବୁଡ଼ ପକାଇ ଗାଁକୁ ମଦମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତ ଜଳସୁଆଁ ଗାଁର ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। କୁଶେଇ ନଦୀରେ ବୁଡ଼ ପକାଇ ଆଗାମୀ ଦିନରେ ମଦ ଛୁଇଁବେ ନାହିଁ ବୋଲି ସେମାନେ ଶପଥ ନେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ସ୍ଥାନୀୟ ଜଳେଶ୍ୱର ଶିବମନ୍ଦିର ସମ୍ମୁଖରେ ପୂଜକ ଶ୍ରୀଧର ମହାପାତ୍ରଙ୍କ



ତତ୍ତ୍ୱାବଧାନରେ ଶପଥ ପାଠ କରିଥିଲେ। ଜଳସୁଆଁ ଗାଁ କିପରି ସମ୍ପୂର୍ଣ୍ଣ ମଦମୁକ୍ତ ହୋଇପାରିବ, ସେଥିପାଇଁ ଘରକୁଘର ବୁଲି ଲୋକଙ୍କୁ ବୁଝାଇବେ ବୋଲି କହିଛନ୍ତି। ମଦ ବିରୋଧରେ ସମସ୍ତେ ଏକାଠି ହେବାକୁ ନାରା ଦେଇଛନ୍ତି। ଗାଁର ସଞ୍ଜୟ ଜେନା, କୃଷ୍ଣଚନ୍ଦ୍ର କୁଅଁର, ହାଡ଼ିବନ୍ଧୁ ରାଉତ, ରଞ୍ଜନ ରାଉତ, ସନାତନ ନାୟକ, ଚଗୁଲୁ ବେହେରା, କେଶବଚନ୍ଦ୍ର ସାହୁ, ଗଣେଶ୍ୱର ସାହୁ, ସନ୍ତୋଷ ବିହାରୀଙ୍କ ଏଭଳି ନିଷ୍ପତ୍ତିକୁ ଗ୍ରାମବାସୀ ସ୍ୱାଗତ କରିବା ସହ ଖୁସିବ୍ୟକ୍ତ କରିଛନ୍ତି। ଯୁବକଙ୍କ ଏଭଳି ପଦକ୍ଷେପ ଆଗାମୀ ଦିନରେ ଜଳସୁଆଁ ଗାଁ ସମେତ ଆଖପାଖ ଅଞ୍ଚଳରେ ମଦ ବିରୋଧରେ ଏକ ସଂଗ୍ରାମୀ ଅଭିଯାନ ଆରମ୍ଭ ହୋଇଥିବା ଚର୍ଚ୍ଚାକୁ ଆସିଛି।

# 'କାନଛିଣ୍ଡା'ରେ ଅନୁଗୋଳର ନରହନ୍ତା ଦନ୍ତା

ବାରିପଦା, ୭।୬ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର କାନଛିଣ୍ଡା ଉଦ୍ଧାର କେନ୍ଦ୍ରରେ ଅନୁଗୋଳର ନରହନ୍ତା ଦନ୍ତା। କରଞ୍ଜିଆ ବନଖଣ୍ଡର ସାତକୋଶିଆ ରେଞ୍ଜ ଦୁଆରଶୁଣୀ ଅଞ୍ଚଳରେ ହାତୀଟିକୁ ଛାଡ଼ିବା ଯୋଜନା ବିଫଳ



ହେବା ପରେ ବନ ବିଭାଗ ତାକୁ ଏଠାରେ ଥଇଥାନ କରିଛି। ଦୀର୍ଘ ୩୬ଘଣ୍ଟା ଧରି ଦନ୍ତାଟି 'ଐରାବତ ରେସକ୍ୟୁ' ଟ୍ରକ୍‌ରେ ରହିବା ପରେ ଦନ୍ତାକୁ ବାରିପଦା ବନଖଣ୍ଡର ବାଙ୍ଗିରିପୋଷି ତାଳବନ୍ଧ ରେଞ୍ଜ କାନଛିଣ୍ଡା ବିଟ୍ ଉଦ୍ଧାର କେନ୍ଦ୍ରକୁ ଆଣି ଚିକିତ୍ସା କରାଯାଉଛି। ହାତୀର ସୁରକ୍ଷା ଓ ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତା'ର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକ ନିୟୋଜିତ ଅଛନ୍ତି। ହାତୀର ଶାରୀରିକ ସମସ୍ୟା ଓ ଅସୁସ୍ଥତାକୁ ଦୂର କରିବା ପାଇଁ ପ୍ରାଥମିକ ଭାବେ ତାର ଉପଯୁକ୍ତ ଚିକିତ୍ସା କରାଯାଉଛି। ହାତୀଟି ଯେପରି ସୁରକ୍ଷିତ ଏବଂ ସୁସ୍ଥ ରହିବ, ସେଥିପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ଶନିବାର କାନଛିଣ୍ଡା ବନ୍ୟଜନ୍ତୁ ଉଦ୍ଧାର କେନ୍ଦ୍ର ପରିଦର୍ଶନ କରିବା ସହ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ହାତୀକୁ ନେଇ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି ଏବଂ ଆଗାମୀ ଦିନରେ ହାତୀର ହିଂସ୍ର ବ୍ୟବହାରରେ କୌଣସି ପରିବର୍ତ୍ତନ ନ ଆସିଲେ, ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଶ୍ରୀ ମାରାଣ୍ଡି ବନ ବିଭାଗ ଅଧିକାରୀଙ୍କ ନିକଟରେ ଦାବି ରଖିଛନ୍ତି।

ଏ ସଂପର୍କରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରିକା ସଞ୍ଜୁକ୍ତା ବସା କହିଛନ୍ତି, ଲୋକଙ୍କ ବିରୋଧ ଯୋଗୁଁ ଦନ୍ତାକୁ ସିନା ସାତକୋଶିଆରୁ କାନଛିଣ୍ଡା ଅଣାଗଲା, କିନ୍ତୁ ସେଠାରେ ସେ ଭଲରେ ରହିଥା'ନ୍ତା। ସାତକୋଶିଆ ଅଞ୍ଚଳରେ ଶିକାରୀ ନାହାନ୍ତି। କିନ୍ତୁ ତାଳବନ୍ଧ ରେଞ୍ଜ ଅଞ୍ଚଳରେ ଶିକାରୀ

## ଅଞ୍ଚଳବାସୀଙ୍କ ସୁରକ୍ଷାକୁ ସୁଦାମଙ୍କ ଗୁରୁତ୍ୱ

ରହିଛନ୍ତି। ହାତୀ ଉତ୍ପାତ ହେଲେ ଲୋକେ କିମ୍ବା ଶିକାରୀ ହାତୀକୁ ଶିକାର କରିଦେବାର ଭୟ ରହିଛି। ହାତୀକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମନରେ ଭୟ ଉପୁଜିବା ସ୍ୱାଭାବିକ। ହାତୀଟିର ସ୍ୱାସ୍ଥ୍ୟ ଓ ମନର ଅବସ୍ଥାକୁ ନିରୀକ୍ଷଣ କରି ତୁରନ୍ତ ତା'ର ଚିକିତ୍ସା କରିବା ଦରକାର ବୋଲି ସେ କହିଛନ୍ତି। ସେହିପରି, ହାତୀଟି ଯେପରି ସୁରକ୍ଷାବଳୟ ଭିତରୁ ବାହାରି ଜନବସତି ଆଡ଼କୁ ନ ଯାଏ, ସେଥିପ୍ରତି ସଜାଗ ରହିବା ସହ ପ୍ରତିଦିନ ଡାକ୍ତରୀଦଳ ତା'ର ଗତିବିଧି ଉପରେ ନଜର ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଟ୍ରକ୍ ଚାପାରେ ବାପା-ଝିଅ ମୃତ

ସୋର/ବାରିକପୁର, ୭।୬ (ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ସୋର ଥାନା ଅନ୍ତର୍ଗତ ଉତ୍ତରେଶ୍ୱର ବସଷ୍ଟାଣ୍ଡ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାପା-ଝିଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ରହଣିଆ ଗ୍ରାମର ମନୋଜ କୁମାର ଦାସ (୩୬) ଓ ତାଙ୍କ ଝିଅ ସାଇଶ୍ରିଦ୍ଧି ଦାସ (୬)। ସୂଚନାନୁସାରେ, ମନୋଜ ବାଲେଶ୍ୱରରେ ରହି ଏସି ମିସ୍ତ୍ରୀ ଭାବେ କାମ କରନ୍ତି। ଏବେ ଗ୍ରୀଷ୍ମ ଛୁଟି ଅବସରରେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ବାଲେଶ୍ୱର ଆସିଥିଲେ। ଆଜି ସେମାନେ ଘରକୁ ଫେରୁଥିଲେ। ଆଜି ମଧ୍ୟାହ୍ନରେ ସ୍ତ୍ରୀ-ପୁଅକୁ ବାଲେଶ୍ୱରରୁ ବସ୍‌ରେ ବସାଇ ଝିଅ ସାଇଶ୍ରିଦ୍ଧିକୁ ବାଇକ୍‌ରେ ନେଇ ମନୋଜ ଭଦ୍ରକ ଆସୁଥିଲେ। ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ଏକ ଟ୍ରକ୍ (ଏନ୍‌ଏଲ୍ ୦୧ଏଡି ୪୨୩୭) ମନୋଜଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାପ-ଝିଅଙ୍କ ମୃତ୍ୟୁ ହୋଇଯାଇଥିଲା। ସୋର ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରକ୍ ଚାଳକକୁ ଥାନାରେ ଅଟକ ରଖିଛି। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ନମ୍ବର ୪୮୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଚାଉଳ ମିଲିଂ ଖର୍ଚ୍ଚ ଦୁଇଗୁଣା ବୃଦ୍ଧି ପରେ ବର୍ଷିଲା କଂଗ୍ରେସ

# ମିଲରଙ୍କ ପ୍ରତି ଉଦାରତା; ଚାଷୀଙ୍କ ପାଇଁ ନାହିଁ

ଭୁବନେଶ୍ୱର,୭।୬(ସମିସ): ମିଲରଙ୍କ ପ୍ରତି ଢେର ଉଦାରତା ଦେଖାଇ ରାଜ୍ୟ ସରକାର ଏକାଥରକେ ଚାଉଳ ମିଲିଂ ଖର୍ଚ୍ଚ ଦୁଇଗୁଣା ବଢ଼ାଇଛନ୍ତି। ଉଷୁନା ଚାଉଳ ମିଲିଂ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ଥିବା ବେଳେ ତାହାକୁ ୪୦ଟଙ୍କା ଏବଂ ଅରୁଆ ଚାଉଳ ମିଲିଂ ଖର୍ଚ୍ଚ ୧୦ଟଙ୍କା ଥିବା ବେଳେ ତାହାକୁ ୨୦ ଟଙ୍କାକୁ ବୃଦ୍ଧି କରି ଚାଷୀଙ୍କ ଧାନକିଣା କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ସରକାର କହିଛନ୍ତି। ଏହି ଘଟଣା ଦ୍ୱାରା ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାରର ମିଲରଙ୍କ ପ୍ରତି ଥିବା ଉଦାରତା ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି କାଣିଚାଏ ଚିନ୍ତା ନ ଥିବା ପ୍ରମାଣିତ କରିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ଏକ ପ୍ରେସ ଇସ୍ତାହାରରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ଚାଷୀଙ୍କ ସ୍ୱାର୍ଥପାଇଁ ସ୍ୱାମୀନାଥନ କମିଟି ସୁପାରିଷ ଆଧାରରେ ପ୍ରତିଶ୍ରୁତି ଅନୁଯାୟୀ ଆଜି ପର୍ଯ୍ୟନ୍ତ ଏମଏସପିର ଦେଢ଼ଗୁଣା ବୃଦ୍ଧି ହେଲା ନାହିଁ କିମ୍ବା ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ଦିଆଗଲା ନାହିଁ। ରାଜ୍ୟରେ ଆଜି ପର୍ଯ୍ୟନ୍ତ ମଧ୍ୟ ମଣ୍ଡି ସଶକ୍ତ ଓ ମଣ୍ଡି ଆଇନ କରାଗଲା ନାହିଁ। ଫଳରେ ଚାଷୀ ଧାନ ବିକ୍ରି କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଧାନ ଏମଏସପି ଉପରେ ଚାଷୀଙ୍କୁ ୮୦୦ଟଙ୍କା ଇନପୁଟ୍ ସହାୟତା ଦିଆଯିବ ଏବଂ ଚାଷୀଙ୍କର ସବୁ ବଳକାଧାନ ନିର୍ଦ୍ଧାରିତ ଏମଏସପିରେ କ୍ରୟ କରାଯିବ ବୋଲି କହିଥିଲେ। କିନ୍ତୁ ଚତୁରତାର ସହିତ ଗତ ଖରିଫ୍ ଓ ବର୍ତ୍ତମାନ ରବିରେ ପୂର୍ବରୁ ଯେଉଁ ଚାଷୀ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରୟ ପାଇଁ ଟୋକନ ପାଉଥିଲେ ଏବେ ସେହି ଚାଷୀଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟୋକନ ଆସୁଛି। ଫଳରେ ଚାଷୀ ପୂର୍ବ ଭଳି ଅଭାବୀ ବିକ୍ରିର ଶିକାର ହେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେହିପରି ପୂର୍ବ ଏମଏସପି ଉପରେ ବର୍ତ୍ତମାନର ବର୍ଦ୍ଧିତ ଏମଏସପି ଚାଷୀଙ୍କୁ ଦିଆଯାଉ ନାହିଁ। ସରକାର ଧାନ କିଣିବା ପରିବର୍ତ୍ତେ ସରକାର-ମିଲର ମଧୁଚନ୍ଦ୍ରିକାରେ ସିଧା ସଳଖ ମିଲର ଧାନ କିଣୁଛି। ଖରିଫ ଓ ରବିରେ ମିଲର ବାଧ୍ୟତାମୂଳକ ଭାବେ ୫ରୁ ୧୦କେଜି ପର୍ଯ୍ୟନ୍ତ ବିଭିନ୍ନ ଆଳ ଦେଖାଇ ଯେଉଁ କଟନି ଛଟନି କରିଛନ୍ତି ସେ ବାବଦର ଅର୍ଥ ୫ହଜାର କୋଟିରୁ ଉର୍ଦ୍ଧ୍ୱ। ଏହି ଟଙ୍କା ସରକାର ଓ ମିଲରଙ୍କ ମିଳିଭଗତରେ କାରବାର କରାଯାଉଛି। ଏବେ ମିଲର ପାଖରେ ସରକାର ବନ୍ଧା ପଡ଼ିଥିବାରୁ ମିଲରଙ୍କ ପ୍ରତି ସରକାରଙ୍କ ଉଦାରତା ଜଳ ଜଳ ଦେଖାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଯଦି ସରକାର ଚାଷୀଙ୍କ ପ୍ରତି ଅତ୍ୟନ୍ତ ଦରଦୀ ତେବେ ପ୍ରଥମେ ଚାଷୀଙ୍କୁ ପ୍ରାଧାନ୍ୟ ଦେଇ ସେମାନଙ୍କ ସବୁ ବଳକା ଧାନକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ଦ୍ଧାରିତ ଏମଏସପିରେ କ୍ରୟ କରିବାକୁ ସେ ଦାବି କରିଛନ୍ତି।

# ଫାଇଲ୍ ରାଜନୀତି: ସରକାରଙ୍କୁ ବିଜେଡିର ନିଶାଣ

- ରଥଯାତ୍ରା ବେଳେ ବଡ ଠାକୁରଙ୍କୁ କଚାଡି ପକାଇ ଦେଲେ, ସେ ରିପୋର୍ଟ ଆସିବ କେବେ ?
- ଏଏସ୍‌ଓଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜୋତା ଚଟାଇଲେ, ତଦନ୍ତ ରିପୋର୍ଟ ଗଲା କୁଆଡେ?

ଭୁବନେଶ୍ୱର,୭।୬(ସମିସ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଫାଇଲ ହଜିଯାଇଥିବା ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଟିପ୍ପଣୀକୁ ନେଇ ତେଜିଛି ରାଜନୀତି। ମୁଖ୍ୟମନ୍ତ୍ରୀଙ୍କ



କାର୍ଯ୍ୟାଳୟରୁ ଦୁଇଟି ତଦନ୍ତ କମିଶନ ଫାଇଲ ଚୋରି ହୋଇଥିବା ସଂକ୍ରାନ୍ତରେ ଶ୍ରୀ ହରିଚନ୍ଦନ ଏକ ଘରୋଇ ଗଣମାଧ୍ୟମରେ ଦେଇଥିବା ମନ୍ତବ୍ୟକୁ ନେଇ ସରକାରଙ୍କୁ ଘେରିଛି ବିଜେଡି। ଏହା କେବଳ ଏକ ଫାଇଲ ହଜିବା ଘଟଣା ନୁହେଁ, ବରଂ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଏବଂ ସୁରକ୍ଷା ପ୍ରଣାଳୀ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ବିଧାୟକ ତଥା ପୂର୍ବତନ ଆଇନମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କେଉଁ ଫାଇଲ୍ ହଜିଛି ତାହା ସରକାର ସ୍ପଷ୍ଟ କରନ୍ତୁ। ଫାଇଲ ସତରେ ହଜିଛି ନା ଜାଣିଶୁଣି ହଜେଇ ଦିଆଯାଇଛି? ଯଦି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଭଳି ସର୍ବୋଚ୍ଚ ପ୍ରଶାସନିକ କେନ୍ଦ୍ର ସୁରକ୍ଷିତ ନୁହେଁ, ତେବେ ସାଧାରଣ ଲୋକଙ୍କ ଧନଜୀବନ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କେତେ ସୁରକ୍ଷିତ? ରାଜ୍ୟରେ ଅନଲାଇନ୍ ଫାଇଲ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉଥିବା ସରକାର ଦାବି କରୁଛନ୍ତି। ଯଦି ଏହା ସତ ତେବେ ହାର୍ଡ କପି ଫାଇଲ କିପରି ହଜିଲା? ଏହାର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ଆବଶ୍ୟକ। ପ୍ରତ୍ୟେକ ସରକାରୀ ଫାଇଲ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ବିଭିନ୍ନ ସ୍ତର ଦେଇ ଗତି କରିଥାଏ। ସେକ୍ସନ ଅଫିସରଠାରୁ ଆରମ୍ଭ କରି ସେକ୍ରେଟାରୀ, ଚିଫ୍ ସେକ୍ରେଟାରୀ, ମନ୍ତ୍ରୀ ଏବଂ ଶେଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫାଇଲ ଗତି କରିବାର ସମସ୍ତ ତଥ୍ୟ ରେକର୍ଡ ହୋଇ ରହିଥାଏ। ଏହି ଫାଇଲ କେଉଁ ପର୍ଯ୍ୟାୟରେ ହଜିଲା ? ଫାଇଲ ମୁଭମେଣ୍ଟ ରେଜିଷ୍ଟରରେ କ'ଣ ତଥ୍ୟ ରହିଛି? ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଛି କି? ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ଥିଲା କି ନାହିଁ? ଏହି ସମସ୍ତ ପ୍ରଶ୍ନର ଉତ୍ତର ସରକାର ଦେବା ଉଚିତ ବୋଲି ଡ. ସାହୁ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଏ ସରକାରରେ ବଡ ଠାକୁରଙ୍କୁ କଚାଡିକି ପକାଇ ଦିଆଗଲା, ତାହାର ରିପୋର୍ଟ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିଲା ନାହିଁ। ଜଣେ ଏଏସ୍‌ଓଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ମାଡ ମାରି ଜୋତା ଚଟାଇଲେ, ସେ ସଂପର୍କରେ କୌଣସି ତଦନ୍ତ ରିପୋର୍ଟ ଆସିଲା ନାହିଁ। ବହୁ ମାମଲାର ରିପୋର୍ଟ ପ୍ରକାଶ କରିବେ ବୋଲି ଏ ସରକାର କହିଛି; କିନ୍ତୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ପ୍ରକାଶିତ ହୋଇନାହିଁ। ତେଣୁ ଏବେ ଫାଇଲ ହଜିବାର ନାଟକ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ନିଖୋଜ ହେବା ଘଟଣା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ସହ ଜଡ଼ିତ ଏକ ଗମ୍ଭୀର ପ୍ରସଙ୍ଗ ବୋଲି ଶ୍ରୀ ସାହୁ କହିଛନ୍ତି।

## ଅଭିଯୋଗ ଆସିଲେ ସରକାର ତଦନ୍ତ କରିବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୬(ସମିସ): ଅତୀତରେ ମୁଖ୍ୟମନ୍ତ୍ରୀ ଦପ୍ତରରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କମିଶନ ରିପୋର୍ଟ ଚୋରି ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାକୁ ନେଇ ବିବାଦ ଆରମ୍ଭ ହୋଇଥିବାବେଳେ ଏ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଖୋଦ୍ ଆଇନମନ୍ତ୍ରୀଙ୍କ ଉପସ୍ଥିତିରେ



ଏ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରଶ୍ନରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମିତି କିଛି ଅଭିଯୋଗ ଆସିଲେ, ସରକାର ତଦନ୍ତ କରିବେ। ତେବେ କିଏ କେଉଁ କଥା କହୁଛି, କେଉଁ ବିଧାୟକ କେଉଁ କଥା କହୁଛନ୍ତି; ସେଥିରେ ସତ୍ୟତା ଅଛି ନା ନାହିଁ ଅନୁଧ୍ୟାନ ପରେ ସରକାର ସେ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ନିଟ୍ ୟୁଜି ପୁନଃପରୀକ୍ଷା ପାଇଁ ସିଟି ଇଣ୍ଟିମେସନ୍ ସ୍ଲିପ୍ ଜାରି

ଭୁବନେଶ୍ୱର, ୭।୬(ସମିସ): ପ୍ରଶ୍ନପତ୍ର ଲିକ୍ ହେବା ପରେ ବାତିଲ୍ ହୋଇଥିବା ନିଟ୍ ୟୁଜି ପୁନଃ ପରୀକ୍ଷା ପାଇଁ ସିଟି ଇଣ୍ଟିମେସନ୍ ସ୍ଲିପ୍ ଜାରି କରାଯାଇଛି। ଆସନ୍ତା ୨୧ ରେ ହେବାକୁ ଥିବା ପୁନଃ ପରୀକ୍ଷା କେଉଁ ସହରରେ ଅନୁଷ୍ଠିତ ହେବ, ତାହା ପରୀକ୍ଷାର୍ଥୀମାନେ ଜାଣିପାରିବେ। ନିଜ ଆଇଡି ଓ ପାସୱାର୍ଡ ବ୍ୟବହାର କରି ଛାତ୍ରଛାତ୍ରୀମାନେ ସିଟି ଆଲଟ୍‌ମେଣ୍ଟ ସ୍ଲିପ୍ ଡାଉନଲୋଡ୍ କରିପାରିବେ ବୋଲି ପରୀକ୍ଷା ପରିଚାଳନା କରୁଥିବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ନିଜ ସହର ବାହାରେ ପରୀକ୍ଷା କେନ୍ଦ୍ର ପଡ଼ିଥିବା ଛାତ୍ରଛାତ୍ରୀମାନେ ଯାତାୟାତ ଓ ରହଣି ବ୍ୟବସ୍ଥା ପୂର୍ବରୁ କରିପାରିବେ। ଏହି ସିଟି ଇଣ୍ଟିମେସନ୍ ସ୍ଲିପ୍ ଆଡମିଟ୍ କାର୍ଡ ନୁହେଁ, ପ୍ରବେଶପତ୍ର ବା ଆଡମିଟ୍ କାର୍ଡ ପୃଥକ ଭାବେ ପରବର୍ତ୍ତୀ ସମୟରେ ଜାରି କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ମେ ୩ ତାରିଖରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେବା ପରେ ଏନ୍‌ଟିଏ ପରୀକ୍ଷାକୁ ବାତିଲ୍ କରିଥିଲା। ଏହାପରେ ଜୁନ୍ ୨୧ରେ ପୁନଃପରୀକ୍ଷା କରିବାକୁ ଘୋଷଣା ହୋଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ
# ରାମଚଣ୍ଡୀ ମୁହାଣରେ ବୋଟ୍ ଶୋ'

କୋଣାର୍କ,୭।୬(ସମିସ)





ଭାରତ ନିର୍ବାଚନ ଆୟୋଗ ତଥା ଓଡ଼ିଶା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ସମ୍ପ୍ରତି ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) କାର୍ଯ୍ୟକ୍ରମ ଚାଲୁ ରହିଛି । ରବିବାର ପୂର୍ବାହ୍ନରେ କୋଣାର୍କ-ପୁରୀ ବେଳାମାର୍ଗର ସାହୁଖଣ୍ଡା ସଂଲଗ୍ନ ରାମଚଣ୍ଡୀ ମୁହାଣରେ ଗୋପ ବ୍ଲକ୍ ଓ କୋଣାର୍କ ଏନ୍ଏସି ପ୍ରଶାସନ ପକ୍ଷରୁ ବୋଟ୍ ଶୋ' ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି । ସାହୁଖଣ୍ଡାସ୍ଥିତ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷୀ ଅନୁଷ୍ଠାନ(ଓସ୍ୱାଲି) ସମ୍ମୁଖରେ ଆୟୋଜିତ ସଚେତନତା ସଭାରେ ପୁରୀ ଉପଜିଲ୍ଲାପାଳ ତଥା ଇଆର୍ଓ ରାଜକିଶୋର ଜେନା ଯୋଗଦେଇ ଏସ୍ଆଇଆର୍ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓସ୍ୱାଲି ଅଧ୍ୟକ୍ଷ ରଙ୍ଗାଧର ଆଚାର୍ଯ୍ୟ, ଗୋପ ତହସିଲ୍ଦାର ଜୟଦ୍ରଥ ଆଚାର୍ଯ୍ୟ, ଗୋପ ବିଡିଓ ତଥା ଏଇଆର୍ଓ ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ତଥା ଏଇଆର୍ଓ ପ୍ରଦ୍ୟୁମ୍ନ କୁମାର ଜେନା, ଗୋପ ଏବିଡିଓ ଦୀପକ କୁମାର ଜେନା ଓ ଅତିରିକ୍ତ ତହସିଲ୍ଦାର ହରପ୍ରିୟା ମଲ୍ଲିକ ପ୍ରମୁଖ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍‌ର ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ଏସ୍ଆଇଆର୍ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ସ୍ୱେଚ୍ଛାସେବୀଙ୍କ ସମେତ ବିଏଲ୍ଓ ସୁପରଭାଇଜର ଜଳନ୍ଧର ବେହେରା, ବିରଞ୍ଚି ନାରାୟଣ ଶତପଥୀ, ତ୍ରିଲୋଚନ ବେଦ, ଭାସ୍କର କାଣ୍ଡି ଓ ରବୀନ୍ଦ୍ରନାଥ ବାହିନୀପତି ଉପସ୍ଥିତ ଥିଲେ । ଓସ୍ୱାଲି ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଗ୍ନିଶମ ଅଧିକାରୀ ଓ ଅଗ୍ନିଯୋଦ୍ଧାମାନେ ଉପସ୍ଥିତ ରହି ଜଳମାର୍ଗରେ ପ୍ରଦର୍ଶିତ ବୋଟ୍ ସୋ' କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସିପିଆଇ ଜିଲ୍ଲା ପରିଷଦ ବୈଠକ



ନିମାପଡ଼ା,୭।୬(ସମିସ): ସିପିଆଇ ପୁରୀ ଜିଲ୍ଲା ପରିଷଦ ବୈଠକ ସ୍ଥାନୀୟ ଅମଲାପଡ଼ା ପାର୍ଟି ଅଫିସରେ ବରିଷ୍ଠ ନେତୃତ୍ୱ ଦେବେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବିଶଦ୍ ଆଲୋଚନା କରାଯାଇଥିଲା । ପୁରୀ ଜିଲ୍ଲାରେ ଧାନ ମଣ୍ଡିର ଅଚଳାବସ୍ଥା, କୃଷକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ଜିଲ୍ଲାରେ ପଦଯାତ୍ରା ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିବା ଏବଂ ପଞ୍ଚାୟତ ନିର୍ବାଚନରେ ପାର୍ଟି ସମସ୍ତ ଜିଲ୍ଲା ପରିଷଦ ଜୋନ୍‌ରେ ପ୍ରାର୍ଥୀ ଦିଆଯିବା ପାଇଁ ନିଷ୍ପତ୍ତି ନିଆଗଲା । ବୈଠକରେ ରାଜ୍ୟ ପୂର୍ବତନ ସମ୍ପାଦକ ଆଶିଷ କାନୁନ୍‌ଗୋ, କ୍ଷୀରୋଦ ସିଂହଦେଓ, ଶ୍ରମିକ ନେତା ମହେଶ୍ୱର ରାଉତ ପ୍ରମୁଖ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ପାଦକ କୃଷ୍ଣ ଚନ୍ଦ୍ର ରାଉତ, ସହ ସମ୍ପାଦକ ହରିହର ସେନାପତି, ଗୋଲେଖ ନାୟକ, ବ୍ରହ୍ମାନନ୍ଦ ଦାସ, ବିପିନ ରାଉତ ଆଦି ନେତାମାନେ ଜିଲ୍ଲାର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

## 'ଗୁଣାତ୍ମକ ଶିକ୍ଷା ଜରିଆରେ ଗଢ଼ାହେବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ'



କାକଟପୁର,୭।୬(ସମିସ): ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି କ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୨୦୪ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଭବ୍ୟ ସମାରୋହରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ଏହି ପ୍ରକଳ୍ପଗୁଡ଼ିକର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ପୁରୀ ଜିଲ୍ଲା କାକଟପୁରସ୍ଥିତ ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ତଥା ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭର୍ଚୁଆଲ ମାଧ୍ୟମରେ ସାମିଲ୍ ହୋଇ ଶିକ୍ଷାର ମୂଳଦୁଆକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରାଥମିକ ସ୍ତରରୁ ହିଁ ପିଲାମାନଙ୍କୁ ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କ ସର୍ବାଙ୍ଗୀଣ ବିକାଶ କରିବା ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକର ମୂଳ ଲକ୍ଷ୍ୟ ତଥା ସୁଦୃଢ଼ ଶିକ୍ଷା ଭିତ୍ତିଭୂମି ହିଁ ଆଗାମୀ ଦିନରେ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିଥିଲେ । କାକଟପୁରଠାରେ ଆୟୋଜିତ ଏହି ଉତ୍ସବରେ କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଜେପି ନେତା ବାଇଧର ମଲ୍ଲିକ, କାକଟପୁର ବ୍ଲକ୍ ସାଂସଦ ପ୍ରତିନିଧି କୈଳାଶ ନାୟକ, କାକଟପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହକାରୀ ଶିକ୍ଷକ ପ୍ରତାପ ରାଉତଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ଅଭିଭାବକ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଗ୍ରାମାଞ୍ଚଳର ପିଲାମାନଙ୍କୁ ଆଧୁନିକ ଶିକ୍ଷା ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କ ଏହି ପ୍ରୟାସକୁ ସବୁ ମହଲରେ ସ୍ୱାଗତ କରାଯାଇଛି ।

## ଏ-୧ ଓ ଏ-୨ ମାଟ୍ରିକ୍ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସାକ୍ଷୀଗୋପାଳ,୭।୬(ସମିସ): ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସତ୍ୟବାଦୀ ବ୍ଲକ୍ ଓ କଣାସ ବ୍ଲକ୍‌ରୁ ଏ-୧ ଓ ଏ-୨ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ନିଜସ୍ୱ ଦରମା ଅର୍ଥରେ ସମ୍ବର୍ଦ୍ଧନା ପ୍ରଦାନ କରି ସତ୍ୟବାଦୀରେ ଏକ ନୂତନ କାର୍ଯ୍ୟକ୍ରମ ପ୍ରଥମ କରି ଆରମ୍ଭ କରିଛନ୍ତି । ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସତ୍ୟବାଦୀ ଓ କଣାସ ବ୍ଲକ୍‌ର ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଓ ଏ-୨ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ରବିବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି । ମୋଟ୍ ୧୪୭ ଜଣଙ୍କୁ ଏହି ଅବସରରେ ଅତିଥିମାନେ ସମ୍ବର୍ଦ୍ଧିତ କରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ ।

ମୁଖ୍ୟ ଅତିଥି ଭାବରେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ୍ ପାତ୍ର ଯୋଗଦେଇ ଏ-୧ରେ ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପାର୍ଲିଆମେଣ୍ଟ ବୁଲାଇନେବାକୁ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ କଣାସ ଓ ସତ୍ୟବାଦୀ ବ୍ଲକ୍‌ରେ ଦୁଇଟି ସ୍ମାର୍ଟ କ୍ଲାସ୍ ରୁମ୍ ନିର୍ମାଣ କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ସାରା ଓଡ଼ିଶାକୁ ଆଲୋକବର୍ତ୍ତିକା ଦେଇଥିବା ପଞ୍ଚସଖାଙ୍କ ପୁଣ୍ୟ ମାଟିର ପିଲାମାନେ ଓଡ଼ିଶା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ଏହି ଲକ୍ଷ୍ୟ ନେଇ ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସାମିଲ୍ ହେବାକୁ ବିଧାୟକ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୁରୀ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଏକ ନମ୍ବର ହେବା ପାଇଁ ପ୍ରଶାସନର ସମସ୍ତ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଶୁଦ୍ଧ ଓଡ଼ିଆ ଭାଷା କହିବା ଓ ଲେଖିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି ଓ ଆଲୁମ୍‌ନି କମିଟି ସଭାପତି କିଶୋର ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଅତିଥିମାନେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସାଇକଲ, ସ୍କୁଲ୍ ବ୍ୟାଗ୍, ଡାଏରୀ, ସ୍ମାରକ ଫଳକ, ମେଡାଲ ଆଦି ପ୍ରଦାନ କରିଥିଲେ । ସେହିପରି ପ୍ରଧାନଶିକ୍ଷକ, ଗାଇଡ୍ ଶିକ୍ଷକମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନଶିକ୍ଷକ ଶଙ୍କର ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଟେକ୍ ହୋମ୍ ରାସନ୍ ଯୋଗାଣକାରୀ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍

**କାକଟପୁର ବ୍ଲକ୍**

ଗମ୍ଭାରୀପଦା,୭।୬(ସମିସ): କାକଟପୁର ବ୍ଲକ୍‌ର ୧୬ଟି ପଞ୍ଚାୟତରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଟେକ୍ ହୋମ୍ ରାସନ୍ ଯୋଗାଣକାରୀ ସଂସ୍ଥା ବିଶ୍ୱ ବିରଜାଇ ଓ ମା' ଭବାନୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି । ଏ ସମସ୍ତ ସାମଗ୍ରୀ ନିମ୍ନମାନର ଏବଂ ଓଜନରେ କମ୍ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି । ତଥାପି ଏଥିପ୍ରତି କାହାର ଚେତା ପଶୁନି । ଏନେଇ ଉକ୍ତ ଗୋଷ୍ଠୀର ସଭାନେତ୍ରୀ/ସମ୍ପାଦିକାଙ୍କୁ ବିଭିନ୍ନ ସଂଗଠନ, ସାଧାରଣ ଜନତାଙ୍କ ଅଭିଯୋଗ ସୋସିଆଲ ମିଡିଆ, ପ୍ରିଣ୍ଟ ମିଡିଆର ଖବରକୁ ଭିତ୍ତିକରି ପୁରୀ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟରୁ ଏକ କାରଣ ଦର୍ଶାଅ ନୋଟିସ୍ ପତ୍ର ସଂଖ୍ୟା ୨୯୮୧/୪.୬.୨୦୨୬ ପ୍ରେରଣ କରାଯାଇଛି । ଟେକ୍ ହୋମ ରାସନ୍ ଯୋଗାଉଥିବା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଚୟନ ଓ ଚୁକ୍ତିନାମା ନବୀକରଣ ପାଇଁ ବ୍ଲକ୍‌ସ୍ତରରେ ଗଠିତ କମିଟି ଦ୍ୱାରା ଯାଞ୍ଚ ଏବଂ ସୁପାରିସ୍ କରାଯାଇଥାଏ । ବ୍ଲକ୍‌ସ୍ତରର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସମ୍ପୃକ୍ତ ଅଞ୍ଚଳର ସୁପରଭାଇଜରଙ୍କ ରିପୋର୍ଟ ଆଧାରରେ ନବୀକରଣ ପାଇଁ ସୁପାରିସ ପ୍ରସ୍ତୁତ କରି ବ୍ଲକ୍‌ସ୍ତରୀୟ ଚୟନ କମିଟିରେ ଉପସ୍ଥାପନା କରିଥାଆନ୍ତି । ଏହି କମିଟିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆବାହକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ସଦସ୍ୟ ହିସାବରେ ବ୍ଲକ୍ ମିଶନ ଶକ୍ତି ସଂଯୋଜକ, ସ୍ଥାନୀୟ ବ୍ଲକ୍‌ସ୍ତରୀୟ ମହାସଂଘର ପ୍ରତିନିଧି ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ରହିଥାଆନ୍ତି । କମିଟିର ସୁପାରିସ୍ ପରେ ଏହା ଚୂଡ଼ାନ୍ତ ଅନୁମୋଦନ ପାଇଁ ଜିଲ୍ଲାସ୍ତରକୁ ପଠାଯାଏ । ବ୍ଲକ୍ କମିଟିର ସୁପାରିସ୍ ଆଧାରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଆଗାମୀ ବର୍ଷ ପାଇଁ ଏମ୍ଓୟୁ(ଏଗ୍ରିମେଣ୍ଟ)ର ନବୀକରଣ କରାଇଥା'ନ୍ତି । ଏ ସବୁ ସତ୍ତ୍ୱେ କାକଟପୁର ବ୍ଲକ୍‌ର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଥିବା ଟେକ୍ ହୋମ୍ ରାସନରେ ଓଜନ କମ୍ ଓ ନିମ୍ନମାନର ଥିବା ଅଭିଯୋଗ ବାରମ୍ବାର ହେଉଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ଏତେଗୁଡ଼ିଏ ଯାଞ୍ଚ କମିଟି ଥାଇ ମଧ୍ୟ କାକଟପୁର ବ୍ଲକ୍‌ର ଛତୁଆ ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ଯୋଗାଣରେ ଏଭଳି ତ୍ରୁଟି ପରିଲକ୍ଷିତ ହେଉଛି କିଭଳି । ପ୍ରକୃତରେ କ'ଣ କମିଟି ତା'ର କାର୍ଯ୍ୟ ଠିକ୍ ଭାବେ ସମ୍ପାଦନା କରୁନାହିଁ ନା ଆଉ କିଛି । ସମ୍ପୃକ୍ତ କମିଟିରେ ଥିବା ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କରୁନାହାନ୍ତି ତ ? ଅଭିଯୋଗ ସତ୍ତ୍ୱେ ବହୁ ବର୍ଷ ଧରି ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପ୍ରତି ଏତେ ଅନୁଗ୍ରହ ରହୁଥିବାର ଉଦ୍ଦେଶ୍ୟ କ'ଣ ହୋଇପାରେ? ଟେଣ୍ଡର ନ କରି ବାରମ୍ବାର ନବୀକରଣ ଦୁର୍ନୀତିକୁ ପ୍ରୋତ୍ସାହିତ କରୁନାହିଁ କି ? କାକଟପୁର ବ୍ଲକ୍‌ର ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସଶକ୍ତୀକରଣ କରିବାରେ ଅଧିକାରୀମାନେ ଅନ୍ତରାୟ ସୃଷ୍ଟି କରୁନାହାନ୍ତି କି? ଏ ସବୁ ସମସ୍ୟାର ଉତ୍ତର ପାଇଁ କାକଟପୁର ଜନସାଧାରଣଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କଠାରେ ଭିଜିଲାନ୍ସ ତଦନ୍ତ ଦାବି କରାଯାଉଛି ।

### ● 'ଶ୍ରୀରାମାନୁଜଙ୍କ ଦିଗ୍‌ବିଜୟ ଯାତ୍ରା: ଶ୍ରୀଜଗନ୍ନାଥ ପୁରୀ' ପୁସ୍ତକ ଲୋକାର୍ପିତ
## ଦିଗ୍‌ବିଜୟ ଯାତ୍ରାରେ କଳିଙ୍ଗ ଓ ଉତ୍କଳର ୩ ପାର୍ଷଦ ଥିଲେ




ପୁରୀ,୭।୬(ସମିସ): ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ରଚିତ 'ଶ୍ରୀରାମାନୁଜଙ୍କ ଦିଗ୍‌ବିଜୟ ଯାତ୍ରା: ଶ୍ରୀଜଗନ୍ନାଥ ପୁରୀ' ପୁସ୍ତକ ଭାରତର ବିଶିଷ୍ଟ ଦାର୍ଶନିକ ତଥା ବୈଜ୍ଞାନିକ ତଥା ଶିକ୍ଷାବିତ୍ ଡ. ମାୟାବିନୀ ଜେନାଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଶ୍ରୀସମ୍ପ୍ରଦାୟର ପ୍ରବର୍ତ୍ତକ ବିଶିଷ୍ଟ ଦାର୍ଶନିକ ଗୁରୁ ଶ୍ରୀରାମାନୁଜ ଆଚାର୍ଯ୍ୟ ସମଗ୍ର ଭାରତ ଭ୍ରମଣ କରି ଶେଷରେ ଶ୍ରୀଜଗନ୍ନାଥ ଧାମରେ ପଦାର୍ପଣ କରିଥିଲେ । ତାଙ୍କ ଜୀବନବୃତ୍ତାନ୍ତ ଅନୁସାରେ ଅଖଣ୍ଡ ଭାରତ ବର୍ଷର କଶ୍ମୀରରେ ମା' ଶାରଦା ପୀଠରେ ଶାସ୍ତ୍ରାର୍ଥ କରିବା ପରେ ମା'ଙ୍କର ଅନୁମତି ନେଇ ପୁରୀ ଧାମରେ ପହଞ୍ଚିଥିଲେ । ଗଙ୍ଗବଂଶ ଶାସନ ଅମଳର କଥା । ମହାରାଜା ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ କାଳରେ ପୁରୀରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ । ତାଙ୍କ ପାଟିରୁ ବାହାରି ଆସିଥିଲା ଐଶ୍ୱର୍ଯ୍ୟର ପ୍ରଭୁ । ସମ୍ବୋଧନ କରିଥିଲେ ନୀଳାଚଳ ନୀଳମେଘ ବୋଲି । ପରମାତ୍ମାଙ୍କ ଶରଣାଗତ ହେବା ଜୀବନର ପୁରୁଷାର୍ଥ ବୋଲି ଆଚାର୍ଯ୍ୟ ରାମାନୁଜ ବିଶ୍ୱାସ ରଖିଥିଲେ । ଶ୍ରୀମନ୍ଦିରରେ ପଦାର୍ପଣ ପରେ ମହାପ୍ରଭୁଙ୍କ ଉପାସନାରେ ଯେଉଁ ୧୦ଟି ସମୀକରଣ ହୋଇଥିଲା ତାହା ଥିଲା ଭାରତର ସାଂସ୍କୃତିକ ସହ ବନ୍ଧନର ଚିତ୍ର । ଯେଉଁ ପାର୍ଷଦମାନଙ୍କୁ ନେଇ ଶ୍ରୀରାମାନୁଜାଚାର୍ଯ୍ୟ ସମଗ୍ର ଭାରତରେ ବୌଦ୍ଧିକ ଦିଗ୍‌ବିଜୟ ଯାତ୍ରା କରିଥିଲେ, ତାଙ୍କ ମଧ୍ୟରେ କଳିଙ୍ଗ ଓ ଉତ୍କଳର ତିନିଜଣ ପାର୍ଷଦ ଥିଲେ । ବର୍ତ୍ତମାନ ପୁରୀରେ ୧୮ଟି ଶ୍ରୀସମ୍ପ୍ରଦାୟର ମଠ ରହିଛି । ସେ ଯେଉଁଠି ଛତା ପୋତି ଆସ୍ଥାନ କରିଥିଲେ, ତାହା ଏବର ଏମାର ମଠ ବୋଲି ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି । ପୁସ୍ତକ ଲୋକାର୍ପଣ ଅବସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ, କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୟ ବରାଳ, ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଅଧ୍ୟାପକ କାଶୀନାଥ ନାୟକ, ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡର ସଭାପତି ଡ. ଦୁର୍ଗା ପ୍ରସାଦ ମିଶ୍ର, ଅନ୍ୟତମ ସଦସ୍ୟ ସଦାଶିବ ସାହୁ, ବରିଷ୍ଠ ଲେଖକ ଗବେଷକ ରାଜକୁମାର ମହାନ୍ତି, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଏବଂ ବିଶିଷ୍ଟ ସମାଜସେବୀ ସନ୍ତୋଷ କୁମାର ପାତ୍ର ଲେଖକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଡେଲାଙ୍ଗ,୭।୬(ସମିସ): ମୁନିନ୍ଦା ପଞ୍ଚାୟତ ବରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଶିକ୍ଷାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ । ଦାୟିତ୍ୱରେ ଥିବା ବ୍ଲକ୍ ଶିକ୍ଷାଧିକାରୀ ପୀତବାସ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆତ୍ମା ଅଧ୍ୟକ୍ଷ ଲଡୁ କିଶୋର ରାୟ, ଜିଲ୍ଲା ସହ ଶିକ୍ଷାଧିକାରୀ ଦିତୀକାନ୍ତ ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ଲକ୍ଷ୍ୟ ନେଇ ଏହି ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଉଥିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇ ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ କହିଥିଲେ । ବିଦ୍ୟାଳୟରେ ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ତାଲିମ ପ୍ରଦାନ କରାଗଲେ ପିଲାମାନେ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଡ. ପାତ୍ର ମତବ୍ୟକ୍ତ କରିଥିଲେ । ଶିକ୍ଷକ ସୁଧୀର କୁମାର ଜେନା ସଭା ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ମିଟୁ କିଶୋର ପ୍ରଧାନ, ଶ୍ରୀଧର ପ୍ରଧାନ, ପ୍ରଦୀପ ସେଠୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ହରିଚନ୍ଦନ, ସିଆର୍‌ସିସି କ୍ଷେତ୍ରବାସୀ ଆଲୁକ, ପବିତ୍ର ପଣ୍ଡା, ଶିକ୍ଷକ ସୂର୍ଯ୍ୟ ନାରାୟଣ ସେଠୀ ପ୍ରମୁଖଙ୍କ ସହିତ ବରକେରା ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବରକେରା ବିଦ୍ୟାଳୟକୁ ଏଥିରେ ସାମିଲ୍ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ବାସିନ୍ଦା କୃତଜ୍ଞତା ଜଣାଇଛନ୍ତି ।

## କୁଶପଲା ଶୀତଳ ଷଷ୍ଠୀ ମହୋତ୍ସବ 'ବିଶ୍ୱାସ' ଉଦ୍‌ଯାପିତ



ବେଗୁନିଆ,୭।୬(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ କୁଶପଲା ଗ୍ରାମ୍ୟ କମିଟି ପକ୍ଷରୁ ୪ଦିନ ଧରି ଚାଲିଥିବା ଶୀତଳ ଷଷ୍ଠୀ ମହୋତ୍ସବ 'ବିଶ୍ୱାସ' ଉଦ୍‌ଯାପିତ ହୋଇଛି । ଏଥିରେ ଗ୍ରାମ୍ୟ କମିଟି ଉପସଭାପତି ଧିରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି, ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ମୁଖ୍ୟବକ୍ତା, ସମାଜପ୍ରେମୀ ବିଜୟାନନ୍ଦ ମହାପାତ୍ର ଓ ସର୍ବେଶ୍ୱର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଭ୍ରାତୃଭାବ ଓ ଐକ୍ୟତା ସୃଷ୍ଟି କରିବାକୁ ସୁଯୋଗ ଦେଇଥାଏ ବୋଲି ମତ ପ୍ରକାଶ କରିବା ସହ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ଭୁବନେଶ୍ୱର ଭକ୍ତି ପ୍ରାର୍ଥନା ଭଜନ ସନ୍ଧ୍ୟା, ଖୋର୍ଦ୍ଧା ଡିଭାଇନ ଡ୍ୟାନ୍ସ ଗ୍ରୁପ୍ ଓ ବଲାଙ୍ଗିର ସଙ୍ଗୀତ ସାଧନା ଅର୍କେଷ୍ଟ୍ରା ସହ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ନିମାପଡ଼ା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ



ନିମାପଡ଼ା,୭।୬(ସମିସ): ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରବିବାର ଅପରାହ୍ନରେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସହସମ୍ପାଦକ ଅଶୋକ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ମାନସ ଦାସ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି, ରଞ୍ଜନ ଦାସଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ । ପ୍ରେସ୍ କ୍ଲବ୍‌ର ନିର୍ବାଚନ ଅବଧି ଶେଷ ହୋଇଯାଇଥିବାରୁ ଆସନ୍ତା ୧୭ ତାରିଖରେ ନିର୍ବାଚନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ କ୍ଲବ୍‌ରେ ୨ଜଣ ନୂତନ ସଭ୍ୟ ଯୋଗଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । କ୍ଲବ୍‌ରେ ଆଉ ୪ଜଣ ନୂତନ ସଭ୍ୟ ହେବା ପାଇଁ ଆବେଦନ କରିଛନ୍ତି । ପରବର୍ତ୍ତୀ ବୈଠକରେ ସେମାନଙ୍କୁ ସଭ୍ୟଭାବେ ଗ୍ରହଣ କରାଯିବ ବୋଲି ସଭାପତି ମତବ୍ୟକ୍ତ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିମାପଡ଼ାରେ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ଖୁବ୍‌ଶୀଘ୍ର ତାରିଖ ଓ ସମୟ ରାଜ୍ୟ ସଭାପତିଙ୍କୁ ଜଣାଇବା ପାଇଁ ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତିଙ୍କୁ ଦାୟିତ୍ୱ ଦିଆଯାଇଛି ।

### ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ
# ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଖୋଲିବାକୁ ଦାବି

ସାକ୍ଷୀଗୋପାଳ,୭।୬(ସମିସ)



ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଯୋଜନା ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି । ଏହି ଅବସରରେ ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ଜରିଆରେ ରାଜ୍ୟରେ ନୂତନ ଭାବେ ୨୦୪ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଗବକୁଣ୍ଡସ୍ଥିତ ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପୂର୍ବ ସତ୍ୟବାଦୀର ଏହି ବିଦ୍ୟାଳୟଟି ଏକ ପ୍ରମୁଖ ବିଦ୍ୟାଳୟ ହୋଇଥିବାରୁ ଏଠାରେ ଯୁକ୍ତ ଦୁଇ ଖୋଲାଯିବା ପାଇଁ ଉପସ୍ଥିତ ଅତିଥିଙ୍କୁ ଉତ୍ସବରେ ଅନୁରୋଧ କରିଥିଲେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ।

ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ରାୟଖଣ୍ଡି ସରପଞ୍ଚ ସତ୍ୟନାରାୟଣ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ନାୟକ, ବ୍ଲକ୍ ସହ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣ, ଛାଟୋଇ ମୋତିଲାଲ୍ ରାୟ, ଯନ୍ତ୍ରୀ ବୈକୁଣ୍ଠ ଚରଣ ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନେହାଶ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟଗୁଡ଼ିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତ୍ୟିକ ଜ୍ଞାନ ଉପରେ ଗୁରୁତ୍ୱାରୋପ କରାଯିବ । ଏହା ଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ । ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ । ଏହି ଯୋଜନାରେ ନୂଆ କ୍ଲାସ୍ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ୍ ଶୌଚାଳୟ ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡ଼ିଆ, ଡାଇନିଙ୍ଗ୍ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ । ଏହା ସହିତ କ୍ରୀଡ଼ା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ । ଶିକ୍ଷକ ଆଲୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀକ୍ଷେତ୍ର ସିଟି

୭/୬/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୬୨,୯୪୭/- ସୁନା:୦୧.୮୫୦ ଗ୍ରାମ୍ ରୁପା: ୫୫.୦୦୦ ଗ୍ରାମ୍



୩୦ ବର୍ଷରେ ପୁରୀ ଆକାଶବାଣୀ ଏଫ୍ଏମ୍

# ମହାବାତ୍ୟାରୁ ମହାମାରୀ ଯାଏଁ ଜନତାଙ୍କ ଅନାହତ ସାଥୀ

ପୁରୀ,୭।୬(ସମିସ)

ଗଣମାଧ୍ୟମର ଅନନ୍ୟ ପ୍ରତୀକ ପୁରୀ ଆକାଶବାଣୀ ଏଫ୍ଏମ୍ ଆଜି ୩୦ ବର୍ଷ ପୂରଣ କରିଛି। ୧୯୯୫ ଜୁନ୍‌ରେ ଜନ୍ମ ନେଇଥିବା ଏହି ସ୍ୱର-ବାହିନୀ କେବଳ ଏକ ରେଡିଓ ଷ୍ଟେସନ ନୁହେଁ, ବରଂ ଶ୍ରୀକ୍ଷେତ୍ରର ସଂସ୍କୃତି, ପରମ୍ପରା ଓ ଜନଜୀବନର ଜୀବନ୍ତ ସ୍ୱର।

୧୯୩୬ରେ 'ଇଣ୍ଡିଆନ୍ ବ୍ରଡ୍‌କାଷ୍ଟ କର୍ପୋରେସନ' ନାମରେ ଜନ୍ମ ନେଇଥିବା ଆକାଶବାଣୀକୁ ଆଜି ୯୦ ବର୍ଷ। ଏକ କାଠବାକ୍ସରୁ ଆରମ୍ଭ ହୋଇଥିବା ଏହି ଯାତ୍ରା କେବଳ ଖବର ଦେଇନାହିଁ, ଦେଶରେ କୃଷି ବିପ୍ଳବ, ନାରୀ ସଶକ୍ତୀକରଣ, ଶିଶୁ ବିକାଶ ଓ ଆଧ୍ୟାତ୍ମିକ ଜନଜାଗରଣ ସୃଷ୍ଟି କରିଛି। ହେଲେ ପୁରୀ ଭଳି ତୀର୍ଥକ୍ଷେତ୍ରରେ ଏକ ଆକାଶବାଣୀ କେନ୍ଦ୍ର ପାଇଁ ଦୀର୍ଘ ୭ ବର୍ଷ ସଂଗ୍ରାମ କରିବାକୁ ପଡ଼ିଥିଲା। ୧୯୮୮ରେ ପ୍ରଥମେ ସ୍ୱର ଉଠାଇଥିଲେ ପଦ୍ମଶ୍ରୀ ସଦାଶିବ ରଥଶର୍ମା, ପଣ୍ଡିତ କେଶବ ଚନ୍ଦ୍ର ରାଜଗୁରୁ, ଗବେଷକ ଜଗବନ୍ଧୁ ପାଢ଼ୀ, ଦେବଦତ୍ତ ସାମନ୍ତସିଂହାର, କୁମାର ହାଲ୍‌ଦାର, ପ୍ୟାରିମୋହନ ଦାଶଙ୍କ ସମେତ ବହୁ ସାହିତ୍ୟିକ, ଗୀତିକାର ଓ ବୁଦ୍ଧିଜୀବୀ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପର୍ଯ୍ୟଟନ ବିକାଶ ପାଇଁ ଗୀତିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ତତ୍କାଳୀନ ସାଂସଦ ବ୍ରଜକିଶୋର ତ୍ରିପାଠୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ। ଶେଷରେ ଯେତେବେଳେ ଢେଙ୍କାନାଳ ରାଜା କାମାକ୍ଷା ପ୍ରସାଦ ସିଂହଦେଓ ସୂଚନା ଓ ପ୍ରସାରଣ ବିଭାଗର କେନ୍ଦ୍ରମନ୍ତ୍ରୀ ହେଲେ, ସେତେବେଳେ ପୁରୀ ଆକାଶବାଣୀ ଏଫ୍ଏମ୍‌ର ଘୋଷଣା ହେଲା ଏବଂ ୧୯୯୫ ଜୁନ୍‌ରେ ଏହା ପ୍ରତିଷ୍ଠା ହେଲା। ୧୯୯୬ ଜୁନ୍ ୮ ତାରିଖରେ ଏଠାରୁ ପ୍ରଥମ ପ୍ରସାରଣ ଆରମ୍ଭ ହୋଇଥିଲା। ପୁରୀ ଆକାଶବାଣୀ କେବଳ ମଠ-ମନ୍ଦିର, ଜଗନ୍ନାଥ ସଂସ୍କୃତି, ଚାଷ-ଚାଷୀଙ୍କ କଥା, ସାହିତ୍ୟ ଫର୍ଦ୍ଦ, କବି ସମ୍ମିଳନୀ, ଭଜନ-ଜଣାଣ ପ୍ରସାରଣ କରିନାହିଁ। ୧୯୯୯ ମହାବାତ୍ୟା, ୨୦୧୯ ଫାନୀ ବାତ୍ୟା ହେଉ କି ୨୦୨୦-୨୧ର ଭୟାବହ କରୋନା ମହାମାରୀ ସବୁ ବିପଦରେ ପୁରୀ ଆକାଶବାଣୀ ଜନଗଣଙ୍କ ପାଖରେ ଭରସାର ସ୍ୱର ହୋଇ ଠିଆ ହୋଇଛି। ଯେତେବେଳେ ଠିକ୍ ଭାବେ ବିଜୁଳି ନ ଥିଲା, ମୋବାଇଲ୍ ନେଟ୍‌ୱର୍କ ବନ୍ଦ ଥିଲା, ସେତେବେଳେ ବ୍ୟାଟେରିଚାଳିତ ରେଡିଓରୁ ଆସୁଥିବା ଆକାଶବାଣୀର ସୂଚନା ହିଁ ଲକ୍ଷ ଲକ୍ଷ ଲୋକଙ୍କୁ ବଞ୍ଚାଇଥିଲା।

ପୁରୀ ଆକାଶବାଣୀ ୧୦୩.୪ ଏଫ୍ଏମ୍‌ରେ ପ୍ରସାରିତ ହେଉଛି। ଏଠାରୁ ପ୍ରତିଦିନ କୃଷିଭିତ୍ତିକ କାର୍ଯ୍ୟକ୍ରମ କିଷାନବାଣୀ, ଜଗନ୍ନାଥ ସଂସ୍କୃତିର କାର୍ଯ୍ୟକ୍ରମ କ୍ଷେତ୍ର ମହିମା, ଯୁବପିଢ଼ିଙ୍କ ପାଇଁ ଯୁବବାଣୀ, ଗୃହିଣୀମାନଙ୍କ କାର୍ଯ୍ୟକ୍ରମ ମୁକ୍ତା, ସାହିତ୍ୟ କାର୍ଯ୍ୟକ୍ରମ ସାହିତ୍ୟ ସୁଧା, ପିଲାଙ୍କ ପାଇଁ ଇଟିକିଲି ମିଟିକିଲି, ଦମ୍ପତିଙ୍କ କାର୍ଯ୍ୟକ୍ରମ ଶ୍ରୀମାନ ଶ୍ରୀମତୀ, ଅନୁରୋଧ ଗୀତ କାର୍ଯ୍ୟକ୍ରମ ହେଲୋ ଆକାଶବାଣୀ ପୁରୀ, ବରିଷ୍ଠ ନାଗରିକଙ୍କ କାର୍ଯ୍ୟକ୍ରମ ଅସ୍ତରାଗ ପ୍ରସାରିତ ହେଉଛି। ଏହାଛଡ଼ା ଭକ୍ତି ଗୀତ, କଥାଚିତ୍ର ଗୀତ, ଓଡ଼ିଶୀ, ପଲ୍ଲୀଗୀତ ମଧ୍ୟ ଏଠାରୁ ପ୍ରସାରିତ ହୁଏ। ଯାହା କେବଳ ପୁରୀ ନୁହେଁ, ଆଖପାଖ ଜିଲ୍ଲାର ଶ୍ରୋତାଙ୍କୁ ମଧ୍ୟ ଯୋଡ଼ି ରଖିଛି। ଏଫ୍ଏମ୍ ଚ୍ୟାନେଲ୍ ଓ ଡିଜିଟାଲ୍ ମିଡିଆର ପ୍ରତିଯୋଗିତା ଭିତରେ ବି ପୁରୀ ଆକାଶବାଣୀ ନିଜର ବିଶ୍ୱସନୀୟତା ବଜାୟ ରଖିଛି। ହେଲେ ଆଧୁନିକ ଷ୍ଟୁଡିଓ, ଡିଜିଟାଲ୍ ଆର୍କାଇଭ୍ ଏବଂ ଯୁବ ପ୍ରତିଭାଙ୍କୁ ସୁଯୋଗ ଦେବା ଏବେ ସମୟର ଆହ୍ୱାନ। ୩୦ ବର୍ଷର ଏହି ଯାତ୍ରା ପ୍ରମାଣ କରୁଛି, ଅତୀତ ହେଲେ ବି ଆକାଶବାଣୀ ମରିନାହିଁ। ଶ୍ରୀକ୍ଷେତ୍ରର ଶଙ୍ଖଧ୍ୱନି ଭଳି ଏହାର ସ୍ୱର ଅନାହତ, ଅନନ୍ତ। ଯେ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଅଛନ୍ତି, ସେ ପର୍ଯ୍ୟନ୍ତ ପୁରୀ ଆକାଶବାଣୀର ସ୍ୱର ବି ଅମର ରହିବ ଏହି ଆଶା ରଖିଛନ୍ତି ଶ୍ରୋତାଗଣ। ଏ ସବୁ ଇତିହାସ ତଥା ଆକାଶବାଣୀର ଏହି ଜୟଯାତ୍ରାକୁ ନେଇ ଡ. ବଦ୍ରି ମିଶ୍ରଙ୍କ ଚିତ୍ରନାଟ୍ୟରେ ଦିଲ୍ଲୀପ କୁମାର ନାୟକଙ୍କ ପ୍ରଯୋଜନା ଓ ଅଭିମନ୍ୟୁ କାନୁନ୍‌ଗୋଙ୍କ ଉପସ୍ଥାପନାରେ ସୋମବାର ସକାଳ ୮ଟା ୩୦ରେ ପୁରୀ ଆକାଶବାଣୀରୁ ପ୍ରସାରିତ ହେବ ନାଟ୍ୟ ରୂପକ "ଅନାହତ ଯାତ୍ରା'। ଏଥିରେ ଅଭିନୟ କରୁଛନ୍ତି ପ୍ୟାରୀମୋହନ ଦାଶ, ବଦ୍ରି ମିଶ୍ର, ପ୍ରକାଶ ରଥ, ଅଭିମନ୍ୟୁ କାନୁନ୍‌ଗୋ ଓ ସନ୍ତୋଷ ଲେଙ୍କା। ଏଥିରେ ସଙ୍ଗୀତ ଦେଇଛନ୍ତି ବଦ୍ରି ମିଶ୍ର ଓ କଣ୍ଠଶିଳ୍ପୀ ପ୍ରକାଶ ରଥ।



## ଭକ୍ତଙ୍କୁ ପାଣି ବାଣ୍ଟିଲା ପୁଲିସ

ପୁରୀ,୭।୬(ସମିସ): ଏବେ ପ୍ରବଳ ଗରମ ହେଉଛି। ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା ପରେ ଭକ୍ତ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଗୁଳୁଗୁଳି ବି ଅଧିକ ମାତ୍ରାରେ ଅନୁଭୂତ ହେଉଛି। ତେଣୁ ଭକ୍ତଙ୍କ ସମାଗମ ଓ ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଏକ ମାନବୀୟ ପଦକ୍ଷେପ ଦେଖିବାକୁ ମିଳିଛି। ରବିବାର ସିଟି ଡିଏସ୍‌ପି, ସିଂହଦ୍ୱାର ଥାନା, ଟାଉନ ଥାନା ଅଧିକାରୀ ଓ ତାଙ୍କ ଟିମ୍ ଶ୍ରଦ୍ଧାଳୁମାନଙ୍କୁ ପାଣି ବଣ୍ଟନ କରିଥିଲେ। ଦର୍ଶନ ପାଇଁ ଆସୁଥିବା ବୃଦ୍ଧ, ମହିଳା ଓ ଶିଶୁମାନଙ୍କୁ ଖରାରୁ



ଆଶ୍ୱସ୍ତି ଦେବା ସହ ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରାକୁ ସୁଗମ କରିବା ପାଇଁ ପୁଲିସ ଏହି ସେବା କାର୍ଯ୍ୟ କରିଥିଲା। ପୁରୀ ପୁଲିସର ଏଭଳି ସେବାଭାବକୁ ଭକ୍ତମାନେ ପ୍ରଶଂସା କରିଛନ୍ତି। ପୁଲିସ ପକ୍ଷରୁ କୁହଯାଇଛି "ସୁରକ୍ଷା ସହ ସେବା ହିଁ ଆମର ଧର୍ମ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଭକ୍ତ ଆମ ପାଇଁ ସମ୍ମାନିତ ଅତିଥି।'

## ଅଟୋ ପାର୍କିଂ ବିବାଦରୁ ଅପହରଣ

**ମାଡ଼ ମାରି ଲହୁଲୁହାଣ; ୩ ଗିରଫ**

ପୁରୀ,୭।୬(ସମିସ): ଅଟୋ ପାର୍କିଂକୁ ନେଇ ହୋଇଥିବା ବିବାଦ ଅପହରଣ ଓ ମରଣାନ୍ତକ ଆକ୍ରମଣରେ ପରିଣତ ହୋଇଛି। ଏହି ମାମଲାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମଚଣ୍ଡୀ ସାହି ବାଲି ଉପରର ଅମିତ ଦାସ (୩୭), ସୁଜିତ୍ ଦାସ (୩୫) ଓ ଶେଖ୍ ମୁମ୍‌ତାଜ (୬୦)। ଅଭିଯୋଗ ଅନୁସାରେ, ଗତ ୪ ତାରିଖ ରାତି ପ୍ରାୟ ୩ଟା ସମୟରେ ଅଭିଯୋଗକାରୀ ରାମଚଣ୍ଡୀ ସାହି ବାଲି ଉପରର ମହେଶ ଦଳେଇଙ୍କର ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କ ଅଟୋ ପାର୍କିଂକୁ ନେଇ ଅଭିଯୁକ୍ତମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ମିଶି ଅଭିଯୋଗକାରୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶନିବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଅଭିଯୋଗକାରୀ ମହେଶ ଯେତେବେଳେ ନିଜ ଅଟୋରେ ବାଲି ଉପର ଆଡ଼କୁ ଯାଉଥିଲେ ଆଶ୍ରମ ଛକ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ପରେ ଜୋର୍‌ଜବରଦସ୍ତ ତାଙ୍କୁ ଅଟୋ ସହ ଅପହରଣ କରି ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତିନି ଅଭିଯୁକ୍ତ ପୁଣି ମହେଶଙ୍କୁ ମୁଥ ଓ ଗୋଇଠା ମାରିଥିଲେ। ଫଳରେ ତାଙ୍କ ଗାଲରୁ ରକ୍ତସ୍ରାବ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ମହେଶଙ୍କ ଅଭିଯୋଗ ଆଧାରରେ କୁମ୍ଭାରପଡ଼ା ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

ରଥଖଳାରୁ...

## ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ପ୍ରସ୍ତୁତି ଶେଷ

ପୁରୀ,୭।୬(ସମିସ)





ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ରବିବାର ୪୮ତମ ଦିବସରେ ପହଞ୍ଚିଛି। ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନଙ୍କ ସହଯୋଗରେ ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ପ୍ରସ୍ତୁତି ଶେଷ ହୋଇଛି। ଏଥିସହ ଶେଷ ହୋଇଛି ଭୂଇଁ ଫ୍ରେମ୍‌ର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କାର୍ଯ୍ୟ। ଏହି ପ୍ରଥମ ଭୂଇଁ ଫ୍ରେମ୍ ୬ଟି ଓରା ବା ଛ' କାଠିରେ ୪ଟି ଖମ୍ବି ସଂଯୋଗ ହୋଇ ଚତୁଃପାଶ୍ୱର୍ରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ ଲାଗି, ପାଖୁଡ଼ାକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ବି ଚାରିପାଶ୍ୱର୍ରେ ସଂଯୋଗ ହୋଇଛି। ସୋମବାର ଚାରିନାହାକାରେ ତିନିରଥର ପ୍ରଥମ ଭୂଇଁ ଛ' କାଠି ଉଠିବା କାର୍ଯ୍ୟକ୍ରମ ରହିଥିବାରୁ, ତା'ର ପୂର୍ବ ପ୍ରସ୍ତୁତି ଶେଷ କରିଛନ୍ତି ଭୋଇ ସେବକମାନେ। ତିନିରଥରେ ଚାରି ନାହାକାକୁ ଛ' କାଠି ବା ଭୂଇଁ ଚଉତା ଉଠାଇବା ସହ ହେବା ପାଇଁ ସୋମବାର ଭୋଇ ସେବକମାନେ ୪ଟି ଲେଖାଏଁ ୨୦ ଫୁଟିଆ ଚାଙ୍ଗଡ଼ା ଫାଳି ଚାରି ନାହାକାକୁ ଲଗାଇ ପକାଇଛନ୍ତି।

ନନ୍ଦିଘୋଷ ରଥର ୧୬ଟି ଯୋକା ନନ୍ଦିଘୋଷ ରଥ ଚତୁଃପାଶ୍ୱର୍ କୋଣରେ ଫିଟିଙ୍ଗ୍ ହେବା ସହ ରବିବାର ତାଳଧ୍ୱଜ ରଥରେ ବାକି ୮ଟି ଯୋକା ଏବଂ ଦର୍ପଦଳନ ରଥର ବାକି ୪ଟି ଯୋକା ଫିଟିଙ୍ଗ୍ ଶେଷ ହୋଇଛି। ଏଥିସହ ରବିବାର ମହାପ୍ରଭୁଙ୍କ ଅଣସର ଗୃହ ପ୍ରସ୍ତୁତ ପାଇଁ ତାଳଧ୍ୱଜ ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ତିନି ଗୋଟି ୨୦ ଫୁଟିଆ ଅଣସର ଗୟଳ ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥର ୮ଟି ଲେଖାଏଁ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ୧୩ ପରସ୍ତ ପୋଟଳ ନିର୍ମାଣ ପାଇଁ ଜଙ୍ଘା କଣ୍ଟା, ବାଗିଆ କଣ୍ଟା ଏବଂ ଗୋଡ଼ିଛାଲ କଣ୍ଟା ନିର୍ମାଣ କରୁଛନ୍ତି।

## ମହାଶୈବ ଯଜ୍ଞ ମହୋତ୍ସବ ଉଦ୍‌ଯାପିତ

ପୁରୀ,୭।୬(ସମିସ): କୁମ୍ଭାରପଡ଼ାସ୍ଥିତ ଶ୍ରୀଶ୍ରୀ ବୁଢ଼ା ବାନାମ୍ବର ଦେବଙ୍କ ଚତୁର୍ଦ୍ଦିବସୀୟ ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଶୈବ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଶାଳା ଶୋଧନ, ମଙ୍ଗଳାର୍ପଣ, ମଣ୍ଡଳାଧିବାସ ସହିତ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ ବ୍ରତଧାରୀ ଇନ୍ଦ୍ରଦ୍ୟୁମ୍ନ ସରୋବରରୁ ଜଳ ସଂଗ୍ରହ କରିଥିଲେ। ପଣ୍ଡିତ ରଘୁନାଥ ଦାଶଙ୍କ ପୌରୋହିତ୍ୟରେ ୫ଜଣ ଶୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଯଜ୍ଞ କାର୍ଯ୍ୟକ୍ରମ ବୈଦିକ ରୀତିରେ ସମ୍ପନ୍ନ ହୋଇଥିଲା। ଶନିବାର ଠାକୁରଙ୍କ ନଗର ପରିକ୍ରମା ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

ଏହି ଅବସରରେ ଦୁଇଦିନ ଧରି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃଷ୍ଣ ମୋହନ ସଙ୍ଗୀତ ନୃତ୍ୟ ଏକାଡେମୀ ପକ୍ଷରୁ ସଦାଶିବ ବିଶ୍ୱାଳଙ୍କ ତତ୍ତ୍ୱାବଧାନ ଏବଂ ଗୁରୁ ସବିତା ପଣ୍ଡାଙ୍କ



ନେତୃତ୍ୱରେ କୁନିକୁନି କଳାକାରମାନେ ଓଡ଼ିଶୀ ଏବଂ ଭଜନ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ଦିବସରେ ପ୍ରାକ୍ତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମାଜସେବୀ ଦିଲ୍ଲୀପ ସାହୁ, ରୋହିତ ସ୍ୱାଇଁ, ବିଶ୍ୱନାଥ ବେହେରା, ରଞ୍ଜନ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ପୂର୍ବକ ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ। ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ହରିହର ପାଢ଼ୀ, ସଭାପତି ଜଗନ୍ନାଥ ପାଢ଼ୀ, ମୁଖ୍ୟ ପୂଜାରୀ କୃଷ୍ଣ ଚନ୍ଦ୍ର ପାଢ଼ୀ, ସମ୍ପାଦକ ମହେନ୍ଦ୍ର ବିଶୋଇ, କାର୍ଯ୍ୟାଳୟ ଅଧିକାରୀ କୈଳାସ ବିଶୋଇଙ୍କ ସୁପରିଚାଳନାରେ ଅନୁଷ୍ଠିତ ଏହି ଚାରିଦିନିଆ ମହୋତ୍ସବର ଅନ୍ତିମ ଦିବସରେ କୁମ୍ଭାରପଡ଼ା ଏବଂ ଆଖପାଖର ଲୋକେ ପ୍ରସାଦସେବନ କରିଥିଲେ। ଆଶିଷ କୁମାର ସମର୍ଥା, ବିଶ୍ୱଭୂଷଣ ପାଢ଼ୀ, ବିଶ୍ୱଜିତ୍ ପାଢ଼ୀ, ସୁଦର୍ଶନ ସମର୍ଥା, ମଧୁସୂଦନ ସମର୍ଥା, ତ୍ରିନାଥ ପାତ୍ର, ସୁମୋ ରାଉଳ, ବିକ୍ରମ ପଟ୍ଟନାୟକ, ଶିବ ସମର୍ଥା, ଜଳନ୍ଧର ବିଶୋଇ, ବୀର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଗକେନ୍ଦ୍ରର ସ୍ଥାପନା ଦିବସ ପାଳିତ

ପୁରୀ,୭।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ (ପଞ୍ଜୀକୃତ) ପୁରୀ ଯୋଗ ଜିଲ୍ଲା ଜଗନ୍ନାଥ କ୍ଷେତ୍ରର କଣ୍ଟପୁର ଯୋଗକେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ ରବିବାର ପାଳିତ ହୋଇଯାଇଛି। ପୁରୀ ଯୋଗ ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର, ପ୍ରାନ୍ତ ସଦସ୍ୟ ଏମ୍. ରାମ୍ୟା ରେଡ୍ଡୀ, ଉପଦେଷ୍ଟା ବି.ବି. ରାମ ସ୍ୱାଇଁ, ମନ୍ତ୍ରୀ ସଦାଶିବ ଦାସ, ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଚିନ୍ମୟୀ ଗଜେନ୍ଦ୍ର, ମମତା ପରିଡ଼ା ଓ ତାଙ୍କ ଗ୍ରୁପ୍ ଦ୍ୱାରା ସରସ୍ୱତୀ ବନ୍ଦନା ପରିବେଷଣ କରାଯାଇଥିଲା। ଗୁଡ୍‌ଲି ସ୍ୱାଇଁ, ଅଙ୍କିତା ପ୍ରିୟଦର୍ଶିନୀ, ମିଳନ ବେହେରା, ଦୁର୍ଯ୍ୟୋଧନ ବିଶ୍ୱାଳ ଯୋଗାଭ୍ୟାସ କରାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଯୋଗ, ପ୍ରାଣାୟାମ ଓ ଧ୍ୟାନର ଉପଯୋଗିତା ଉପରେ ବିଶଦ୍ ଚର୍ଚ୍ଚା ସହ ନିଜ ନିଜ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବହୁ ସାଧକ, ସାଧିକା ଉପସ୍ଥିତ ଥିଲେ। ସୁକାନ୍ତ କୁମାର ସ୍ୱାଇଁ ମଞ୍ଚ ସଞ୍ଚାଳନ କରିଥିବାବେଳେ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା, ତ୍ରିଲୋଚନ ସାହୁ, ସଞ୍ଜୟ ପ୍ରଧାନ, ନବ କିଶୋର ପ୍ରଧାନ ସହଯୋଗ କରିଥିଲେ। ସଂଗଠନ ମନ୍ତ୍ରୀ ପ୍ରକାଶ ଜେନା ଧନ୍ୟବାଦ ଦେଇଥିଲେ। ତେଜସ୍ୱିନୀ, କଙ୍କନ ଓ ଦେବସ୍ମିତା ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶାନ୍ତିପାଠ କରାଯାଇଥିଲା।

## 'ସୁସ୍ଥ ରହିବାର ମୂଳମନ୍ତ୍ର ଯୋଗ'

ପୁରୀ,୭।୬(ସମିସ): ସ୍ଥାନୀୟ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ପିଲାଙ୍କ ଖବରକାଗଜ ଶିଶୁ ସମାଚାରର ଊନବିଂଶ ସ୍ୱନକ୍ଷତ୍ର ଉତ୍ସବ ପରିପ୍ରେକ୍ଷୀରେ ରବିବାର ବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପୌର ସଦସ୍ୟା ସରସ୍ୱତୀ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ପିଲାମାନଙ୍କୁ ଯୋଗର ଉପକାରିତା ସମ୍ବନ୍ଧରେ ସଚେତନତା ବାର୍ତ୍ତା ଦେଇ କହିଥିଲେ 'ସୁସ୍ଥ ରହିବାର ମୂଳମନ୍ତ୍ର ଯୋଗ'। ଏହାକୁ କେବଳ ପ୍ରତିଯୋଗିତା ମଧ୍ୟରେ ସୀମିତ ନ ରଖି ନିତ୍ୟ ଯୋଗ କରିବା ଉଚିତ୍। ଅନ୍ୟତମ ଅତିଥି ଭାବେ ଯୋଗଗୁରୁ ରମାବଲ୍ଲଭ ମହାପାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ବହୁ ଯୋଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଯୋଗଗୁରୁ ଆଲୋକ କୁମାର ସ୍ୱାଇଁ ଏବଂ ଯୋଗଗୁରୁ ବିଥିକା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଡ. ଶଶିକାନ୍ତ ରଥ ପରିଚାଳନା କରିଥିବାବେଳେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ସହ ଆସନ୍ତା ୨୧ ତାରିଖ ସକାଳ ୮ଟାରେ ଓଡ଼ିଶା ସଂଗୀତ ପରିଷଦରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଅଗଷ୍ଟ ୮ ତାରିଖରେ ପୌର ସଦନରେ ହେବାକୁ ଥିବା ସ୍ୱନକ୍ଷତ୍ର ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡ. ସ୍ନେହଲତା ରଥ, ବନିତା ଦୀକ୍ଷିତ୍ ଓ ଓମ୍ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ସମାଜସେବୀ ଉମେଶ ଦାସ ଧନ୍ୟବାଦ ଦେଇଥିଲେ।

## ପ୍ରତିବାଦ ପଦଯାତ୍ରାକୁ ୬୮ ଦିନ; ସରକାର ନିରବ



ପୁରୀ,୭।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ ଜିଲ୍ଲା ପ୍ରଶାସନ ନା ସରକାର କେହି ବି ଶୁଣୁନାହାନ୍ତି। ସେମାନଙ୍କ ନିରବଦ୍ରଷ୍ଟାକୁ ନେଇ ପୁରୀବାସୀ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ହେଲେ ସମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି ପୁରୀବାସୀ। ଏପ୍ରିଲ୍ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ୬୮ ଦିନରେ ପହଞ୍ଚିଛି। ହେଲେ ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ପ୍ରତିଦିନ ଭଳି ଶନିବାର ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ। ନେତା, ମନ୍ତ୍ରୀ ସମସ୍ତେ ଧାଡ଼ିରେ ଯାଆନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ମନୋରଞ୍ଜନ ରଣସିଂହ, ନୃସିଂହନାଥ ନାୟକ, ସରସ୍ୱତୀ ପାତ୍ର, ମମତା ସ୍ୱାଇଁ, ମମତା ଦାସ, ପବିତ୍ରା ନାୟକ, ପ୍ରଣତି ରାୟ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ଛବିରାଣୀ ମହାରଣା, ବନିତା ଦିକ୍ଷୀତ୍, ସନ୍ତୋଷ ସେନାପତି, ରାଜା ମହାନ୍ତି, ପ୍ରକାଶ ଚନ୍ଦ୍ର ନାୟକ, ଶିବ ସୁନ୍ଦର ମିଶ୍ର, ଅଭିମନ୍ୟୁ ପ୍ରଧାନ, ଯାଦବାନନ୍ଦ ରାୟ, ପ୍ରଫୁଲ୍ଲ କୁମାର ସାହୁ, ବିଜୟ ମିଶ୍ର, ଜଗନ୍ନାଥ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ଶୁଭଶ୍ରୀ ମହାରଣା, ଅଦ୍ୟାଶା ମାହାଲ, ଦୀପା ବେହେରା ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

ଲିଙ୍ଗରାଜ କଳା ନିକେତନର ବାର୍ଷିକ ଉତ୍ସବ 'ଶ୍ରୀ ଜଗନ୍ନାଥ ଶରଣଂ'

## ମନଛୁଆଁ ନୃତ୍ୟ, ଗୀତରେ ଦର୍ଶକ ମନ୍ତ୍ରମୁଗ୍ଧ

ପୁରୀ,୭।୬(ସମିସ): ସ୍ଥାନୀୟ ପୌରସଦନରେ ରବିବାର ଲିଙ୍ଗରାଜ କଳାନିକେତନର ୩୬ତମ ବାର୍ଷିକ ଉତ୍ସବ 'ଶ୍ରୀଜଗନ୍ନାଥ ଶରଣଂ' ନୃତ୍ୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀମାନଙ୍କ ମନଛୁଆଁ ନୃତ୍ୟ ଗୀତରେ ମନ୍ତ୍ରମୁଗ୍ଧ ହୋଇଥିଲେ ଦର୍ଶକ।

ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର୍, ଗୁରୁମା' ଆରତୀ ରଣବୀର୍, ବରିଷ୍ଠ ସେବାୟତ ଭଗବାନ ସୁଆର, ରବିନାରାୟଣ ଦାଶ, ହୋଟେଲିୟର ନିରଞ୍ଜନ ଦାଶ, ସମାଜସେବୀ ଦିବାକର ମୁଦୁଲି, ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଗୁରୁ ଧବଳେଶ୍ୱର ମିଶ୍ର, ଉପସଭାପତି ଗଣେଶ୍ୱର ପ୍ରହରାଜ, ଉପାଧକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ପରାମର୍ଶଦାତା ଧିରେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ସସ୍ମିତା ମହାନ୍ତି ରାଉତରାୟ ଏବଂ ନାରାୟଣ ପାଣ୍ଡେଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଯୁବ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଯଜ୍ଞଦତ୍ତ ଦାଶଙ୍କୁ ନୃତ୍ୟ ଆରତୀ ରଣବୀର୍ ଯୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା।




ଅନୁଷ୍ଠାନର ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟନାଟିକା ଭାଗବତ ଶାସ୍ତ୍ରର କଥାବସ୍ତୁକୁ ନେଇ ସର୍ବଭୂତେ ହରି-ଦଳଗତ, ରାମଧ୍ୟାନ, ଗୁରୁ ବନ୍ଦନା, ଶାନ୍ତାକାରଂ, ଅଇଗିରି ନନ୍ଦିନୀ, ଶ୍ୟାମ ନାଗର ହେ, ବିକଶିତ ଭାରତ, ଭଜନ ନୃତ୍ୟ, ଲୋକନୃତ୍ୟ, ଦଣ୍ଡନୃତ୍ୟ ଇତ୍ୟାଦି ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥ ଏବଂ ଗୁରୁ ତାପସ ନାୟକଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ସଙ୍ଗୀତ, ଛାନ୍ଦ ଦଳଗତ ପରିବେଷଣ କରାଯାଇଥିଲା। ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଦ୍ୱୈତ ତବଲା ବାଦନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ସିପ୍ରା ମିଶ୍ର, ମମତା ଭୋଇ, ଅର୍ଚ୍ଚନା ସାହୁ, ଭାଗ୍ୟଲକ୍ଷ୍ମୀ ଜେନା, ଶୁଭସ୍ମିତା ବଳ, କାଳୁଚରଣ ବରାଳ, ବଳରାମ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଗୁରୁ ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏକ ଚିତ୍ରକଳା ପ୍ରଦର୍ଶନୀ ହେବା ସହିତ ଭାରତ ସରକାରଙ୍କ ପ୍ରସାର ଭାରତୀ ପକ୍ଷରୁ ଦୂରଦର୍ଶନରେ ବି ଗ୍ରେଡ୍ ମାନ୍ୟତା ଲାଭ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂଙ୍କୁ ସମ୍ମାନିତ କରାଯାଇଥିଲା।

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

ସକାଳ THE SAKALA

## ଟନିକ୍ ବଳରେ କେତେଦିନ?

ଭାରତର ଅର୍ଥନୀତି ମହାସଙ୍କଟର ଦ୍ୱାରଦେଶରେ। ଉଭୟ ମାକ୍ରୋ ଓ ମାଇକ୍ରୋ ଇକୋନୋମିର ସ୍ଥିତି ଅତି ଗମ୍ଭୀର। ରପ୍ତାନି ତୁଳନାରେ ଆମଦାନୀ ବଢ଼ି ଚାଲିଥିବାରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହୋଇଚାଲିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ବୈଦେଶିକ ମୁଦ୍ରାଭଣ୍ଡାର ଉପରେ ପଡ଼ିଛି। ସାର ଯୋଗାଣ ସଂକୁଚିତ ହେବା ଫଳରେ ଚଳିତ ଖରିଫ୍ ଋତୁରେ ସାର ମୂଲ୍ୟ ଆକାଶଛୁଆଁ ହେବା ଏକପ୍ରକାର ନିଶ୍ଚିତ। ଏହାଫଳରେ କୃଷି ଖର୍ଚ୍ଚ ବୃଦ୍ଧି ପାଇ ଶସ୍ୟବଜାର ମହଙ୍ଗା ହେବ। ପୁଣି ଚଳିତ ମୌସୁମୀରେ ଏଲ୍‌ନିନୋ ଖଳନାୟକ ଭାବେ ଉଭା ହେବାର ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଖାଦ୍ୟ ମୁଦ୍ରାସ୍ଫୀତି ଆହୁରି ବଢ଼ିବ। ପଶ୍ଚିମ-ଏସିଆ ଯୁଦ୍ଧସଙ୍କଟ ଯୋଗୁଁ ଭାରତରେ ଇନ୍ଧନ ମୂଲ୍ୟ ଇତିମଧ୍ୟରେ ତିନିଦଫାରେ ଲିଟର ପିଛା ୭.୫୦ ଟଙ୍କା ବଢ଼ିଛି ଏବଂ ଆଗକୁ ଆହୁରି ବଢ଼ିବାକୁ ଯାଉଛି। ଫଳରେ ପରିବହନ ଖର୍ଚ୍ଚ ବୃଦ୍ଧି ପାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ମୁଦ୍ରାସ୍ଫୀତି ଆହୁରି ବଢ଼ିବ ବୋଲି ଆରବିଆଇ ଆକଳନ କରିଛି। ଏହି ପୃଷ୍ଠଭୂମିରେ ସୁଧ ହାର(ରିପୋ ରେଟ୍) ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ବୋଲି ଜଣାପଡୁଥିଲା। କିନ୍ତୁ ଗତ ସପ୍ତାହରେ ଅନୁଷ୍ଠିତ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ନିର୍ଦ୍ଧାରଣ ବୈଠକରେ ସୁଧ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖାଯାଇଥିବା ଘୋଷଣା କରାଯାଇଛି। ଆରବିଆଇ ମୁଦ୍ରାସ୍ଫୀତି ପ୍ରଭାବକୁ ଗୌଣ କରି ଅଭିବୃଦ୍ଧି ପାଇଁ ନିବେଶକୁ ଗୁରୁତ୍ୱ ଦେଇ ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି।

ସମ୍ପ୍ରତି ଭାରତୀୟ ଅର୍ଥନୀତି ଯେଉଁ ସଙ୍କଟ ଦେଇ ଗତି କରୁଛି ସେଥିରୁ ମୁକୁଳିବାର ବାଟ ଏତେ ସହଜ ନୁହେଁ। ବୈଦେଶିକ ମୁଦ୍ରାଭଣ୍ଡାର ହ୍ରାସ ପାଇ ଚାଲିଥିବା ବେଳେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଐତିହାସିକ ନିମ୍ନସ୍ତରକୁ ଖସି ଆସିଛି। ବୈଦେଶିକ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରି ଚାଲିଛନ୍ତି। ଭାରତୀୟ ଅର୍ଥନୀତି ଆଗରେ ଏବେ ମୁଖ୍ୟ ଆହ୍ୱାନ ହେଉଛି କିଭଳି ବଜାର ଅର୍ଥନୀତି ଓ କରେଣ୍ଟ ଆକାଉଣ୍ଟ ନିଅଣ୍ଟର ନିୟନ୍ତ୍ରଣ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା। ଏହି ଲକ୍ଷ୍ୟରେ ଆରବିଆଇ ସୁଧ ହାରକୁ ଅପରିବର୍ତ୍ତିତ ରଖିବା ଫଳରେ ଋଣ ଉପରେ ସୁଧ ହାର ଓ କିସ୍ତି ପରିମାଣରେ ସେଭଳି ବିଶେଷଧରଣର ପରିବର୍ତ୍ତନ ହେବ ନାହିଁ। ଅପରପକ୍ଷରେ ପାଇକାରୀ ଓ ଖାଉଟି ମୁଦ୍ରାସ୍ଫୀତିରେ ଯେଉଁ ଉପରମୁହାଁ ଧାରା ଆରମ୍ଭ ହୋଇଛି ତାହା ମୁଖ୍ୟତଃ ରୋଷେଇ ଘର ଖର୍ଚ୍ଚ ଯୋଗୁଁ ପ୍ରଭାବିତ ହୋଇଛି। ସୁଧ ହାର ବୃଦ୍ଧି କଲେ ମଧ୍ୟ ସେଥିରେ ବିଶେଷ ପ୍ରଭାବ ପଡ଼ିବାର ଆଶା ନାହିଁ। ତେଣୁ ଅଧିକ ପରୀକ୍ଷା ନିରୀକ୍ଷା କରି ଆରବିଆଇ କୌଣସି ବିପଦ ଆଶଙ୍କା ମୁଣ୍ଡାଇବାକୁ ଚାହିଁନାହାନ୍ତି। ଅଧିକନ୍ତୁ ଅର୍ଥନୀତିକୁ ତାହାର ସ୍ଥିତିରେ ସ୍ଥିର ରଖିବାକୁ ଛାଡ଼ି ଦେଇ କେବଳ ନିରୀକ୍ଷଣ କରିବାକୁ ପସନ୍ଦ କରିଛନ୍ତି।

ଭାରତର ଅର୍ଥନୀତିକୁ ସୁଧାରିବା ପାଇଁ ଆରବିଆଇ କେତେକ ନୀତିଗତ ଘୋଷଣା କରବା ସହିତ କେତେକ କଟକଣାକୁ କୋହଳ କରିଛନ୍ତି। ଭାରତର ମୁଦ୍ରଭଣ୍ଡାରରେ ବୈଦେଶିକ ପ୍ରତ୍ୟକ୍ଷ ନିବେଶ(ଏଫ୍‌ଡିଆଇ) ଏବଂ ବୈଦେଶିକ ପ୍ରତିଭୂତି ନିବେଶ(ଏଫ୍‌ପିଆଇ)ର ଅବଦାନ ଅଧିକ। କିନ୍ତୁ ଗତ ଦୁଇ/ତିନିବର୍ଷ ଧରି ଭାରତକୁ ଏଫ୍‌ଡିଆଇ ଆଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ବେଳେ ଏଫ୍‌ପିଆଇରୁ ବୈଦେଶିକ ପୁଞ୍ଜି ପ୍ରତ୍ୟାହାର ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି। ଗତ ମାର୍ଚ୍ଚ ମାସରୁ ଅଦ୍ୟାବଧି ୩୮୦୦ କୋଟି ଡଲାର ମୂଲ୍ୟର ପୁଞ୍ଜି ପ୍ରତ୍ୟାହାର ହୋଇସାରିଛି। ଏହାପଛରେ ମୂଳ କାରଣ ରହିଛି କେନ୍ଦ୍ର ସରକାରଙ୍କ ଏଫ୍‌ଡିଆଇ ନୀତି। ୨୦୨୩ ପୂର୍ବରୁ 'ୱିଥହୋଲଡିଂ ଟାକ୍ସ'(ଏଫ୍‌ପିଆଇ ବା ଭାରତୀୟ ବଣ୍ଡରେ ନିବେଶ କରିଥିବା ବୈଦେଶିକ ପୁଞ୍ଜିପତିମାନଙ୍କର ସୁଧ ଆୟ ଉପରେ ଭାରତ ସରକାର କାଟି ରଖୁଥିବା ଟିକସ) ୫% ଥିବା ବେଳେ ୨୦୨୩ ପରେ କେନ୍ଦ୍ର ସରକାର ଏହାକୁ ଏକାଥରକେ ୨୦%କୁ ବୃଦ୍ଧି କରିଥିଲେ। ଏଣୁ ବୈଦେଶିକ ପୁଞ୍ଜିପତିମାନେ ଭାରତର ପ୍ରତିଭୂତି ବଜାରରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି, ଯାହାର ପ୍ରଭାବ ଆମ ବୈଦେଶିକ ମୁଦ୍ରାଭଣ୍ଡାର ଉପରେ ପଡ଼ିଛି। ଏବେ ଯାଇ ସରକାରଙ୍କ ଚେତା ପଶିଛି ଏବଂ ୱିଥହୋଲ୍ଡିଂ ଟ୍ୟାକ୍ସକୁ ପ୍ରତ୍ୟାହାର କରିଛନ୍ତି। କିନ୍ତୁ ବୈଦେଶିକ ପୁଞ୍ଜି ନିବେଶକଙ୍କୁ ଏହା ସହସା ଆକୃଷ୍ଟ କରିବା ଭଳି ଲାଗୁନାହିଁ। କାରଣ ନେଡ଼ି ଗୁଡ଼ କହୁଣୀକୁ ବୋହିଗଲାଣି। ତେଣୁ ଆରବିଆଇ ମଧ୍ୟ ଏ ଦିଗରେ କେତେକ ପଦକ୍ଷେପ ନେଇଛନ୍ତି।

ଭାରତୀୟ ଅର୍ଥନୀତି ଏବେ ବଡ଼ ଧରଣର ନୀତିଗତ ସଂସ୍କାର ଲୋଡୁଛି। ସଂସ୍କାରଗତ ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ସରକାରଙ୍କ ମତିଗତି ଯାହା ସେଥିରେ 'କ୍ଷମତା' ତୁଳନାରେ ଯେ 'ଅର୍ଥନୀତି'କୁ ଅଗ୍ରାଧିକାର ମିଳିବ ସେ ଆଶା ଦେଖାଯାଉନାହିଁ। ଯେଉଁଠି ଅସ୍ତ୍ରୋପଚାର ଆବଶ୍ୟକ ସେଠାରେ ଔଷଧ ବିଶେଷ କାମ୍ଟୁ କରିବ ନାହିଁ। ଆରବିଆଇର ନୀତିଗତ ନିଷ୍ପତ୍ତି କେବଳ ଟନିକ୍ ଭଳି ଆଉ କିଛିଦିନ ଅର୍ଥନୀତିକୁ ଚଳାଇ ନେବାରେ ସହାୟକ ହେବ। କିନ୍ତୁ ଏଭଳି ପ୍ରୟାସରେ ଅର୍ଥନୀତିକୁ କେତେଦିନ ସୁସ୍ଥ ରଖିହେବ ତାହା ସନ୍ଦେହରେ।

# ୨୦୩୬: ବିକଶିତ ଓଡ଼ିଶାର ଖସଡ଼ା

**ମୋ ସ୍ୱପ୍ନର ଓଡ଼ିଶା**

**ପଞ୍ଚାନନ କାନୁନ୍‌ଗୋ**

*ପୂର୍ବପ୍ରକାଶିତ ଉତ୍ତାରୁ...*

କୃଷିଭିତ୍ତିକ ଅର୍ଥନୀତି ଅନୁସୃତ ହେଲେ ମଧ୍ୟ ଅନ୍ୟ ଆୟର ବ୍ୟବସ୍ଥା ଯଥା- ଶିଳ୍ପ ଉତ୍ପାଦନ ଓ ସେବା କ୍ଷେତ୍ରକୁ ଅଦରକାରୀ ବିବେଚନା କରାଯାଇ ପାରିବ ନାହିଁ। ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଦେଶରେ ଗଢ଼ି ଉଠିଛି। ଓଡ଼ିଶାରେ ଲୋକଙ୍କର ଆବଶ୍ୟକତା ଏବଂ ରାଜ୍ୟରେ ମିଳୁଥିବା ସହଜଲବ୍ଧ ଓ ବଜାରର ଆବଶ୍ୟକତାକୁ ଲକ୍ଷ୍ୟ ରଖି ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବାର ଆବଶ୍ୟକତା ରହିଛି। ଏହିସବୁ ଶିଳ୍ପ ମଧ୍ୟରେ କୃଷିଜାତ ସଂପଦ ଓ ଜଙ୍ଗଲ ଜାତ ସଂପଦକୁ ବ୍ୟବହାର କରି ଶିଳ୍ପ ସମୂହ ଗଢ଼ିବା ପାଇଁ ପ୍ରାଥମିକତା ଦିଆଯିବ। ପ୍ରସାଧାନ ସାମଗ୍ରୀ ଉତ୍ପାଦକ ସଂସ୍ଥା ଜଙ୍ଗଲଜାତ ସଂପଦ ସଂଗ୍ରହକରି ଔଷଧ ଓ ବିଳାସ ସାମଗ୍ରୀ ପ୍ରସ୍ତୁତ କାରଖାନା ପ୍ରତିଷ୍ଠା କରିବା ଦରକାର। ଆବଶ୍ୟକତା ପାଇଁ ବଡ଼ ଇସ୍ପାତ କାରାଖାନା ସବୁ ତିଆରି ସରିଛି। ତା' ଠାରୁ ଅଧିକ ହେବା ଦରକାର ନାହିଁ। ଆଧୁନିକ ବଜାରର ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଏବେ ଗୁରୁତ୍ୱ ଲାଭ କରିଛି। ଅର୍ଥାତ୍ ଆଇ-ଓ-ଡାଇଡ୍ ସଲ୍ଟ ପ୍ରସ୍ତୁତ କରି ବଜାର ଆବଶ୍ୟକତା ମେଣ୍ଟାଇବା ଦରକାର। ଶିଳ୍ପ ଜଗତରେ ପର୍ଯ୍ୟଟନକୁ ଅନ୍ତର୍ଭୁକ୍ତ କରାଯାଇ ତା'ର ଭିତ୍ତିଭୂମି ଆବଶ୍ୟକତା ଯଥା ହୋଟେଲ, ରାସ୍ତା, ନୌ-କ୍ୟାଣ୍ଟିନ୍, ନୌ-ବିହାରର ଆଦି ନିର୍ମାଣ ହେବାର ଅଛି।

ରାଜ୍ୟର ଖଣିଜ ବ୍ୟବହାର କରି ବଡ଼ ବଡ଼ କଳକାରଖାନା ରାଜ୍ୟ ଭିତରେ ଓ ପଡ଼ୋଶୀ ରାଜ୍ୟରେ ଗଢ଼ି ଉଠିଛି। ଅଥଚ ଏ ରାଜ୍ୟର ଆବଶ୍ୟକ ଥିବା ସାଇକେଲ ବା ଅଟୋ ଉତ୍ପାଦନ ହୋଇ ପାରିଲା ନାହିଁ। ଲୁଗାକଳ, ଚିନିକଳ, ତେଲକଳ ପାଇଁ ବଡ଼ କାରଖାନା ସହିତ ଚୁକ୍ତି କରିବାକୁ କେହି କ'ଣ ବିରୋଧ କରନ୍ତେ? ଟ୍ରାକ୍ଟର, ମୋଟର ସାଇକେଲ, ଅଟୋ କାରଖାନା ନିର୍ମାଣକୁ କ'ଣ କେହି ବିରୋଧ କରିଛି? ରାଜ୍ୟରେ ବ୍ୟାପକ ସୌର ଉତ୍ପାଦନ ସମ୍ଭବ ଥାଇ ମଧ୍ୟ କୋଇଲାରୁ ଶକ୍ତି ଉତ୍ପାଦନକୁ ନିଶ୍ଚୟ ବିରୋଧ ଅଛି। ଏ ସମସ୍ତ ଉପରେ ଦୃଷ୍ଟି ନ ଦେଇ ରାଜ୍ୟ ସରକାର ରାଜ୍ୟରେ ଥିବା ବିପୁଳ ଖଣିଜ ସଂପଦକୁ ଖୋଳି ଅଯଥା ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ବୃଦ୍ଧି କରିବାରେ ଲାଗିଛନ୍ତି। ରାଜ୍ୟର ଜଳବାୟୁ ପରିବର୍ତ୍ତନ ଓ ଧ୍ୱଂସାଭିମୁଖୀ ବ୍ୟବସ୍ଥାକୁ ବିରୋଧ କରିବା ସବୁ ସଚେତନ ନାଗରିକର କର୍ତ୍ତବ୍ୟ। ମୋଟ ଶିଳ୍ପ ଉତ୍ପାଦନ ରାଜ୍ୟର ସାମଗ୍ରିକ ଉତ୍ପାଦନ (ଏସ୍‌ଜିଡିପି)ର ୩୦% ରେ ରହିବା ସହିତ ସେବା କ୍ଷେତ୍ରରୁ ୩୦% ସହଯୋଗ ମିଶି ୨୦୩୬ ମସିହା ବେଳକୁ ଏକ ସୁଚିନ୍ତିତ ଅଗ୍ରଗତିର ଖସଡ଼ା ପ୍ରସ୍ତୁତ ହେବା ଦରକାର। ଏଥିପାଇଁ ବାର୍ଷିକ ଅଗ୍ରଗତି ଓ ଆର୍ଥିକ ବ୍ୟବସ୍ଥା (ବଜେଟ) ରଖାଯିବା ସହିତ ପ୍ରତି ତିନିବର୍ଷରେ ଅଗ୍ରଗତି ଓ ଫଳାଫଳ ନିର୍ଣ୍ଣୟ କରାଗଲେ କେହି କାହାକୁ ଠକି ପାରିବେ ନାହିଁ ଅବା ସମାଲୋଚନା କରିବେ ନାହିଁ।

ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଦୈର୍ଘ୍ୟ ପ୍ରାୟ ୪୪୨ କି.ମି ବୋଲି ଧରାଯାଇଥାଏ। ଏହି ଅଞ୍ଚଳରେ ରାଜ୍ୟରୁ ଏବଂ ରାଜ୍ୟ ବାହାରୁ ପ୍ରବାହିତ ହୋଇ ଆସିଥିବା ଅନେକ ଛୋଟ ବଡ଼ ନଦୀ ସମୁଦ୍ରରେ ପଡ଼ିଥା'ନ୍ତି। ଏହିସବୁ ନଦୀକୁ ସଂଯୋଗୀକରଣ କରାଯାଇ ଏକ ବିସ୍ତୃତ ନାଳ (ନୂଆ ନଦୀ) ତିଆରି କରାଯାଇପାରିଲେ ଏକ ଦୀର୍ଘ ଜଳପଥ ସୃଷ୍ଟି ହୋଇପାରିବ, ଯାହାକି ପ୍ରଦୂଷଣ ମୁକ୍ତ ହେବ ଏବଂ ମଧୁର ଜଳ ଧାରଣ କରିବାକୁ ସକ୍ଷମ ହେବ। ଏହି ନଦୀଟି ମଧ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ ହେବ। ନଦୀର ଦୁଇ ପାର୍ଶ୍ୱରେ ଥିବା ଦୁଇଟି ପ୍ରଶସ୍ତ ବନ୍ଧ ନିର୍ମାଣ କରାଯାଇ ବିଭିନ୍ନ ସ୍ଥାନମାନଙ୍କରେ ଛୋଟ ଓ ଉନ୍ନତମାନର ସହର ମଧ୍ୟ ଗଢ଼ି ଉଠିବ। ଏଥିରୁ ରାଜ୍ୟ ଅନେକ ଆୟ ସଂଗ୍ରହ କରିବା ସହିତ ଗୋଟିଏ ବଡ଼ ନିଯୁକ୍ତି କ୍ଷେତ୍ର ପାଇପାରିବ।

ଓଡ଼ିଶାରେ ହାରାହାରି ବୃଷ୍ଟିପାତ ବାର୍ଷିକ ୧୫୦୦ ମି.ମି ଥାଇ ଅତ୍ୟନ୍ତ ଚାଷୋପଯୋଗୀ ହୋଇଥିଲେ ମଧ୍ୟ ଅନିୟମିତତା ବୃଷ୍ଟି, ବନ୍ୟା ଓ ମରୁଡ଼ି ପ୍ରାୟତଃ ଦେଖାଯାଏ। ବାତ୍ୟା ମଧ୍ୟ ଅନେକ ସମୟରେ ପ୍ରଭୂତ କ୍ଷତି ଘଟାଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ସବୁକୁ ବିଜ୍ଞାନର ଅଗ୍ରଗତି ସହିତ ମଣିଷ ନିୟନ୍ତ୍ରଣ କରିବାର ସମ୍ଭାବନା ଥିବାରୁ ଓଡ଼ିଶାର ଶାସକବର୍ଗ ଚାହିଁଲେ କରିପାରିବେ। ବର୍ଷାଜଳକୁ ନିୟନ୍ତ୍ରିତ କରି ଉତ୍ତମ ଓ ସୁପରିଚାଳନା କଲେ ଉଭୟ ମରୁଡ଼ି ଓ ବନ୍ୟାର ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଉଚ୍ଚ ସବୁଜ ପ୍ରାଚୀର ନିର୍ମାଣ କରାଯାଇ ବାତ୍ୟାର ପ୍ରକୋପ ହ୍ରାସ କରାଯାଇପାରିବ।

ଏପରି ଏକ ବିକାଶର ଧାରା ବାସ୍ତବରେ ଏକ ଦୃଢ଼ ଓ କ୍ରମବର୍ଦ୍ଧିଷ୍ଣୁ ବିକାଶ ଆସିବା ସମ୍ଭବ କରିଥାଏ। ରାଜ୍ୟର ଆବଶ୍ୟକତା ମେଣ୍ଟାଇବା ସହିତ ପଡ଼ୋଶୀଙ୍କର ଆବଶ୍ୟକତା ଶସ୍ତାରେ ଯୋଗାଇଥାଏ। ସବୁବର୍ଗର ବେକାରୀ କର୍ମସଂସ୍ଥାନ ସହ ଉପଯୁକ୍ତ ରୋଜଗାର ଲାଭ କରିଥା'ନ୍ତି। ଦରଦାମ୍ ସ୍ଥିର ରହିବା ସହିତ ଖାଉଟି ଶୋଷଣ ଉପରେ ଅଙ୍କୁଶ ଲାଗେ। ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ଶକ୍ତ ରାଜ୍ୟ ପ୍ରସ୍ତୁତ ହୁଏ। ଆମଦାନୀ କମିବା ସହିତ ରପ୍ତାନୀ ବୃଦ୍ଧିର ସମ୍ଭାବନା ଦେଖାଯାଏ। ଏ ସଂପର୍କରେ ରାଜ୍ୟରେ ଏବେ ସୃଷ୍ଟି ହୋଇଥିବା ଦୁଇଟି ରପ୍ତାନୀକାରୀ ବ୍ୟବସ୍ଥାର ଉଦାହରଣ ରଖାଯାଇପାରେ। ରାଜ୍ୟର ମତ୍ସ୍ୟ ଉତ୍ପାଦନ (ସମୁଦ୍ରଜାତ) ରପ୍ତାନୀ ସହିତ ମସଲା ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରରେ ଅନେକ ସଫଳତା ହାସଲ କରିଚାଲିଛି। ଗତ ୩୦ ବର୍ଷ ମଧ୍ୟରେ ରାଜ୍ୟ ଓ ଦେଶର ଆଭ୍ୟନ୍ତରୀଣ ବଜାରର ଆବଶ୍ୟକତା ମେଣ୍ଟାଇବା ସହିତ କିଛି ବିଦେଶୀ ରାଷ୍ଟ୍ରକୁ ରପ୍ତାନୀ ବୃଦ୍ଧି କରିଥିବାର ଦେଖାଯାଇଛି। ଅନେକ କିଛି ସମ୍ଭାବନା ଥିବା ବେଳେ ଲାଗେ ସରକାରଙ୍କର ଦୃଷ୍ଟିଭଙ୍ଗୀରେ ଦୁର୍ବଳତା ଅବା ନିଜ ଭିତରେ ଥିବା ଅଜ୍ଞତା ହେତୁ ସଂପଦଭରା ରାଜ୍ୟଟି ଅତି ବିପଦପୂର୍ଣ୍ଣ ଆର୍ଥିକ ଦୁର୍ଗତି ଭିତରେ ଗତି କରୁଛି। ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ନହେଲେ, ଭିତରେ ଥିବା ଇଚ୍ଛାଶକ୍ତି ଜାଗ୍ରତ ନହେଲେ ଏବଂ ସମୟଭିତ୍ତିକ କାର୍ଯ୍ୟ କରା ନ ଗଲେ ୨୦୩୬ ପାଇଁ ବାଣ୍ଟୁଥିବା ସ୍ୱପ୍ନ ଅଣ୍ଟିରେ ରହିଯିବ। ଗଳା ଫଟେଇ ଯେତେ ବିଜ୍ଞାପନ ଉପସ୍ଥାପନା କଲେ ଶାସକ ବର୍ଗର ତଣ୍ଟି ଶୁଖିଯିବ ସିନା ରାଜ୍ୟର ରୁଗ୍ଣ ମଣିଷର ଦାରିଦ୍ର୍ୟ ଦୂର ନ ହୋଇ କେତେକିଲୋ ମାଗଣା ଚାଉଳ ପାଇଁ ରାସ୍ତାରେ ଧାଡ଼ିବାନ୍ଧି ଛିଡ଼ା ହେବ। ଦାରିଦ୍ର୍ୟର କଷାଘାତରେ ମଣିଷ ରକ୍ତହୀନତା, କୁପୋଷଣର ଶିକାର ହୋଇ ଦୁର୍ବଳ ଶରୀର ଓ ମାନସିକତାଧାରୀ ହୋଇ ରହିଯିବ। ଆମେ କେବଳ ସଂଖ୍ୟା ଏପଟ ସେପଟ କରି ବାହୁସ୍ଫୋଟ ମାରୁଥିବା।

ବ୍ୟକ୍ତି ବା ଗୋଷ୍ଠୀ ଭିତରେ ଅସାମଞ୍ଜସ୍ୟତାର ଅନେକ ତଫାତ ଥିଲେ ସେ ସମାଜଟି ଅସୁସ୍ଥ ଓ ରୁଗ୍ଣ ହୋଇପଡ଼େ। ଆମ ରାଜ୍ୟରେ ଉତ୍ତର-ଭାରତ ପରି ଜାତିଗତ ବିଦ୍ୱେଷ ନାହିଁ। ମାତ୍ର ସାମନ୍ତବାଦୀ ବ୍ୟବସ୍ଥା ଭିତରେ ଛିଡ଼ା ହୋଇଥିବା ମୁଲିଆ ଶ୍ରେଣୀ ଏବେ ବି କଠିନ ଦାରିଦ୍ର୍ୟ ଭିତରେ ଛଟପଟ ହେଉଛନ୍ତି। ଏପରି ଗୋଷ୍ଠୀ ବା ବର୍ଗଗତ ବିଭେଦ ଦୂର ହେବା ଲକ୍ଷ୍ୟରେ ସରକାର ଓ ସମାଜ ବ୍ରତୀ ହେବା ଦରକାର। ମୁଲିଆ, ମଜୁରିଆ, ସେବାକାରୀ, ଅନ୍ନଦାତାମାନଙ୍କୁ ଯଥୋଚିତ ପ୍ରାପ୍ୟ ସହିତ ସେମାନଙ୍କୁ ସମାନ ସାମାଜିକ ସୁରକ୍ଷା ଦେବାର ନିଷ୍ପତ୍ତି ହେଲେ ହିଁ ତାରତମ୍ୟ ହ୍ରାସ ପାଇବ ଏବଂ ସାମାଜିକ ସ୍ୱୀକୃତି ସହିତ ସମସ୍ତେ ଆଗକୁ ବଢ଼ିବାର ସୁଯୋଗ ପାଇବେ। ଯେଉଁଥିପାଇଁ ବର୍ତ୍ତମାନର ଜାତିଗଣନା ନିଷ୍ପତ୍ତି ସହାୟକ ହେବ। ଏହି ଜନଗଣନା ଫଳରେ ଆଦିବାସୀ, ହରିଜନ (ଦଳିତ) ମାନଙ୍କ ଭିତରେ ଥିବା ଦାରିଦ୍ର୍ୟ ଓ ଅନ୍ୟମାନଙ୍କ ଭିତରେ (ଓବିସି) ଦାରିଦ୍ର୍ୟ ଚିତ୍ର ସ୍ପଷ୍ଟ ହେବ। ଯେଉଁ ଚିତ୍ରକୁ ଲକ୍ଷ୍ୟ ରଖି ସମସ୍ତଙ୍କୁ ଏକଧାରାରେ ଶକ୍ତିଶାଳୀ କରିବାର ଉଦ୍ୟମ ହେଲେ ସମାଜରେ ବିକାଶ ସମସ୍ତଙ୍କୁ ସ୍ପର୍ଶ କରିବା ସହିତ ସମାନ ଭାବରେ ଭାଗିଦାରୀ କରିପାରିବ।

ତେବେ ଯାଇ ଓଡ଼ିଶାର ସମାଜରେ ସମଭାବରେ କ୍ଷୀପ୍ର ବିକାଶ ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ୨୦୩୬ରେ ପରିଣତ କରିପାରିବ। ସମାଜରେ ସମତା ପାଇଁ ସମସ୍ତ ମଠ ମନ୍ଦିରରେ ବଂଶଗତ ପ୍ରାଧାନ୍ୟ ଲୋପ କରି ଶିକ୍ଷାଭିତ୍ତିକ ପୁରୋହିତ ବା ପୂଜକ ନିଯୁକ୍ତ କରିବା ସହିତ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଧର୍ମବିଶ୍ୱାସ ଓ ପୂଜାରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ବର୍ତ୍ତମାନର ଯୁବକ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେବା ପାଇଁ ଆଇନ ପ୍ରଣୟନ ତଥା ବିଧି ବ୍ୟବସ୍ଥା କରିବା ଆବଶ୍ୟକ। ଏହା ହିଁ ପ୍ରଚଳିତ ପରମ୍ପରାଗତ ବ୍ୟବସ୍ଥାକୁ ଭାଙ୍ଗି ଏକ ନୂଆ ସମାଜ ଗଠନ ପାଇଁ ପଥ ପରିଷ୍କାର କରିବ।

ସାମାଜିକ, ଅର୍ଥନୈତିକ ବିକାଶ ହେଲେ ହିଁ ଏକ ପୂର୍ଣ୍ଣ ବିକଶିତ ଓଡ଼ିଶା ୨୦୩୬ ମସିହାରେ ସାମନାକୁ ଆସିବ। ରାଜନୈତିକ ବ୍ୟବସ୍ଥାରେ ଶକ୍ତି ହାସଲ କରିଥିବା ସମସ୍ତ ଦଳିତ ବର୍ଗ ପୂର୍ଣ୍ଣ ବିକଶିତ ହେବା ପାଇଁ ଆର୍ଥିକ ଓ ସାମାଜିକ ସମତା ପାଇବା ପ୍ରାଥମିକ କର୍ତ୍ତବ୍ୟ ଓ ଦାୟିତ୍ୱ ଅଟେ।(ସମାପ୍ତ)

(ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ, ରାଜନୀତିଜ୍ଞ ତଥା ଅର୍ଥନୀତି ବିଶାରଦ)

# ଧନୀ କରିବ କି ଧାନ ଚାଷ?

**ଡି ଶୁଭମ୍**

ଆମ ହେତୁ ହେବା ଦିନରୁ ଧାନ ଆମର ମୁଖ୍ୟ ଫସଲ ବୋଲି ଆମେ ଶୁଣି ଆସିଛୁ। ପ୍ରକାଶ ପାଇଥିବା ନିକ୍ରାର ଏକ ତଥ୍ୟ ଅନୁସାରେ ୨୦୧୦ ରୁ ୨୦୩୯ ମଧ୍ୟରେ ଭାରତରେ ମୁଖ୍ୟତଃ ଫସଲ ଉତ୍ପାଦନରେ କ୍ଷତି ୪.୫ରୁ ୯ପ୍ରତିଶତ ବୃଦ୍ଧି ପାଇ ପାରେ। ତେଣୁ କେବଳ ଧାନ ଉତ୍ପାଦନ କରି ଆମେ ସଶକ୍ତ, ସକ୍ଷମ ଆଉ ସ୍ୱାବଲମ୍ବନର ନାରା ଦେଇପାରିବା ନାହିଁ। ନିଃସନ୍ଦେହ ଧାନକୁ ବାଦ୍ ନେଇ ଜନମାନସର ପରକଳ୍ପନା ଅସମ୍ଭବ; କିନ୍ତୁ ପ୍ରଶ୍ନ ଆସେ ଆମେ କ'ଣ କେବଳ ଧାନ ଚାଷ କରି ଚିରସ୍ଥାୟୀ କୃଷିର ସଂଜ୍ଞାକୁ ପୂରଣ କରିପାରିବା? ଧାନ କ'ଣ ସତରେ ଆମକୁ ଧନୀ କରିବ? ଏହା ବର୍ତ୍ତମାନ ସମୟର ଯୁକ୍ତିଯୁକ୍ତ ପ୍ରସଙ୍ଗ।

ଆମର ଧାନ ଚାଷରେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଆଜି ମଧ୍ୟ ଅନେକ ସ୍ଥାନରେ ବ୍ୟବହୃତ ହୁଏ ନାହିଁ। ତେଣୁ ଆମକୁ ଉତ୍ପାଦନର ହାର ବଢ଼ାଇବାକୁ ହେଲେ କେବଳ ଧାନ ଚାଷ ନୁହେଁ, ବରଂ ଅଣ-ଧାନ ଫସଲ ଉପରେ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଅର୍ଥନୈତିକ ସର୍ଭେର ପରିସଂଖ୍ୟାନକୁ ଲକ୍ଷ୍ୟ କଲେ ୨୦୨୪-୨୫ରେ ଧାନ ଫସଲର ମୋଟ କ୍ଷେତ୍ର ୪୧.୨୪ ଲକ୍ଷ ହେକ୍ଟର। ଏହି ଉପକ୍ରମରେ ଅଣଧାନ ଫସଲ ଯଥା ଡାଲିଜାତୀୟ ଫସଲର କ୍ଷେତ୍ର ୨୦୨୪-୨୫ରେ ୨୧.୦୭ ଲକ୍ଷ ହେକ୍ଟର, ଶ୍ରୀଅନ୍ନ ବା ମିଲେଟରେ ୨.୭୧ ଲକ୍ଷ ହେକ୍ଟର, ପନିପରିବା ୭.୯୧ ଲକ୍ଷ ହେକ୍ଟର, କପା ୨.୩୯ ଲକ୍ଷ ହେକ୍ଟର। ଏହା ଆମ ପାଇଁ ଶୁଭ ସଙ୍କେତ। ଏସବୁ ତଥ୍ୟ ଦେବାର କାରଣ ଚାଷୀମାନେ ଜାଣିରଖିବା ପାଇଁ ଯେ ଆମ ଚାଷଜମିର କ୍ଷେତ୍ର ଅନୁସାରେ ଉତ୍ପାଦନ ବଢୁଛି। ଧାନ ସହ ଅନ୍ୟ ଫସଲର ମଧ୍ୟ ଚାହିଦା ବଢ଼ିଛି। ତେଣୁ ଏଗୁଡ଼ିକ ଆପଣେଇବାରେ ଆମର କୌଣସି ଦ୍ୱିଧା ରହିବା ଅନୁଚିତ୍।

ଓଡ଼ିଶାରେ ଅନେକ ଦିନ ଧରି ଧାନ ଚାଷ ଏକ ପ୍ରମୁଖ ଅଭ୍ୟାସ ହୋଇ ରହିଆସିଛି। ଧାନରୁ ମିଳୁଥିବା ଚାଉଳ ଆମର ଖାଦ୍ୟ ଥାଳିର ଏକ ଅତ୍ୟାବଶ୍ୟକୀୟ ଅଂଶ ହୋଇ ରହିଛି। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ଚାଷୀମାନଙ୍କ ପାଇଁ ଧାନ ଚାଷରୁ ମିଳୁଥିବା ଆୟ ପ୍ରାୟତଃ ବଜାର ଦରର ଅସମାନତା ଏବଂ ସଂକୀର୍ଣ୍ଣ ଲାଭ ପରି ବିଭିନ୍ନ କାରଣ ଦ୍ୱାରା ସୀମିତ ହୋଇଥାଏ।

ଅଣ-ଧାନ ଚାଷ ପ୍ରକ୍ରିୟାରେ ଅନୁଭୂତ ବିଭନ୍ନ ସମସ୍ୟା ଯୋଗୁଁ ଏହା ସଠିକ ଭାବରେ ଅଧିକରୁ ଅଧିକ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉନ୍ନତ ଧରଣର କ୍ଷମତାଯୁକ୍ତ ମଞ୍ଜିର ଅଭାବ, କୃଷିରେ ଆଧୁନିକୀକରଣ ସହ ସଠିକ୍ ଭିତ୍ତିଭୂମିର ଅଭାବ, ପ୍ରଯୁକ୍ତିବିଦ୍ୟାର ଉପଯୋଗ ନ ହେବା, ଅମଳ ପରବର୍ତ୍ତୀ କୃଷିଉତ୍ପାଦ ପ୍ରସ୍ତୁତି ତଥା ସଠିକ ଜ୍ଞାନ ଏବଂ କୃଷକମାନଙ୍କ ଭିତରେ ସଚେତନତାର ଅଭାବ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଧାନ ଚାଷର ସବୁ ଖର୍ଚ୍ଚ ଯଥା- ଜମି ପ୍ରସ୍ତୁତି, ଖତ, ସାର, ଯନ୍ତ୍ରପାତି, ମଜୁରୀକୁ ଧରି ଯଦି ଅମଳର ପରିମାଣକୁ ହିସାବ କରାଯାଏ, ତା'ହେଲେ କେବେହେଲେ ଜଣେ ଚାଷୀ କେବଳ ଧାନ ଚାଷ କରି ଲାଭବାନ ହୋଇପାରିବ ନାହିଁ। ଏଥିପାଇଁ ଆମକୁ ସମନ୍ୱିତ କୃଷି ଉପରେ କାମ କରିବାକୁ ହେବ। ଧାନ ସହ ଅନ୍ୟ ଫସଲଗୁଡ଼ିକୁ ଆମେ ଚାଷ ଜମିରେ ଅନ୍ତର୍ଭୁକ୍ତ କରାଇପାରିଲେ ବର୍ଷ ଶେଷରେ ଆମ ଉତ୍ପାଦନର ହାର ମଧ୍ୟ ବଢ଼ିବ।

ଆଜିର ସମୟରେ କେବଳ ଏମଏସପି ଆଶାରେ ଆମେ ଧାନ ଚାଷ କରି ପରୋକ୍ଷରେ ଆମ ମାଟି ଆଉ ଫସଲର ଗୁଣବତ୍ତା ହ୍ରାସ କରୁଛେ। ଅଣ-ଧାନ ଫସଲରେ ବିବିଧତା ଚାଷୀମାନଙ୍କୁ ଅଧିକ ଲାଭଦାୟକ ସୁଯୋଗ ପ୍ରଦାନ କରେ, ଯାହାଫଳରେ ଚାଷୀଙ୍କ ଆୟ ଏବଂ ସାମଗ୍ରିକ ଆର୍ଥିକ ସୁରକ୍ଷାରେ ଉନ୍ନତି ଆସିପାରେ। ଏହା ଗୋଟିଏ ମୁଖ୍ୟ ଫସଲ ଉପରେ ନିର୍ଭରଶୀଳତା ହ୍ରାସ କରି ଖାଦ୍ୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରେ। ଏହା ସହିତ ଡାଲି ଓ ବାଜରା ପରି ଅଣ-ଧାନ ଫସଲ ସାଧାରଣତଃ ଅଧିକ ମରୁଡ଼ି ପ୍ରତିରୋଧୀ, ଏବଂ ଜଳ-ଅଭାବ ସମୟରେ ସେଗୁଡ଼ିକର ଚାଷ ବିକଳ୍ପକୃଷି ଭାବରେ କାର୍ଯ୍ୟ କରିପାରେ।

ତେବେ ଅଣ-ଧାନ ଚାଷର ଉତ୍ପାଦକତା ବୃଦ୍ଧି ପାଇଁ ପ୍ରଥମରେ ଗାଁଗାଁରେ କୃଷକ କର୍ମଶାଳା ତଥା ସଚେତନତା ଶିବିର ଆୟୋଜନ କରି ଅଣଧାନ ଚାଷର ଗୁରୁତ୍ୱ ଚାଷୀଙ୍କୁ ବୁଝାଇବାକୁ ହବ। ଦ୍ୱିତୀୟରେ କେବଳ ଧାନ ଆମ ଆୟ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ନୁହେଁ ବରଂ ଏହା ସହ ଆମେ ଅମଳ ପରେ କିପରି ଅଣଧାନ ଚାଷକୁ ଗୁରୁତ୍ୱ ଦେବା ତାହାର କ୍ଷେତ୍ର ପ୍ରଦର୍ଶନର ଦାୟିତ୍ୱ ଗ୍ରାମାଞ୍ଚଳ କୃଷି ଅଧିକାରୀ ନିଅନ୍ତୁ। ଚାଷୀ ନିଜ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରର ଅଗ୍ରଣୀ ବୈଜ୍ଞାନିକମାନଙ୍କ ସହ ସମ୍ପର୍କରେ ରୁହନ୍ତୁ। ତୃତୀୟରେ ବିଭିନ୍ନ ବେସରକାରୀ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ ଏହି ଅଣ-ଧାନ ଚାଷର ବିଭିନ୍ନ ସରକାରୀ ପ୍ରକଳ୍ପକୁ କିପରି ଓଡ଼ିଶାର ସବୁଜିଲ୍ଲାରେ ସହଜ ଓ ସୁବିଧାରେ ପହଁଚାଇପାରିବେ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଚତୁର୍ଥରେ ଚାଷୀମାନଙ୍କ ନିକଟରେ ଅଧିକ ଅମଳକ୍ଷମ ବିହନ, କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନକୌଶଳର ଉପଯୋଗ ତଥା ଅମଳ ପରେ ସଠିକ ବିପଣନ, ସରକାରଙ୍କ ବିଭିନ୍ନ ନିୟମାବଳୀ କିପରି ଠିକ ସମୟରେ ଉପଲବ୍ଧ ହୋଇପାରିବ, ସେ ଦିଗରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ପଞ୍ଚମରେ କୃଷି ସମ୍ପ୍ରସାରଣ ମାଧ୍ୟରେ ଚାଷୀଙ୍କ ପାଖରେ ଏହି ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇ ସଫଳ କୃଷକଙ୍କ ଅଣ-ଧାନ ଚାଷ ଫାର୍ମ ପରିଦର୍ଶନରେ ନିଆଗଲେ ଚାଷୀମାନେ ବାସ୍ତବତାକୁ ଉପଲବ୍ଧି କରିପାରିବେ। ସୁତରାଂ ୨୦୩୬ ଶତାୟୁ ଓଡ଼ିଶାର ବିକାଶ ନକ୍ସାରେ ଅଣ-ଧାନ ଚାଷର ପ୍ରାଥମିକତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

# ଆମ ବୃକ୍ଷଲତା ଆମ ଜୀବନ

**ଅର୍ଗୁଣା**
(Queen Sago Palm -Cycas circinalis)

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ଅର୍ଗୁଣା, ସାଧାରଣତଃ 'ରାଣୀ ସାଗୋ ପାମ୍' କିମ୍ବା 'ଫର୍ଣ୍ଣ ପାମ୍' ଭାବରେ ଜଣାଶୁଣା, ଦକ୍ଷିଣ ଭାରତ ଏବଂ ଶ୍ରୀଲଙ୍କାର ଏକ ମୂଳଜାତ ଉଦ୍ଭିଦ। ଏହା ଅନ୍ୟ ଏସୀୟ ଦେଶଗୁଡ଼ିକରେ ମଧ୍ୟ ଦେଖାଯାଏ। ସୁନ୍ଦର ଓ ସୁଦୃଢ଼ ପ୍ରକୃତି ପାଇଁ ଏହା ପ୍ରଶଂସନୀୟ। ଏହା ଏକ ଶାଖାପ୍ରଶାଖା ବିହୀନ ଏକକାଣ୍ଡ ବିଶିଷ୍ଟ ଉଦ୍ଭିଦ, ଯାହା ଏକ କର୍କ ବା ସୋଲ ଭଳି ଛାଲିରେ ଆଚ୍ଛାଦିତ ଥାଏ। ଏହା ଉଚ୍ଚତାରେ ପ୍ରାୟ ୮ ମିଟର ଏବଂ ବ୍ୟାସରେ ୧୨ ରୁ ୨୭ ସେମି ପର୍ଯ୍ୟନ୍ତ ବଢ଼ିପାରେ। ତାଳ ଗଛ ପରି ଦେଖାଯାଉଥିବା ଏହି ବୃକ୍ଷରେ ପତ୍ରଗୁଡ଼ିକ ଗଣ୍ଡିର ଶୀର୍ଷ ଭାଗରେ ଏକ ଗୋଲାକାର ପଦ୍ଧତିରେ ମୁକୁଟ ଭଳି ସଜା ହୋଇ ରହିଥାଏ। ପତ୍ରଗୁଡ଼ିକ ଯୌଗିକ ପିନେଟ ବା ପକ୍ଷଳ, ପ୍ରାୟ ୮ ଫୁଟ ଲମ୍ବା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରକ ସଂକୀର୍ଣ୍ଣ ଲମ୍ବା ସୁନ୍ଦର ଭାବରେ ତଳକୁ ବଙ୍କା ହୋଇଥାଏ। ନୂତନ ପତ୍ରଗୁଡ଼ିକ ହାଲୁକା ସବୁଜ ଥିବା ବେଳେ ପୁରୁଣା ପତ୍ର ଗଭୀର ସବୁଜ। ଏହା ନଗ୍ନ ବିଜ ବର୍ଗର ଉଦ୍ଭିଦ। ଅଣ୍ଡିରା ଓ ମାଇ ଫୁଲଗୁଡ଼ିକ ପୃଥକ ଗଛରେ ବହନ କରାଯାଏ। ଅଣ୍ଡିରା ଫୁଲଗୁଡ଼ିକ କାଣ୍ଡର ଶୀର୍ଷରେ କେନ୍ଦ୍ରସ୍ଥଳରୁ ପ୍ରାୟ ୩୦ ସେମି ଉଚ୍ଚ ଏକ ହଳଦିଆ-ମାଟିଆ ତ୍ରିକୋଣ ଆକାରର କେଶର ମଣ୍ଡଳ ବିକଶିତ କରନ୍ତି ଯେଉଁଥିରେ ଅନେକ କେଶର ସନ୍ନିବିଷ୍ଟ ଥାଏ। ଏହା ଧଳା କିମ୍ବା ହଳଦିଆ ରଙ୍ଗର, ଗୋଲାକାର ଏବଂ ପ୍ରଚୁର ପରାଗରେଣୁ ଉତ୍ପାଦନ କରେ। ମାଇ ଫୁଲଗୁଡ଼ିକ ମଧ୍ୟ ସେଭଳି କାଣ୍ଡର ଶୀର୍ଷରେ ପୃଥକ୍ ପୃଥକ୍ ଫଳିକା ବହନ କରେ, ଯାହା ଗୋଲାକାର ଆକାରରେ ସଜାଇ ହୋଇଥାଏ। ଏହାକୁ ସ୍ପୋରୋଫିଲ୍ କୁହାଯାଏ, ଯାହା ଡିମ୍ବାଣୁ ଓ ବୀଜ ବହନ କରେ। ବିହନଗୁଡ଼ିକ ଏକ ସ୍ପଞ୍ଜ ଭଳି ଆବରଣ ବା ସ୍ତର ବହନ କରେ, ଯାହା ପାଣିରେ ଭାସି ରହିବା ପାଇଁ ସହଜ ହୁଏ। ବିହନଗୁଡ଼ିକ ଛୋଟ, ହାଲୁକା ସବୁଜ ରଙ୍ଗର, ପାଚିଗଲେ ସୁଗନ୍ଧ ସହିତ ହଳଦିଆ ମାଂସଳ ଆବରଣରେ ପରିଣତ ହୁଏ। ଏକ ଧୀର ବଢୁଥିବା ଗଛ ଭାବରେ, ବିହନ ଗଜା ହେବାକୁ ୬-୧୮ ମାସ ସମୟ ନେଇପାରେ। ଗଛର କାଣ୍ଡ ଉପରେ ପ୍ରତିବର୍ଷ ଏକ ବଳୟ ଗଣନା କରି ଗଛର ବୟସ ଗଣନା କରାଯାଇପାରିବ। କାରଣ ପ୍ରତି ବର୍ଷ ପୁରୁଣା ପତ୍ର ଝଡ଼ି ପଡ଼ିଯାଏ।

ଏହା ଏଭଳି ଏକ ଉଦ୍ଭିଦ, ଯାହା ଆୟୁର୍ବେଦ ସମେତ ପାରମ୍ପରିକ ଔଷଧରେ ବ୍ୟବହୃତ ହୋଇଆସୁଛି। ଏହା ପ୍ରଦାହ-ବିରୋଧୀ, ବାତ-ବିରୋଧୀ, ଆଣ୍ଠୁ ବିକାର-ରୋଧୀ, ପାଚନ ବିକାର ରୋଧୀ, ପରଜୀବୀ-ରୋଧୀ, ସମ୍ଭାବ୍ୟ କର୍କଟ ରୋଗ-ରୋଧୀ। ଏଥିସହିତ ଏହା ସ୍ନାୟୁ ପ୍ରଣାଳୀକୁ ସୁଦୃଢ଼ କରେ, ମସ୍ତିଷ୍କ କାର୍ଯ୍ୟ ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ, ଗଣ୍ଠି ଯନ୍ତ୍ରଣା ହ୍ରାସ କରେ, କ୍ଷତ ଉପଚାର କରେ, ଶ୍ୱାସକ୍ରିୟା ବିକାରକୁ ଠିକ୍ କରେ, କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ପତ୍ରଗୁଡ଼ିକ ମ୍ୟାଟ୍‌ରେ ପ୍ଲେଟିଂ ପାଇଁ ବ୍ୟବହୃତ ହୁଏ। ପିଥ୍ ଔଷଧୀୟ ପ୍ରସ୍ତୁତି ପାଇଁ ବ୍ୟବହୃତ ହୁଏ। ପରିପକ୍ୱ ଅଣ୍ଡିରା କେଶର ମଣ୍ଡଳଗୁଡ଼ିକୁ ଧାନ କ୍ଷେତରେ କୀଟନାଶକ ଭାବରେ ବ୍ୟବହାର କରାଯାଏ। ସାଜସଜ୍ଜା ପାଇଁ ପତ୍ର ଅମଳ କରାଯାଏ। କୋମଳ ପତ୍ର ଖାଦ୍ୟଯୋଗ୍ୟ। ବିହନଗୁଡ଼ିକ ବିଷାକ୍ତ ହୋଇଥିବାରୁ ଅତିକମରେ ପାଞ୍ଚଥର ପାଣିରେ ଭିଜାଇ ଏବଂ ପ୍ରତ୍ୟେକ ଥର ଧୋଇଥିବା ପାଣି ଫୋପାଡ଼ି ବିଷ ବାହାର କରାଯାଏ। ଏହାପରେ ବିହନଗୁଡ଼ିକୁ ଶୁଖାଇ ମଇଦାରେ ପେଷି ଦିଆଯାଏ। ମଇଦାକୁ ଟର୍ଟିଲା, ଟାମାଲେ, ସୁପ୍ ଓ ପୋରିଜ୍ ତିଆରି କରିବାରେ ବ୍ୟବହାର କରାଯାଏ। ଦକ୍ଷିଣ କେରଳରେ, ବିଶେଷକରି ମାଲାବାର ଓ ଇଡୁକ୍କି ଜିଲ୍ଲାରେ ଫଳଗୁଡ଼ିକୁ ପ୍ରକ୍ରିୟାକରଣ ପଦ୍ଧତି ପରେ ବ୍ୟବହାର କରାଯାଏ। ଇଡୁକ୍କି ଜିଲ୍ଲାର 'ମନ୍ନାନ' ନାମକ ଆଦିବାସୀମାନେ କଅଁଳ ଫଳଗୁଡ଼ିକୁ ସଂଗ୍ରହ କରି ଛୋଟ ଛୋଟ ଖଣ୍ଡ କରି ପାଣିରେ ଫୁଟାନ୍ତି ଏବଂ ଏହି ପ୍ରକ୍ରିୟାକୁ ଦୁଇ କିମ୍ବା ତିନି ଥର ପୁନରାବୃତ୍ତି କରନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଏ। ଏଥିରେ ବାଇ-ଫ୍ଲାଭୋନଏଡ୍ସ, ଟେଟ୍ରା-ହାଇଡ୍ରୋ-ଆଇସୋଜିଙ୍କଜେଟିନ୍, ନ୍ୟୁରୋଟକ୍ସିନ୍ ସମେତ ପ୍ରଚୁର ଫାଇଟୋକେମିକାଲ୍ସ ବା ଜୈବ ରାସାୟନିକ ଉପାଦାନ ରହିଛି।

ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ୍) ସୂଚନା ଅନୁଯାୟୀ ଅର୍ଗୁଣା ଏବେ ବିପଦପୂର୍ଣ୍ଣ ବର୍ଗର ଏବଂ ପଶ୍ଚିମଘାଟ ପର୍ବତମାଳାରେ ପ୍ରାୟତଃ ସୀମିତ। ସୌନ୍ଦର୍ଯ୍ୟ, ଭୂଦୃଶ୍ୟ ଓ ଭିତରର ସାଜସଜ୍ଜା ପାଇଁ ଏହି ଉଦ୍ଭିଦକୁ ବ୍ୟାପକ ଭାବରେ ଚାଷ କରାଯାଏ। ଏହା କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ ଏବଂ ବିଭିନ୍ନ ଜଳବାୟୁରେ ସ୍ୱଚ୍ଛନ୍ଦରେ ବଢ଼ିବାର କ୍ଷମତା ରହିଛି।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୧୦ରେ ସମ୍ବଲପୁରରେ ଛାତ୍ର-ଯୁବ ଆକ୍ରୋଶ ସମାବେଶ
## ଯୋଗଦେବେ କଂଗ୍ରେସ ନେତା କହ୍ନେୟା କୁମାର

### ନିଟ୍ ବିଭ୍ରାଟକୁ ନେଇ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର, ୭।୬ (ସମିସ): ଦୁଇଥର ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା ସହ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାର ଓଏସ୍‌ଏମ୍ ଅନିୟମିତତାର ଉତ୍ତରଦାୟିତ୍ୱ ମୁଣ୍ଡାଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ ତାଙ୍କ ସମ୍ମାନ ରହିଥା'ନ୍ତା ଏବଂ ଓଡ଼ିଶାର ସ୍ୱାଭିମାନ ଭୂ-ଲୁଣ୍ଠିତ ହୋଇନଥା'ନ୍ତା। ଉପରୋକ୍ତ ପ୍ରସଙ୍ଗରେ ରାଜ୍ୟର ଛାତ୍ର ଓ ଯୁବସମାଜ ଜାଗ୍ରତ ହୋଇ ସଚେତନ ହେବା ସହ ରାଜରାସ୍ତାକୁ ଓହ୍ଲାନ୍ତୁ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଛନ୍ତି। ଆସନ୍ତା ୧୦ ତାରିଖରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସମ୍ବଲପୁରଠାରେ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ହେଉଥିବା ଛାତ୍ରଯୁବ ଆକ୍ରୋଶ ସମାବେଶରେ ଯୋଗଦେବା ପାଇଁ ନାହିଁ ନଥିବା ଆଗ୍ରହ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ସ୍ଥାନୀୟ ଗ୍ରାଣ୍ଡ ଶିବା ହୋଟେଲରେ ଆୟୋଜିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ପିସିସି ସଭାପତି ଶ୍ରୀ ଦାସ କହିଥିଲେ, ଅତୀତରେ ଛାତ୍ର ଆନ୍ଦୋଳନ ରାଜନୀତିକୁ ଅନେକ ମେଧାବୀ ରାଜନେତା ଆଣିବାରେ ସହାୟକ ହୋଇଥିଲା। ୧୦ତାରିଖର ସମାବେଶରେ ବହୁ ସଚେତନ ଛାତ୍ରନେତା ଭାଗ ନେଉଥିବାରୁ ଏହି ସମାବେଶରୁ ବହୁ ପ୍ରତିଭାବାନ ରାଜନେତା ସୃଷ୍ଟି ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ୧୦ ତାରିଖ ଅପରାହ୍ଣ ୫ଟାରେ ଧନକଉଡ଼ା ବ୍ଲକ୍ ଅଫିସ୍ ପାଖ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ସମାବେଶରେ କଂଗ୍ରେସ ନେତା କହ୍ନେୟା କୁମାରଙ୍କ ସମେତ ଛାତ୍ର କଂଗ୍ରେସର ଜାତୀୟ ସଭାପତି ବିନୋଦ ଝାଖଡ଼ ଏବଂ ବହୁ ଜାତୀୟସ୍ତରର ଛାତ୍ରନେତା ଯୋଗଦେବେ। ସେଦିନ ଅପରାହ୍ଣ ସାଢ଼େ ୩ଟାରେ ଅଇଁଠାପାଲି ମଙ୍ଗଳା ମନ୍ଦିର ପାଖରୁ ଏକ ବିଶାଳ ବାଇକ୍ ରାଲି ବାହାରି ସଭାସ୍ଥଳରେ ପହଞ୍ଚିବ ବୋଲି ସ୍ଥିର ହୋଇଛି।

# ସୁକିନ୍ଦା ରେଲୱେ କ୍ୟାମ୍ପରେ ଦୁଇ ଶ୍ରମିକଙ୍କ ମୃତ୍ୟୁ

ସୁକିନ୍ଦା, ୭।୬ (ସମିସ): ସୁକିନ୍ଦା ରେଲୱେ ଷ୍ଟେସନ୍ ନିକଟ କ୍ୟାମ୍ପରେ ଦୁଇ ଶ୍ରମିକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତକଦ୍ୱୟ ପଶ୍ଚିମବଙ୍ଗ ଅଞ୍ଚଳର। ସେମାନେ ରେଳ ବିଭାଗର ଠିକାସଂସ୍ଥାରେ ଶ୍ରମିକ ଭାବେ କାମକରୁଥିବା ଜଣାପଡ଼ିଛି। ସୂଚନାଅନୁସାରେ, ସୁକିନ୍ଦା ରେଲୱେ କ୍ୟାମ୍ପରେ କାର୍ଯ୍ୟରତ ରବି ସୋରେନ୍ ଓ ଲାଦେନ ନାୟକ ନାମକ ଦୁଇ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ ଶନିବାର ରାତିରେ ଗୁରୁତର ହୋଇଥିଲା। ସେଠାରେ ଥିବା ଅନ୍ୟ ଶ୍ରମିକମାନେ ଉଭୟ ଯୁବକଙ୍କୁ ତୁରନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବି ସୋରେନଙ୍କୁ ମୃତ ଘୋଷଣା କରିଥିବା ବେଳେ ଲାଦେନ ନାୟକର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାଦେନର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ପାଇ ସୁକିନ୍ଦା ପୁଲିସ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ସୂଚନା ଦେବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଦୁଇ ଯୁବକଙ୍କ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଏହି ମୃତ୍ୟୁକୁ ନେଇ ଅନେକ ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ କରାଗଲେ ମୃତ୍ୟୁର ରହସ୍ୟ ଖୋଲିବ ବୋଲି ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଣ୍ଡିଶାଳକୁ ଗ୍ୟାସ୍...

କରିଥିଲେ। ଫଳରେ ଦିଲ୍ଲୀରେ ବାଣିଜ୍ୟିକ ସିଲିଣ୍ଡର ଦର ୪୨ ଟଙ୍କା ମହଙ୍ଗା ହୋଇ ୩୧୧୩ ଟଙ୍କାରେ ପହଞ୍ଚିଥିଲା। ସେହିପରି ସାଧାରଣ ଲୋକେ ବ୍ୟବହାର କରୁଥିବା ୫କେଜି ବିଶିଷ୍ଟ ସିଲିଣ୍ଡରର ଦାମ୍ ୧୧ଟଙ୍କା ବୃଦ୍ଧି ପାଇ ୮୨୧ଟଙ୍କା ଛୁଇଁଥିଲା। ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ପରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। କଂଗ୍ରେସ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ମୁଦ୍ରାସ୍ଫୀତି ମ୍ୟାନ ମୋଦି' ବୋଲି କହିଛି। ସରକାର ସାଧାରଣ ଲୋକଙ୍କ ପକେଟ ଉପରେ ବୋଝ ଲଦୁଥିବା ଦଳ ଅଭିଯୋଗ କରିଛି। କଂଗ୍ରେସ କହିଛି ଯେ, ମୋଦି ସରକାରଙ୍କ ନୀତି ସ୍ପଷ୍ଟ। ଜନସାଧାରଣଙ୍କଠାରୁ ଟଙ୍କା ବାହାର କରି ଏହାର ନିକଟତର ଶିଳ୍ପପତିମାନଙ୍କୁ ଲାଭ ପହଞ୍ଚାଇବା। ଅନ୍ୟପକ୍ଷରେ ସରକାର ଗ୍ୟାସ ଦରବୃଦ୍ଧି ସପକ୍ଷରେ ଯୁକ୍ତି କରି କହିଛନ୍ତି ଯେ ଆନ୍ତର୍ଜାତିକ ବଜାର ସହିତ ତୁଳନା କଲେ ଭାରତରେ ଗ୍ୟାସ ମୂଲ୍ୟ ୧୬୦୦ ଟଙ୍କା ହେବା କଥା। କିନ୍ତୁ ତାଠାରୁ କମ୍ ମୂଲ୍ୟରେ ଏଲପିଜି ଉପଲବ୍ଧ କରାଯାଉଛି।

### ୮ ରାଜ୍ୟରେ...

ଛତିଶଗଡ଼ରେ ଆଗାମୀ ୪-୫ ଦିନ ମଧ୍ୟରେ ମୌସୁମୀ ପ୍ରବେଶ କରିବ। ବିହାରର ୨୭ଟି ଜିଲ୍ଲାରେ ଏବଂ ଝାଡ଼ଖଣ୍ଡର ୨୦ଟି ଜିଲ୍ଲାରେ ବଜ୍ରପାତ ଓ ବର୍ଷା ପାଇଁ 'ୟେଲୋ ଆଲର୍ଟ' ଜାରି କରାଯାଇଛି। ପଞ୍ଜାବରେ ଜୁନ୍ ୮ ରୁ ୧୨ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହର ସତର୍କତା ରହିଛି।

ତେବେ ବର୍ଷା ସତ୍ତ୍ୱେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ କମି ନାହିଁ। ତାମିଲନାଡୁ ରାଜଧାନୀ ଚେନ୍ନାଇରେ କ୍ରମାଗତ ୫ମ ଦିନ ପାଇଁ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଥିବା ବେଳେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ଗ୍ରୀଷ୍ମ ପ୍ରବାହର 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି। ଓଡ଼ିଶାରେ ରାତି ସମୟରେ ମଧ୍ୟ ଗରମ ପବନ ବହିବାର ଆଶଙ୍କା ରହିଛି। ୟୁରୋପୀୟ ପାଣିପାଗ ସଂସ୍ଥା ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ, ଏହା ଯୋଗୁଁ ଚଳିତ ବର୍ଷ ବିଶ୍ୱବ୍ୟାପୀ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇପାରେ ଏବଂ ଏହା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିପାରେ।

### ୩-୪ ଦିନ...

ବଙ୍ଗୋପସାଗରର ଅଧିକ ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବାର ସମ୍ଭାବନା ରହିଛି। ସେହିପରି ଛତିଶଗଡ଼ ଓ ଓଡ଼ିଶାର କିଛି ଅଞ୍ଚଳ, ଉତ୍ତର-ପୂର୍ବ ଭାରତର ଅବଶିଷ୍ଟ ରାଜ୍ୟଗୁଡ଼ିକ ଏବଂ ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକ୍କିମର କିଛି ଭାଗରେ ମଧ୍ୟ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଏହାର ପ୍ରଭାବରେ କିଛି ସ୍ଥାନରେ ବର୍ଷା ବୃଦ୍ଧି ପାଇବା ସହ ଗ୍ରୀଷ୍ମ ପ୍ରବାହରୁ ଆଂଶିକ ଆଶ୍ୱସ୍ତି ମିଳିବ ଅର୍ଥାତ ଓଡ଼ିଶାରେ ମଧ୍ୟ ପ୍ରାକ୍ ମୌସୁମୀ ବର୍ଷା ଦେଖାଯିବ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗରରେ ମୌସୁମୀ ପ୍ରକ୍ରିୟା ଯାହା ମନ୍ଥର ରହିଥିଲା, ବିଗତ ୨ ଦିନ ମଧ୍ୟରେ ସେଥିରେ ସୁଧାର ଦେଖାଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବଙ୍ଗୋପସାଗରରେ ଆହୁରି ଆଗକୁ ବଢ଼ିଛି ଏବଂ ସାମୁଦ୍ରିକ ଆର୍ଦ୍ରତା ଧୀରେ ଧୀରେ ଓଡ଼ିଶା ଉପରକୁ ବିସ୍ତାର କରୁଛି। ଉପକୂଳ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକରେ ପାଗ ଶୁଖିଲା ଗରମରୁ ମେଘୁଆ ଓ ଗୁଳୁଗୁଳିପୂର୍ଣ୍ଣ ଅବସ୍ଥାକୁ ବଦଳିଯାଇଛି ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ହେଉଛି। ଅନ୍ୟପଟେ, ପଶ୍ଚିମ ଓଡ଼ିଶାରେ ତାପମାତ୍ରାରୁ ବିଶେଷ ଆଶ୍ୱସ୍ତି ମିଳିନାହିଁ ଏବଂ ଲୋକେ ଏବେ ମଧ୍ୟ ବର୍ଷାକୁ ଅପେକ୍ଷା କରିଛନ୍ତି। ଯଦିଓ ବଙ୍ଗୋପସାଗରରେ ଏପର୍ଯ୍ୟନ୍ତ କୌଣସି ସୁସଂଗଠିତ ଲଘୁଚାପ କ୍ଷେତ୍ର କିମ୍ବା ଅବପାତ ସୃଷ୍ଟି ହୋଇନାହିଁ, ତଥାପି ମୌସୁମୀ ଦୁର୍ବଳ ହେବାର କୌଣସି ସଙ୍କେତ ନାହିଁ। ଗୋଟିଏ ସପ୍ତାହ ପୂର୍ବର ସ୍ଥିତି ତୁଳନାରେ ବର୍ତ୍ତମାନର ବାୟୁମଣ୍ଡଳୀୟ ପରିବେଶ ମୌସୁମୀର ଅଗ୍ରଗତି ପାଇଁ ଅଧିକ ଅନୁକୂଳ ହେବାରେ ଲାଗିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ବର୍ତ୍ତମାନର ସୂଚନା ଅନୁଯାୟୀ ଉପକୂଳରେ ୮-୧୦ ଜୁନ୍ ମଧ୍ୟରେ ଆକାଶରେ ମେଘର ପରିମାଣ ବୃଦ୍ଧି ପାଇବ, ଗୁଳୁଗୁଳି ବଢ଼ିବ ଏବଂ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରକୋପ ଅଧିକ ଦେଖାଯିବ। ଦିନର ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବ। ଅଧିକାଂଶ ଉପକୂଳ ଓଡ଼ିଶାରେ ୧୦ ରୁ ୧୩ ଜୁନ୍ ମଧ୍ୟରେ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ସବୁଠାରୁ ଅଧିକ ରହିଛି। ଲଗାତାର ମେଘୁଆ ପାଗ ଏବଂ ବ୍ୟାପକ ବର୍ଷା ସହ ୧୨ ରୁ ୧୫ ଜୁନ୍ ମଧ୍ୟରେ ମୌସୁମୀ ପାଗ ସମ୍ପୂର୍ଣ୍ଣ ରୂପେ ପ୍ରତିଷ୍ଠିତ ହେବାର ସମ୍ଭାବନା ଅଛି। ପଶ୍ଚିମ ଓଡ଼ିଶାରେ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳ ତୁଳନାରେ ପଶ୍ଚିମ ଓଡ଼ିଶାରେ ଅଧିକ ଗରମ ଜାରି ରହିବ। ୬ ରୁ ୧୦ ଜୁନ୍ ମଧ୍ୟରେ ସାମୟିକ ଗ୍ରୀଷ୍ମ ପ୍ରବାହ ସହ ମଝିରେ ମଝିରେ ଘଡ଼ଘଡ଼ି ସହ ବର୍ଷାର ପରିମାଣ ବୃଦ୍ଧି ପାଇବ। ୧୦ ରୁ ୧୩ ଜୁନ୍ ମଧ୍ୟରେ ଆର୍ଦ୍ରତା ବୃଦ୍ଧି ଏବଂ ଘନ ମେଘମାଳା ଯୋଗୁଁ ପାଗରେ ପରିବର୍ତ୍ତନ ଆସିବ। ବର୍ତ୍ତମାନର ଆକଳନ ଅନୁଯାୟୀ, ଅଧିକାଂଶ ପଶ୍ଚିମ ଓଡ଼ିଶାରେ ୧୨ ରୁ ୧୬ ଜୁନ୍ ମଧ୍ୟରେ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ଅଛି ଏବଂ ଏହାପରେ ୧୫ ରୁ ୧୮ ଜୁନ୍ ମଧ୍ୟରେ ବ୍ୟାପକ ଭାବେ ମୌସୁମୀ ବର୍ଷା ସ୍ଥାପିତ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ରାଜ୍ୟରେ ଏବେ ଲଗାତାର ଭାବେ କାଳବୈଶାଖୀ ଜନିତ ବର୍ଷା ସ୍ଥିତି ଜାରି ରହିଛି। ରବିବାର ଭୁବନେଶ୍ୱର-କଟକ ସମେତ ରାଜ୍ୟର ଏକାଧିକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ସାଢ଼େ ୫ ଟା ସୁଦ୍ଧା କଟକରେ ସର୍ବାଧିକ ୩୧ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୧୧ ଓ ଭୁବନେଶ୍ୱରରେ ୬ ମିମି ବର୍ଷା ହୋଇଛି। ମୌସୁମୀ ଆସିବା ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନ ବେଳା ଭୀଷଣ ଗୁଳୁଗୁଳି ସହ ଅପରାହ୍ନ ପରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ବଜ୍ରପାତରେ ଭାଙ୍ଗିଲା...

ଉପରେ ବଜ୍ରାଘାତ ହେବା ଘଟଣା ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଚଣ୍ଡୀମନ୍ଦିରର ବ୍ୟାପକ ସୌନ୍ଦର୍ଯ୍ୟୀକରଣ ଓ ନବକଳେବର କାର୍ଯ୍ୟ ବ୍ୟୟବହୁଳ ଭାବେ ଜାରି ରହିଛି। ନୂତନ ମନ୍ଦିର ନିର୍ମାଣ ସହ ମାତ୍ର କିଛି ଦିନ ତଳେ ହିଁ ଏହି ନୂଆ ଦଧିନଉତି ମନ୍ଦିର ଚୂଡ଼ାରେ ସ୍ଥାପନ କରାଯାଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବା ପୂର୍ବରୁ ଆଜିର ଏହି ଦୁର୍ଭାଗ୍ୟଜନକ ଘଟଣା ସରକାରୀ ସୁରକ୍ଷା ବ୍ୟବସ୍ଥାର ବଡ଼ ତ୍ରୁଟିକୁ ପଦାରେ ପକାଇଛି। ମନ୍ଦିର ଉପରେ ବଜ୍ରପାତ ନିରୋଧକ 'ଆର୍ଥିଂ' ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ତାହା କାହିଁକି କାମ କଲା ନାହିଁ ଏବଂ ଏତେ ବଡ଼ କ୍ଷତି ଘଟିଲା, ତାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ମନ୍ଦିରର ଉନ୍ନୟନ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବଜ୍ରପାତ ଭଳି ସମ୍ବେଦନଶୀଳ ସୁରକ୍ଷା ବ୍ୟବସ୍ଥା ପ୍ରତି କାହିଁକି ଯଥେଷ୍ଟ ଗୁରୁତ୍ୱ ଦିଆଯାଇନି, ସେନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ ଦେବୋତ୍ତର ବିଭାଗକୁ ଅବଗତ କରାଯାଇଛି। ଆଗକୁ ବଡ଼ ଦୁର୍ଘଟଣା ଏଡ଼ାଇବା ପାଇଁ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ବିପଜ୍ଜନକ ଭାବେ ଝୁଲୁଥିବା ପଥରଗୁଡ଼ିକୁ ତୁରନ୍ତ ହଟାଇବା ସହ ଦଧିନଉତିର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

### ବକୁଳବନ ଢାଞ୍ଚାରେ...

କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ବିକଶିତ କରିଛି, ସେ ଜାତି ଆଗକୁ ବଢ଼ିଛି । ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପିଲାମାନେ ଉତ୍ତମ ଶିକ୍ଷା ଗ୍ରହଣ କଲେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଯୋଜନା ମାଧ୍ୟମରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯୋଡ଼ି ହୋଇଥିଲେ। ଗଣଶିକ୍ଷା ବିଭାଗ ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତରେ ହ୍ରାସ...

ପାଇଁ ଏକ ବଡ଼ ଦାୟିତ୍ୱ ପାଳଟିଛି। ଟେଲିଭିଜନ ଏବଂ ଆଧୁନିକ ଜୀବନଶୈଳୀ ପ୍ରଭାବରେ ଛୋଟ ପରିବାର ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଏହି ରିପୋର୍ଟକୁ ନେଇ ବିଶ୍ୱର ପ୍ରସିଦ୍ଧ ଶିଳ୍ପପତି ଏଲନ୍ ମସ୍କ ମଧ୍ୟ ସୋସିଆଲ ମିଡିଆରେ ଚିନ୍ତା ପ୍ରକଟ କରି ଲେଖିଛନ୍ତି ଯେ, ଭାରତର ଉଚ୍ଚ ଶିକ୍ଷିତ ଶ୍ରେଣୀ ମଧ୍ୟରେ ଅନେକ ବର୍ଷ ପୂର୍ବରୁ ପ୍ରଜନନ ହାର ହ୍ରାସ ପାଇସାରିଥିଲା ଏବଂ ଏବେ ସମଗ୍ର ଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି।

### +୩ ଆଡମିସନ୍...

ଅଭାବରୁ ନିଜର ଆଡ଼ମିସନ୍ କିପରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। +୩ ଆଡମିସନ୍ ସହ ପୁଅର ଉଚ୍ଚଶିକ୍ଷା ପାଇଁ ସରକାର ସହାୟତା କରିବାକୁ ଆକୁଳ ନିବେଦନ କରିଛନ୍ତି ମାନସଙ୍କ ମା'।

## ମହେନ୍ଦ୍ର ମେଳାରେ ଜମୁଛି ଭିଡ଼
# ଟ୍ରାଫିକ୍ ଓ ପରିବହନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ




ପାରଳାଖେମୁଣ୍ଡି, ୭।୬ (ସମିସ): ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଚାଲିଥିବା ମହେନ୍ଦ୍ରମେଳାରେ ପ୍ରବଳ ଭିଡ଼ ଜମୁଛି। ମେଳା ଆଉ ଦୁଇଦିନ ଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ି ଚାଲିଥିବା ବେଳେ ପରିବହନ ଓ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି କଇଁପୁର ତଥା ବୁରଖତ ଯିବା ପାଇଁ ପର୍ଯ୍ୟାପ୍ତ ବସ୍ ବା ଯାତ୍ରୀବାହୀ ଗାଡ଼ି ମିଳୁ ନଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲାଞ୍ଜିପଦର ଛକଠାରୁ ଆରମ୍ଭ କରି ପାରଳାଖେମୁଣ୍ଡି ସହରରେ ଶ୍ରଦ୍ଧାଳୁମାନେ ମହେନ୍ଦ୍ର ଯିବା ପାଇଁ ଆଗଭର ହେଉଥିଲେ ହେଁ ପର୍ଯ୍ୟାପ୍ତ ଯାତ୍ରୀବାହୀ ସେବା ମିଳୁନଥିବାରୁ ଲୋକେ ଅସହ୍ୟ ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି।

ସେହିପରି ମହେନ୍ଦ୍ରାଞ୍ଚଳରେ ଆଜି ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ ହେଁ ସେଠାରେ ଉପୁଜିଥିବା ଟ୍ରାଫିକ ସମସ୍ୟା ଓ ମହେନ୍ଦ୍ର ଶିଖରକୁ ଯିବା ପାଇଁ ବ୍ୟବସ୍ଥା ଶ୍ରଦ୍ଧାଳୁଙ୍କୁ ଅତିଷ୍ଠ କରିଥିଲା। ତେବେ ପ୍ରଶାସନ ଓ ପୁଲିସ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବିପୁଳ ଜନ ସମାଗମ ଯୋଗୁଁ ଶ୍ରଦ୍ଧାଳୁମାନେ ନାନାଦି ସମସ୍ୟାରେ ପଡ଼ିଥିଲେ। ମହେନ୍ଦ୍ରଗିରିକୁ ଯାଉଥିବା ରାସ୍ତାରେ ଗାଡ଼ିର ଲମ୍ବା ଧାଡ଼ି ଲାଗି ରହିଥିଲା। ଶହ ଶହ ଯାନବାହାନ ଅଟକି ରହିଥିଲା। ସେହିପରି ବସ୍‌ଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ପାନୀୟଜଳ, ବିଶ୍ରାମସ୍ଥଳୀ ଓ ଛାୟା ବ୍ୟବସ୍ଥାର ଅଭାବ ଯୋଗୁଁ ଶ୍ରଦ୍ଧାଳୁମାନେ ହନ୍ତସନ୍ତ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିଲେ ମଧ୍ୟ ପ୍ରବଳ ଭିଡ଼ ଯୋଗୁଁ ବହୁ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ପାରଳାଖେମୁଣ୍ଡି ସହରରୁ ମହେନ୍ଦ୍ର ଯିବା ପାଇଁ ଆଜି ୭ଟି ବସ୍‌ର ବ୍ୟବସ୍ଥା ହୋଇଥିଲା। ତେବେ ସଠିକ୍ ପରିଚାଳନା ହୋଇପାରିନଥିବାରୁ ଅନେକ ଶ୍ରଦ୍ଧାଳୁ ଯାଇନପାରି ଅସନ୍ତୋଷ ଜାହିର କରିଥିଲେ।

# ପିକଅପ୍ ଓଲଟି ଜଣେ ମୃତ; ୩୦ରୁ ଉର୍ଦ୍ଧ୍ୱ ଆହତ



ପାତ୍ରପୁର, ୭।୬ (ସମିସ): ପବିତ୍ର ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବାଟରେ ବ୍ରେକ-ଫେଲ୍ ହେବାରୁ ପିକଅପ୍ ଓଲଟି ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳିପାରିନଥିବା ବେଳେ ସମସ୍ତେ ଚିକିଟି ନୂଆଁସାହିର ବାସିନ୍ଦା ବୋଲି ଜଣାପଡ଼ିଛି। ଏକ ପିକ୍-ଅପ୍‌ରେ ୩୦ରୁ ଉର୍ଦ୍ଧ୍ୱ ଲୋକ ଆସୁଥିବା ବେଳେ ଜରଡ଼ା ଥାନା ଅଣ୍ଡଅଣ୍ଡା ନିକଟରେ ବ୍ରେକ ଫେଲ୍ ହୋଇଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ପୁଲିସ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଅଟୋ ଯୋଗେ ମେଡିକାଲ ପଠାଇଥିଲେ। ଘଟଣାସ୍ଥଳରେ ଜରଡ଼ା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

■ କ୍ଷତିପୂରଣ ଅର୍ଥ ପଇଠ ସତ୍ତ୍ୱେ ଲୁହାପଥର ଖଣି ଲିଜ୍ ବାତିଲ ପ୍ରସଙ୍ଗ

# ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୬ (ସମିସ): କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଦେଓଝରର ଲୁହାପଥର ଖଣିର ଲିଜ୍ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧୧.୫୩୭ ହେକ୍ଟର୍ ପରିମିତ ଏହି ଖଣି ଲିଜ୍ ମାମଲାରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବର୍ତ୍ତମାନର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କୁନାଲ କିଶୋର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ସେଲିବ୍ରେଟେଡ୍ 'କମନ କଜ୍' ମାମଲାର ରାୟ ଆଧାରରେ ଏମଏମଡିଆର ଆକ୍ଟର ଧାରା ୨୧(୫) ଅନୁଯାୟୀ, ଅତିରିକ୍ତ ଉତ୍ପାଦନ ଓ ଅବ୍ୟବହୃତ ଖଣିଜ ପଦାର୍ଥ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପରୋକ୍ତ ଖଣି ଲିଜଧାରୀଙ୍କଠାରୁ କ୍ଷତିପୂରଣ ଦାବି କରାଯାଇଥିଲା। କ୍ଷତିପୂରଣ ରାଶି ଠିକ୍ ସମୟରେ ପୈଠ ନ ହେବା କାରଣରୁ ରାଜ୍ୟ ସରକାର ୨୦୧୮ ସେପ୍ଟେମ୍ବର ୨୦ ତାରିଖରେ ଏହି ଖଣି ଲିଜ୍‌କୁ ରଦ୍ଦ କରିଦେଇଥିଲେ। ରିଭିଜିନାଲ ଅଥରିଟି ଗତ ୨୦୨୫ ଜାନୁଆରୀ ୨୭ରେ ଆବେଦନକାରୀଙ୍କ ଆବେଦନକୁ ଫେରାଇଦେବା ପରେ ସେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଅବଗତ କରାଯାଇଥିଲା ଯେ ବର୍ତ୍ତମାନ ସୁଦ୍ଧା ସମସ୍ତ ବେଆଇନ ଉତ୍ପାଦନ ଏବଂ ଅବ୍ୟବହୃତ ଖଣିଜ ପଦାର୍ଥ ବାବଦକୁ ଧାର୍ଯ୍ୟ କରାଯାଇଥିବା ସମସ୍ତ କ୍ଷତିପୂରଣ ରାଶି ସୁଧ ସହ ସମ୍ପୂର୍ଣ୍ଣ ଭାବେ ଜମା କରାଯାଇ ସାରିଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟ ଇସ୍ପାତ ଓ ଖଣି ବିଭାଗକୁ ଲେଖାଯାଇଥିବା ଚିଠି ଅନୁଯାୟୀ, ବର୍ତ୍ତମାନ ଆବେଦନକାରୀଙ୍କ ନାମରେ କୌଣସି ବକେୟା ରାଶି ନାହିଁ। ସମସ୍ତ ଅର୍ଥ ପ୍ରଦାନ ସରିଥିବାରୁ ଲିଜ୍ ରଦ୍ଦ ପ୍ରକ୍ରିୟା ପ୍ରତ୍ୟାହାର କରିବାକୁ ଏବଂ କେନ୍ଦୁଝର ଜିଲ୍ଲାପାଳଙ୍କ ଅଦାଲତରେ ଚାଲିଥିବା ସାର୍ଟିଫିକେଟ୍ ମାମଲାକୁ ବନ୍ଦ କରିବାକୁ ପ୍ରାର୍ଥନା କରାଯାଇଛି। କେବଳ କ୍ଷତିପୂରଣ ଅର୍ଥ ବକେୟା ଯୋଗୁଁ ଲିଜ୍ ରଦ୍ଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯେହେତୁ ସମସ୍ତ ଅର୍ଥ ସୁଧ ସହ ପୈଠ ହୋଇସାରିଛି, ତେଣୁ ସେ ଲିଜ୍ ଫେରିପାଇବାକୁ ଯୋଗ୍ୟ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଜୁଲାଇ ୧୦ ସୁଦ୍ଧା ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଦେଓଝରର ଲୁହାପଥର ଖଣି ଲିଜ୍ ଉପରେ ସ୍ଥିତାବସ୍ଥା ଜାରି ରହିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

# ଆର୍‌ପିଏଫ ଇନ୍ସପେକ୍ଟର ନିଲମ୍ବିତ

ରାଉରକେଲା, ୭।୬ (ସମିସ): ରାଉରକେଲାର ଆରପିଏଫ ଇନ୍ସପେକ୍ଟର କମଳେସ ସମାଦାରଙ୍କୁ ଆଜି ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତାଙ୍କ ନାମରେ ସିବିଆଇ ମାମଲା ରୁଜୁ ହେବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏପରି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି। ରାଉରକେଲା ରେଳଷ୍ଟେସନ୍ ପ୍ଲାଟଫର୍ମରେ ବିକ୍ରୀ କରୁଥିବା ଭେଣ୍ଡରମାନଙ୍କ ଠାରୁ ଦଲାଲଙ୍କ ଜରିଆରେ ମାସିକିଆ ବଟି ଆଦାୟ କରିବା ଅଭିଯୋଗରେ ସିବିଆଇ ତାଙ୍କ ନାମରେ ଗତ କାଲି ମାମଲା ରୁଜୁ କରିଥିଲେ।

# ବଜ୍ରପାତରେ ନାବାଳକ ମୃତ

ଭଦ୍ରକ, ୭।୬ (ସମିସ): ରବିବାର ସନ୍ଧ୍ୟାରେ ପ୍ରଚଣ୍ଡ ବଜ୍ରପାତରେ ଥରିଥିଲା ଭଦ୍ରକ ଅଞ୍ଚଳ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ବଜ୍ରପାତ ସହ ବର୍ଷା ଲାଗି ରହିଥିଲା। ଏହି ବଜ୍ରପାତରେ ସନ୍ଧ୍ୟାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁର ସୁବାସ ସାମଲଙ୍କ ପତ୍ନୀ ଘରପାଖ ଗୁହାଳରେ ଥିଲେ। ବର୍ଷା ଯୋଗୁଁ ତାଙ୍କର ଏକମାତ୍ର ପୁଅ ଜୀବନଜ୍ୟୋତି ସାମଲ(୧୦) ନିଜ ମାଆଙ୍କୁ ଘରକୁ ଆଣିବାକୁ ଛତା ନେଇ ଯାଉଥିବାବେଳେ ବଜ୍ରପାତରେ ଟଳିପଡ଼ିଥିଲେ। ଏହି ଦୁଃଖଦ ଘଟଣାରେ ବନ୍ଧଗାଁ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ସମିତିସଭ୍ୟଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ମହାପାତ୍ର ଓ ସରପଞ୍ଚ ନିରୋଜ ରାଉତ ପ୍ରମୁଖ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି।


**Notice**
(above 18 years of age)

By virtue of an affidavit sworn before Notary Public, Udala, Mayurbhanj dated 05-06-2026 I, Josadamani Katial, Wife of Late Upendranatha Katiala, Address Villege - Deuladihi, P.O- Talkunda, P.S- Khunta, Dist- Mayurbhanj, Pin- 757074 declare that I have changed my name from Josada Katiala to Josadamani Katial. Henceforth, I shall be known as **Josadamani Katia** for all purposes.

(Josadamani Katial)

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

ଇ-ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ନଂ. SnT_RTM_26_12, ତାରିଖ 04.06.2026। 1) S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ ସମ୍ବନ୍ଧରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ୧) କାର୍ଯ୍ୟରେ ଗୋଧରା–ନାଗଦା ସେକ୍ସନରେ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇଁ ତ୍ରୁଟିପୂର୍ଣ୍ଣ ଓ ଆୟୁଷ୍ୟ ଅତିକ୍ରମ କରିଥିବା ମିଡ୍-ଲାଇଫ୍ ସିଗ୍ନାଲିଂ ଗିୟର ଏବଂ ଉପକରଣଗୁଡ଼ିକର ପରିବର୍ତ୍ତନ, 2) RDSO ଅନୁମୋଦିତ ଆର୍ଥିଂ ସିଷ୍ଟମ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ S&T ସ୍ଥାପନା ପାଇଁ ବର୍ତ୍ତମାନ ଥିବା ଆର୍ଥିଂ ବ୍ୟବସ୍ଥାର ଉନ୍ନତି, ପରିବର୍ତ୍ତନ ଓ ସୁଦୃଢ଼ୀକରଣ, ଏବଂ 3) ରତଲାମ ଡିଭିଜନରେ ଏନାଲଗ୍ 25-ୱାଟ୍ VHF ସେଟ୍‌ଗୁଡ଼ିକର ପରିବର୍ତ୍ତନ ସହ ଡିଜିଟାଲ୍ V H F ସେଟ୍ ଦ୍ୱାରା ଉନ୍ନତିକରଣ ଅନ୍ତର୍ଭୁକ୍ତ ଅଛି। ୨) ଟେଣ୍ଡରର ବିଜ୍ଞାପିତ ମୂଲ୍ୟ ଟ.10,83,98,569.82/- ଏବଂ ୩) ବିଡ୍ ସୁରକ୍ଷା/ଅର୍ନେଷ୍ଟ ମନି (EMD) ଟ.21,68,000.00/-। ୪) ପ୍ରାଯୁକ୍ତିକ ବିଡ୍ 30.06.2026 ତାରିଖ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ। ୫) କାର୍ଯ୍ୟ ସମାପ୍ତିର ଅବଧି 12 ମାସ ନିର୍ଦ୍ଧାରିତ ଅଛି। ୬) ଟେଣ୍ଡର ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରୀ ବରିଷ୍ଠ DSTE, ରତଲାମ ଏବଂ ବିଡ୍ ଖୋଲିବା ସ୍ଥାନ DRM କାର୍ଯ୍ୟାଳୟ, ରତଲାମ, ମଧ୍ୟ ପ୍ରଦେଶ ଅଟେ। ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ଅଛି ଏବଂ ଅଫରଗୁଡ଼ିକ ସେହି ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। V/090

Like us on: facebook.com/WesternRly

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା 13001/795/2627

ଜିଲ୍ଲା – ସୁବର୍ଣ୍ଣପୁର

**NOTIFIED AREA COUNCIL, TARBHA**

Dist.- Subarnapur, Odisha-767016

Email: nactarbha@gmail.com

ପତ୍ର ସଂଖ୍ୟା: 969 / ତାରିଖ: 04.06.2026

**QUOTATION CALL NOTICE**

Sealed Quotations/Tenders are invited from the Registered firms/ Entrepreneurs/ Agency/ Contractors/ Private Companies for **"Supplying, Installation and Commissioning of 25 Ft. Height FRP Clock Tower at Durga Mandap Chowk, Tarbha NAC"** as per specification given in the Tender Schedule. All Quotations/Tenders should reach before the undersigned by **Dt.17.06.2026 within 5.00 PM** through Speed Post / Regd. Post / Courier / by hand (Box Drop) accompanied with Registration Certificate, PAN, GSTIN Certificate, ITR Statements of last 3 Years etc. as specified in the DTCN along with Tender Paper Cost of **Rs. 6000/-** in shape of Demand Draft drawn in favour of Executive Officer, NAC Tarbha and **EMD @ Rs.1%** of the estimated cost in shape of TDR pledged in favour of Executive Officer, NAC Tarbha which will be opened on **Dt.18.06.2026 at 11.30 AM** in the Office of Executive Officer, NAC, Tarbha in the presence of Quotationers/Bidders or their authorized representative. Quotations received after the stipulated period shall not be entertained. The undersigned reserves the right to accept or reject any or all the quotations without assigning any reason thereof.

Executive Officer
N.A.C., Tarbha

OIPR-13001/13199/1/26-27/0003

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 02/RWD-I,MKG/2026-27 dt. 03.06.2026 — 25001/342/2627

01.Name of the work: - Repair & Maintenance work (Detailed in Annexure) 02. Total Number of Works: - Total 31 no (Thirty-one). 03.Estimated Cost: - Rs. 5.08 lakhs to Rs. 73.47 Lakhs ,04. Class of Contractor: "B", "C" & "D" Class contractors 05. Period of Completion: - (As Per Detailed in Annexure), 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 02/ RWD-I, MKG /2026-27 | Total 31 nos (Single & Double Cover) | 11.06.2026 from 11.00 AM | 29.06.2026 up to 5.00 PM | 25.06.2026 up to 5.00 P.M. | Tech Bid opening: - 30.06.2026 at 11.00 AM Financial Bid opening - to be intimated separately |

Further details can be seen from the website www.tendersorissa.gov.in

Sd/- Sujata Dishari
Executive Engineer
R.W. Division-I, Malkangiri

OIPR-25001/25058/1/26-27/0002

Government of Odisha
Office of the Superintending Engineer
Rural Works Division-I, Nabarangpur — 25001/352/2627
e-mail: eerw1ngp@rediffmail.com
Letter No.: 3631 Date: 05.06.26

**e-Procurement Notice**

Name of the work : Road Works
Total No. of works : 08 (Eight) Nos.
Approx. Estimated Cost : Rs. 48.98 lakhs to Rs. 84.75 lakhs
Class of Contractor : "B" Class Contractor
Period of completion : 3 (Three) Calendar Months

| Procurement Officer | Bid Identification No. | No. of Works | Availability of Tender Online for Bidding | Date & Time of Opening of Tender |
|---|---|---|---|---|
| Rural Works Division-I, Nabarangpur | EERWNGP – Online – 04/2026-27 | 08 (Eight) No's. | **From:** 10.06.2026 at 10.00 AM**To:** 24.06.2026 up to 05.00 PM | **Technical:** 25.06.2026 at 11.00 AM**Financial:** To be intimated separately |

**For details can be seen from the Government website:** www.tendersorissa.gov.in

Executive Engineer
Rural Works Division-I, Nabarangpur

OIPR-25001/25092/1/26-27/0004

## ୪୭.୯୯ ପ୍ରତିଶତ କମ୍‌ରେ ଟେଣ୍ଡର ଆବେଦନ

# ଅକଳରେ ପଡ଼ିଛି ଜଳସମ୍ପଦ ବିଭାଗ

**● କାମ କେମିତି ହେବ ତାକୁ ନେଇ ପ୍ରଶ୍ନ**
**● କମିଟି ଗଠନ କରି ନିଷ୍ପତ୍ତି ନିଆଯିବ: ଏସ୍‌ଇ**

ନୟାଗଡ଼,୭ ।୬(ସମିସ)

ନୟାଗଡ଼ ଜଳସମ୍ପଦ ବିଭାଗ ଏବେ ଅଡୁଆରେ ପଡ଼ିଛି । ରାଜ୍ୟ ସରକାର ପୂର୍ବରୁ ଥିବା ୧୪.୯୯ ଲେସ୍ ନିୟମକୁ ଉଠାଇ ଦେବାର ପ୍ରଭାବ ନୟାଗଡ଼ ଜଳସମ୍ପଦ ବିଭାଗରେ ଦେଖିବାକୁ ମିଳିଛି । ଜଳସମ୍ପଦ ବିଭାଗ ବର୍ଷା ପୂର୍ବରୁ କିଛି ଜରୁରୀ କାର୍ଯ୍ୟ କରାଇବା ପାଇଁ ଗତ ମେ ୧୩ ତାରିଖ ବିଜ୍ଞପ୍ତି ପ୍ରକାଶ କରିଥିଲା । ଏହି ବିଜ୍ଞପ୍ତିରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ୨୩ଟି କାର୍ଯ୍ୟ ପାଇଁ ଆବେଦନ ହୋଇଥିବା ଟେଣ୍ଡରଗୁଡ଼ିକୁ ଦେଖିବା ପରେ ଜଳସମ୍ପଦ ବିଭାଗ ଏବେ ଚିନ୍ତାରେ ପଡ଼ିଛି । ଠିକାଦାରମାନେ ସର୍ବାଧିକ ୪୭.୯୯ ପ୍ରତିଶତ କମ୍‌ରେ କାମ କରିବା ପାଇଁ ଆବେଦନ କରିଛନ୍ତି । ଏହି ୨୩ କାମ ମଧ୍ୟରେ ଅନେକ କେନାଲ ସଫେଇ କାର୍ଯ୍ୟ, ବନ୍ଧ ମରାମତି କାର୍ଯ୍ୟ, ପଥର ପ୍ୟାଚିଂ କାର୍ଯ୍ୟ ପ୍ରଭୃତି ରହିଛି । କାମ ହାତେଇବା ପାଇଁ ଠିକାଦାର ସର୍ବାଧିକ ୪୭.୯୯ ପ୍ରତିଶତ କମରେ କାମ କରିବାକୁ ଆବେଦନ କରିଛନ୍ତି । ସର୍ବନିମ୍ନ ୨୨ ପ୍ରତିଶତ କମରେ କାମ କରିବାକୁ ଆବେଦନ ହୋଇଛି । ବିଭାଗର ଏଷ୍ଟିମେଟ୍‌ଠାରୁ ଏତେ ପରିମାଣ କମରେ କିଭଳି କାମ କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି । କାରଣ ପ୍ରତ୍ୟେକ କାର୍ଯ୍ୟରେ ଲେବର ସେସ୍ ୧ ପ୍ରତିଶତ, ଖଣି ଓ ରାଜସ୍ୱ ବିଭାଗ ରୟାଲଟି ଚାର୍ଜ ବିଲ୍ ମଧ୍ୟରେ ଅନ୍ତର୍ଭୁକ୍ତ ରହୁଛି । ଏହା ବାଦ ଠିକାଦାରଙ୍କ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇଲେ ଆନୁମାନିକ ୧୦ ପ୍ରତିଶତ ଛୁଇଁବା ନିଶ୍ଚିତ ବୋଲି କୁହାଯାଇଛି । ୪୭.୯୯ ପ୍ରତିଶତ କମରେ କାମ ହାତେଇଥିବା ଠିକାଦାର ଅନ୍ୟାନ୍ୟ ବାବଦ ୧୦ ପ୍ରତିଶତ ଖର୍ଚ୍ଚ କଲେ ଏହା ୫୭.୯୯ ପ୍ରତିଶତ ହେବ । ବଳକା ୪୨.୦୧ ପ୍ରତିଶତରେ କେଉଁଭଳି ଭାବେ ନିର୍ମାଣ ହେବ ତାକୁ ନେଇ ସନ୍ଦେହ ଉପୁଜିଛି ।

ଏସବୁ ପରେ ବି ବିଭାଗୀୟ ଅଧିକାରୀଙ୍କ ସନ୍ତୁଷ୍ଟ କରିବା କାର୍ଯ୍ୟ ମଧ୍ୟ ଠିକାଦାରଙ୍କ ଉପରେ ନ୍ୟସ୍ତ ରହୁଛି । ଯାହାକି ନନ୍‌ଅଫିସିଆଲ୍ ବୋଲି କୁହାଯାଉଛି । ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁସାରେ ଏହି ଟେଣ୍ଡର ଆବେଦନ ହୋଇଥିବା ବେଳେ ଚିନ୍ତାରେ ପଡ଼ିଛନ୍ତି ଜିଲ୍ଲାବାସୀ । କାମ ହାତେଇବା ପରେ ଠିକାଦାରମାନେ କାମ କରିବେ, ନା ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପଥର ପ୍ୟାଚିଂ କାମ କୌଣସି ପରିସ୍ଥିତିରେ ଏଷ୍ଟିମେଟର ୪୨ ପ୍ରତିଶତରେ ହୋଇପାରିବ ନାହିଁ ବୋଲି ଖୋଦ୍ ବିଭାଗୀୟ ଯନ୍ତ୍ରୀ କହୁଛନ୍ତି । ଏଭଳି ସ୍ଥିତିରେ ଜଳସମ୍ପଦ ବିଭାଗ ସର୍ବାଧିକ ଲେସ୍‌ରେ କାମ ଆବେଦନ କରିଥିବା ଠିକାଦାରଙ୍କୁ କାମ କରିବାକୁ ସୁଯୋଗ ଦେବ ନା ଅନ୍ୟ କୌଣସି ବାଟ ଆପଣାଇବ ବୋଲି ପ୍ରଶ୍ନ ଉଠିଛି । ଏହି ପ୍ରସଙ୍ଗ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟିରେ ମଧ୍ୟ ଆଲୋଚନା ହୋଇଛି । ଜିଲ୍ଲା ପରିଷଦ ସଭ୍ୟମାନେ ଏଭଳି ପରିସ୍ଥିତିକୁ ନେଇ ଆଶ୍ଚର୍ଯ୍ୟ ହେବା ସହ କିଭଳି କାମ ହେବ ତାକୁ ନେଇ ସନ୍ଦିହାନ ଅବସ୍ଥାରେ ରହିଛନ୍ତି । ଯଦି ବିଭାଗ ସର୍ବାଧିକ ପ୍ରତିଶତ କମରେ ଆବେଦନ କରିଥିବା ଠିକାଦାରଙ୍କୁ କାର୍ଯ୍ୟ କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରେ, ତେବେ ଏହି କାମଗୁଡ଼ିକ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯିବ ବୋଲି ଜଣେ ସଦସ୍ୟ କହିଛନ୍ତି । ଏଷ୍ଟିମେଟ୍ ଅନୁସାରେ କାମ ନ କଲେ, ଠିକାଦାରଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବାକୁ ଆଲୋଚନା ହୋଇଛି । ଏ ନେଇ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇଙ୍କ ମତାମତ ନେବାରେ କହିଲେ, ଏଥିପାଇଁ ଏକ କମିଟି ଗଠନ କରାଯିବ । କମିଟି ଯାହା ନିଷ୍ପତ୍ତି ନେବ, ସେହି ଅନୁସାରେ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସୂଚନା ଦେଇଛନ୍ତି ।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତି ସ୍ଥାପନ



ନୟାଗଡ଼/ଓଡ଼ଗାଁ,୭ ।୬(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଛି । ନୟାଗଡ଼ ଜିଲ୍ଲାରେ ୫ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଖାଡ଼ପଡ଼ା ଉଚ୍ଚ ପ୍ରାଥମିକ ସ୍କୁଲ, ଗୋଡ଼ିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠ, ବରସାହି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମଗରବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ଓ ଗମ୍ଭାରିଡିହି ଜନତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତି ସ୍ଥାପନ ହୋଇଛି । ଜନତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ଶିଳାନ୍ୟାସ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣା ଉପସ୍ଥିତ ଥିଲେ । ପରେ ବାଚସ୍ପତି ପାଢ଼ୀ ମଗରବନ୍ଧ ଉଚ୍ଚ ପ୍ରାଥମିକ ସ୍କୁଲ, ବରସାହି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## ନିମ୍ନମାନର ପୋଷାକ ବଣ୍ଟନ, ଅଭିଭାବକ କ୍ଷୁବ୍ଧ

**● ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କଲା କମିଟି**

ଦଶପଲ୍ଲା,୭ ।୬(ସମିସ): ସମସ୍ତଙ୍କୁ ମାଗଣାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ପ୍ରକୃଷ୍ଟ ମାନର ପୋଷାକ ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବା ସହ ନିରନ୍ତର ପ୍ରୟାସ ଜାରି ରଖିଛି । କିନ୍ତୁ ତୃଣମୂଳ ସ୍ତରରେ ପୋଷାକ ଯୋଗାଣରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଲାଭଖୋର୍ ମନୋବୃତ୍ତି ଯୋଗୁଁ ଛାତ୍ରଛାତ୍ରୀ ନିକୃଷ୍ଟ ମାନର ପୋଷାକ ପିନ୍ଧିବାକୁ ଏକରକମ ବାଧ ହେଉଛନ୍ତି । ଏହାକୁ ନେଇ ଅଭିଭାବକ ମହଲ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ଫେରାଦ ହୋଇଥିଲେ । ତଦନୁଯାୟୀ ଗଠିତ ଅଭିଯୋଗ ଶୁଣାଣି କମିଟି ବିଭିନ୍ନ ସ୍କୁଲ ଗସ୍ତ କରି ଅଭିଯୋଗ ତଦାରଖ କରିବା ପରେ ଜିଲ୍ଲାପାଳଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛି । ବ୍ଲକ୍ ସ୍ତରରେ ଗଠିତ ଏହି କମିଟିରେ ଖୋଦ ବିଡିଓ ଅଧ୍ୟକ୍ଷ ଥିବା ବେଳେ ବିଇଓ, ଏବିଇଓ ଓ ମିଶନ ଶକ୍ତି ଅଧିକାରୀ ସଦସ୍ୟ ରହିଛନ୍ତି । ଦଶପଲ୍ଲା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ସମେତ ସହରାଞ୍ଚଳର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଣ ପ୍ରକ୍ରିୟା ଜାରି ରହିଥିବା ବେଳେ ଏ ନେଇ ପିସି କାରବାର ହୋଇଥିବା ଅଭିଯୋଗ ହୋଇଛି । ବିଭିନ୍ନ ପରିଚାଳନା କମିଟି ସୁପାରିସ ଅନୁଯାୟୀ ପ୍ରଧାନଶିକ୍ଷକମାନେ ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାରୁ ପୋଷାକ କିଣି ମାଲାମାଲ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ନିକୃଷ୍ଟ ମାନର ପୋଷାକ ଯୋଗାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଗତ ଗୁରୁବାର ଏହି କମିଟି ଦଶପଲ୍ଲା ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତକରି ପୋଷାକଗୁଡ଼ିକର ମାନ ଯାଞ୍ଚ କରିଥିଲେ । ବିଗତ ଶିକ୍ଷା ବର୍ଷରେ ବଣ୍ଟନ ନ ହୋଇ ବଳକା ଥିବା ସହ ଚଳିତ ବର୍ଷ ଏକ ଏମଏସଏମଇ ୟୁନିଟ ପୋଷାକ ଗୁଣାତ୍ମକ ଦୃଷ୍ଟିରୁ ବେଶ୍ ଉଚ୍ଚ ମାନର ହୋଇଥିବା କମିଟିର ହୃଦବୋଧ ହୋଇଛି । ଆଶ୍ଚର୍ଯ୍ୟଜନକ ଭାବେ କିଛି କମିଟି ସଦସ୍ୟ ଗତାନୁଗତିକ ଲାଭଖୋର ସଂସ୍ଥା ପ୍ରତି ଅହେତୁକ ଆସ୍ଥା ପ୍ରକଟ କରିବାରେ କମିଟି ସହ ଉଚ୍ଚବାଚ ମଧ୍ୟ ହୋଇଥିଲା । ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାନର ବ୍ୟବହାର ଉପଯୋଗୀ ପୋଷାକ ଚୟନ ନିମନ୍ତେ କମିଟି କଠୋର ମନୋଭାବ ପୋଷଣ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିବା ସୂଚନା ମିଳିଛି । ଏ ନେଇ ବିଡିଓ ଶରତ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରେ, ଅଭିଯୋଗ ଆଧାରରେ ସେ ତଦନ୍ତ କରି ଗୁଣାତ୍ମକ ମାନର ପୋଷାକ ବଣ୍ଟନ କରାଯିବା ନେଇ ଦୃଢ଼ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି । ବିଇଓ ଭକ୍ତି ବିନୋଦ ସଲଙ୍କ ସହ ଏ ନେଇ ଯୋଗାଯୋଗ କରାଯିବାରେ ସେ ଛାତ୍ରଛାତ୍ରୀଙ୍କ ଭାବାବେଗ ସହ ସାଲିସ କରାଯିବ ନାହିଁ ଓ ଏହାର ଉଚିତ୍ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା କହିଛନ୍ତି ।

## ନୂଆଗାଁ ବ୍ଲକ କାର୍ଯ୍ୟାଳୟର ବିକଳ ଚିତ୍ର

# ବିପଦପୂର୍ଣ୍ଣ ୬୦ ବର୍ଷର ପୁରୁଣା କୋଠା

ନୂଆଗାଁ,୭ ।୬(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକକୁ ସବୁଠାରୁ ଅବହେଳିତ ବ୍ଲକ ଭାବେ ଜିଲ୍ଲାରେ ଗଣତି କରାଯାଉଛି । ଏହି ବ୍ଲକରେ ଦୁର୍ନୀତି, ଅନିୟମିତତା ସବୁଠାରୁ ଆଗରେ ଥିବା ବେଳେ ବିକାଶମୂଳକ କାର୍ଯ୍ୟ ପ୍ରତି ଆନ୍ତରିକତା ନାହିଁ । ବ୍ଲକ ପରିସରରେ ଥିବା ୬୦ ବର୍ଷ ପୁରୁଣା ବିପଦପୂର୍ଣ୍ଣ କୋଠାକୁ ଭାଙ୍ଗି ନୂତନ କୋଠା ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ପଡ଼ି ରହିଛି । ତଥାପି ବ୍ଲକ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରିବାରେ ପଛଘୁଞ୍ଚା ଦେଉଛି ।

**■ ପଡ଼ି ରହିଛି ୩୦ ଲକ୍ଷ ଅନୁଦାନ**
**■ ବ୍ଲକ ପ୍ରଶାସନର ଆନ୍ତରିକତା ନାହିଁ**

ଏହି ବିପଦପୂର୍ଣ୍ଣ କୋଠା ତଳେ ଆଶ୍ରୟ ନେଉଛନ୍ତି ଜନସାଧାରଣ ଓ ଜନପ୍ରତିନିଧି । କୌଣସି



ପରିସ୍ଥିତିରେ କିଛି ଅଘଟଣ ଘଟିବା ସମ୍ଭାବନା ଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ବ୍ଲକ ପରିସରରେ ଶୌଚାଳୟ କିମ୍ବା ବିଶ୍ରାମାଗାର ମଧ୍ୟ ନାହିଁ । ବ୍ଲକ ଯନ୍ତ୍ରୀଙ୍କ ଅଫିସରେ ଭଙ୍ଗା ଚେୟାର ଓ ଟେବୁଲରେ କାମ ହେଉଥିବା ବେଳେ ବ୍ଲକ ପରିସରରେ ସ୍ୱଚ୍ଛତା ନ ଥିବା ମଧ୍ୟ ଦେଖାଯାଇଛି । ପ୍ରତ୍ୟେକ ଦିନ ଶହ ଶହ ଲୋକ ଏବଂ ଜନପ୍ରତିନିଧି ବ୍ଲକ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ଅବସ୍ଥାକୁ ଦେଖି ଅଟ୍ଟହାସ୍ୟ କରୁଛନ୍ତି । ବ୍ଲକରେ ନୂତନ କୋଠା ନିର୍ମାଣ ପାଇଁ ଅନୁଦାନ ଥିବା ବେଳେ କାହିଁକି ପ୍ରଶାସନ ପୁରୁଣା କୋଠାକୁ ଭାଙ୍ଗି ନୂତନ କୋଠା ନିର୍ମାଣ କରୁନାହିଁ ବୋଲି ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ବିଡିଓଙ୍କ ମତାମତ ମିଳିପାରି ନ ଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବ୍ଲକ ପ୍ରଶାସନ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା କହିଛନ୍ତି । ୩୦ ଲକ୍ଷ ଅନୁଦାନ ଆସିଥିବା ବେଳେ ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବ ପାଇଁ ନୂତନ କୋଠା ନିର୍ମାଣ ହୋଇପାରୁ ନ ଥିବା ସେ କହିଛନ୍ତି ।

## ଅବହେଳିତ ଡେଙ୍ଗାବାରି ଓ ଭଣ୍ଡାରିବାରି

# ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସାତସପନ

ନୂଆଗାଁ,୭ ।୬(ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ବି ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ଡେଙ୍ଗାବାରି ଓ ଭଣ୍ଡାରିବାରି ଗାଁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । ଜିଲ୍ଲାର ସୀମାନ୍ତବର୍ତ୍ତୀ ଏହି ଦୁଇ ଆଦିବାସୀ ଗାଁ ଗଞ୍ଜାମ ଜିଲ୍ଲାକୁ ଲାଗି ରହିଥିବା ବେଳେ



ନାହିଁ ପକ୍କା ରାସ୍ତା



ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଗ୍ରାମବାସୀ । ପକ୍କା ରାସ୍ତା ନ ଥିବାରୁ ଏଠାକାର ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସାତସପନ ପାଲଟିଛି । ଶତ ପ୍ରତିଶତ ଆଦିବାସୀ ଅଧ୍ୟୁଷିତ ଏହି ଦୁଇ ଗ୍ରାମର ଲୋକେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଏବଂ ଦିନମଜୁରି କରି ଜୀବିକା ନିର୍ବାହ କରନ୍ତି । ଦେଶରେ ବିକାଶର ନାରା ଦେଉଥିବା ବେଳେ ଏହି ଗ୍ରାମଗୁଡ଼ିକରେ ଆଜି ମଧ୍ୟ ମୌଳିକ ସୁବିଧା ପହଞ୍ଚି ପାରିନାହିଁ । ଆଜିପର୍ଯ୍ୟନ୍ତ କୌଣସି ବରିଷ୍ଠ ଅଧିକାରୀ ଏହି ଅଞ୍ଚଳର ସମସ୍ୟାକୁ ଗୁରୁତ୍ୱ ଦେଇ ଅନୁଧ୍ୟାନ କରିନାହାନ୍ତି । ସବୁଠାରୁ ବଡ଼ ସମସ୍ୟା ହେଉଛି ରାସ୍ତା । ବର୍ଷା ଦିନରେ ଗ୍ରାମକୁ ଯିବାଆସିବା ପ୍ରାୟ ଅସମ୍ଭବ ହୋଇପଡ଼େ । ଗୁରୁତର ରୋଗୀ କିମ୍ବା ପ୍ରସୂତି ମହିଳାଙ୍କ ପାଇଁ ୧୦୮ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁ ନ ଥିବାରୁ ଖଟିଆରେ ବୁହାହୋଇ ମୁଖ୍ୟ ରାସ୍ତାକୁ ଆଣିବାକୁ ପଡୁଛି । ଅନେକ ସମୟରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ଲୋକଙ୍କ ଜୀବନ ବିପଦରେ ପଡୁଛି । ଶିକ୍ଷା କ୍ଷେତ୍ରରେ ମଧ୍ୟ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ଭଣ୍ଡାରୀବାରିରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟକୁ ପ୍ରାୟ ୧୨ ବର୍ଷ ତଳେ ବନ୍ଦ କରାଯାଇଥିବାରୁ ଛୋଟ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି । ଉପସ୍ଥାନ କମ୍ ଦର୍ଶାଇ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା । ଅନ୍ୟପଟେ ଅଙ୍ଗନବାଡ଼ି କେନ୍ଦ୍ର ଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନିଜସ୍ୱ ଗୃହ ନ ଥିବାରୁ ଏହା କୋଠଘରେ ଚାଲିଛି । ବୃଦ୍ଧ, ବିଧବା ଓ ଭିନ୍ନକ୍ଷମମାନେ ଭତ୍ତା ଏବଂ ରାସନ ସାମଗ୍ରୀ ପାଇଁ ପ୍ରାୟ ୬ କିଲୋମିଟର ଦୂରରେ ଥିବା କାପ୍ତାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟକୁ କଷ୍ଟସାଧ୍ୟ ଯାତ୍ରା କରିବାକୁ ବାଧ ହେଉଛନ୍ତି । ଗ୍ରାମବାସୀ ବହୁବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବ୍ଲକ ପ୍ରଶାସନ ଏବଂ ବିଭିନ୍ନ ସରକାରୀ ଫୋରମ୍‌ରେ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଭୋଟ ସମୟରେ ନେତାମାନେ ଗ୍ରାମକୁ ଆସି ବିକାଶର ପ୍ରତିଶ୍ରୁତି ଦେଉଥିବା ବେଳେ ନିର୍ବାଚନ ପରେ ସବୁ ଭୁଲିଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଏହି ଦୁଇ ଗ୍ରାମ ପ୍ରତି ପ୍ରଶାସନର ଅବହେଳା ସରକାରଙ୍କ ବିକାଶ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ଡେଙ୍ଗାବାରି ଓ ଭଣ୍ଡାରିବାରିକୁ ସବୁଦିନିଆ ପକ୍କା ରାସ୍ତା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି ଉଠାଇଛନ୍ତି ।

## ରୋଟାରୀ କ୍ଲବ ପରିଦର୍ଶନ କଲେ ଜିଲ୍ଲା ଗଭର୍ଣ୍ଣର

# ସେବା ଯୋଗାଉଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ନୟାଗଡ଼,୭ ।୬(ସମିସ): ନୟାଗଡ଼ ରୋଟାରୀ କ୍ଲବ୍ ପରିଦର୍ଶନ କରିଛନ୍ତି ୩୨୬୨ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ । ତାଙ୍କ ସହ ଥିଲେ ଇନରହୁଇଲ କ୍ଲବ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ । ଏହି ଅବସରରେ ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ୍ ବସରିନ୍ ବିବିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ଗଭର୍ଣ୍ଣର ମଞ୍ଚାସୀନ ହୋଇ ରୋଟାରୀ କ୍ଲବ୍ ନୟାଗଡ଼ର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କ୍ଲବ୍ ସମ୍ପାଦକ ଅବିନାଶ ସାହୁ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ସରକାରୀ ଚାକିରି କରି ସମାଜର ନିମ୍ନ ସ୍ତରରେ ଉପଯୁକ୍ତ ସେବା ଯୋଗାଉଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଧିକାରିଣୀ କମଳା ଦେଇ, ଗୃହରକ୍ଷୀ ନିରଞ୍ଜନ ମହାନ୍ତି, ହାବିଲଦାର ପ୍ରଶାନ୍ତ ବରାଡ଼, କନଷ୍ଟେବଳ ଗୋପବନ୍ଧୁ ବିଶ୍ୱାଳ, ଟ୍ରାଫିକ କନଷ୍ଟେବଳ ପ୍ରଜ୍ଞାନନ୍ଦ ପଣ୍ଡା, ଫାୟାରମ୍ୟାନ୍ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ପୌର ପରିଷଦର ସୁଇପର ବିକାଶ ଗୋଛାୟତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମୋମେଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା । କ୍ଲବର ବରିଷ୍ଠ ସଭ୍ୟ ଓ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା ସଦସ୍ୟଙ୍କୁ ଗଭର୍ଣ୍ଣର ଗୋଲାପ ଫୁଲ ଓ ଉତ୍ତରୀୟ ଦେଇ ଉତ୍ସାହିତ କରିଥିଲେ । ଯୁକ୍ତ ଦୁଇ ବିଜ୍ଞାନ ସିବିଏସଇ ପରୀକ୍ଷାରେ ଜିଲ୍ଲା ଟପ୍ପର ହୋଇଥିବା ଅର୍ଯ୍ୟ ଅନୁରାଗ, ଦଶମ ଶ୍ରେଣୀ ସିବିଏସଇ ଟପ୍ପର ଆଶୀର୍ବାଦ ମାର୍ଥା ଏବଂ ଯୁକ୍ତ ଦୁଇ ବାଣିଜ୍ୟ ଟପ୍ପର ନୂପୁର ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ କ୍ଲବର ଆମ୍ବୁଲାନ୍ସ ଓ ଫିଜିଓ ଥେରାପିରେ କାର୍ଯ୍ୟରତ ୮ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ସଭାପତି ପ୍ରବୀର ପୃଷ୍ଟି ମଞ୍ଚ ସଂଯୋଜନା କରିଥିବା ବେଳେ ସଭ୍ୟ ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କରଡ଼ାପଡ଼ା ପଞ୍ଚାୟତ ପ୍ରିମିୟର ଲିଗ୍

# ରୟାଲ ଷ୍ଟ୍ରାଇକର ଓ ଷ୍ଟର୍ମ ଏକାଦଶ ବିଜୟୀ

ଗଣିଆ,୭ ।୬(ସମିସ): ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତର ସିଜିନ-୧ ପ୍ରିମିୟର ଲିଗ୍‌ରେ ରବିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି । ପ୍ରଥମ ମ୍ୟାଚ ରୟାଲ ଷ୍ଟ୍ରାଇକର ଓ ପାୱାର ହିଟର ଷ୍ଟାର ମଧ୍ୟରେ ହୋଇଥିଲା । ରୟାଲ ଷ୍ଟ୍ରାଇକର ବିଜୟୀ ହୋଇଛି । ଟସ୍ ଜିତି ରୟାଲ ଷ୍ଟ୍ରାଇକର ବ୍ୟାଟିଂ କରି ଅଧିନାୟକ ବିଷ୍ଣୁଙ୍କ ୧୦୭ ରନ୍



ସାହାଯ୍ୟରେ ୧୦ ଓଭରରେ ୧୬୭ ରନ୍ କରିଥିଲା । ଜବାବରେ ପାୱାର ହିଟର ଷ୍ଟାର ନିର୍ଦ୍ଧାରିତ ଓଭରରେ ୧୦୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ମୁଖ୍ୟଅତିଥି ଭାବେ କରଡ଼ାପଡ଼ା ସମିତି ସଭ୍ୟା ଗୀତାଞ୍ଜଳି ରାଉତ ଯୋଗଦେଇଥିଲେ । ଦ୍ୱିତୀୟ ମ୍ୟାଚ ଷ୍ଟର୍ମ ଏକାଦଶ ଓ ସାଇଲେଣ୍ଟ କିଲର୍ ମଧ୍ୟରେ ଖେଳାଯାଇଥିଲା । ଷର୍ମ ଏକାଦଶ ବିଜୟୀ ହୋଇଛି । ଷ୍ଟର୍ମ ଏକାଦଶ ଟସ୍ ଜିତି ବ୍ୟାଟିଂ କରି ୧୯ ଓଭରରେ ୧୫୩ ରନ୍ କରିଥିଲା । ଜବାବରେ ସାଇଲେଣ୍ଟ କିଲର୍ ୧୦ ଓଭରରେ ୧୫୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ମୁଖ୍ୟଅତିଥି ଭାବେ ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି ଯୋଗଦେଇଥିଲେ ।

## ଓଡ଼ଗାଁ କ୍ରିକେଟ ଲିଗ୍ ଉଦ୍‌ଘାଟିତ


# ଇଗଲ ଫାଇଟର ଓ ଆଇକନ ଷ୍ଟାର୍ ବିଜୟୀ




ଓଡ଼ଗାଁ,୭ ।୬(ସମିସ): ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍ ରବିବାର ଉଦଘାଟିତ ହୋଇଛି । ପ୍ରଥମ ଦିନରେ ଅନୁଷ୍ଠିତ ଦୁଇ ମ୍ୟାଚ୍‌ରେ ଇଗଲ ଫାଇଟର ଓ ଆଇକନ ଷ୍ଟାର ଦଳ ବିଜୟୀ ହୋଇଛନ୍ତି । ଉଦଘାଟନୀ ମ୍ୟାଚ୍ ଇଗଲ ଫାଇଟର ଓ ପାୱାର ଇଲେଭେନ ଖେଳାଯାଇଥିଲା । ଟସ୍ ଜିତି ପାୱାର ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ୍ ହାରାଇ ୧୦୩ ରନ୍ ସଂଗ୍ରହ କରିଥିଲା । ଜବାବରେ ଇଗଲ ଫାଇଟର ଦଳ ୭.୪ ଓଭରରେ ୪ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ବିଜୟୀ ଦଳର ସୁମନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଆଇକନ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ୍ ହାରାଇ ୮୩ ରନ୍ କରିଥିଲା । ଫାଇଟର ଇଲେଭେନ ଦଳ ୮ ଓଭରରେ ମାତ୍ର ୬୯ ରନରେ ସୀମିତ ରହିଯାଇଥିଲା । ଆଇକନ ଷ୍ଟାର ଦଳର ଶୁଭମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । କିଶନ, ରାମ, ଗୋପାଳ, ଚନ୍ଦନ ଓ ଗୁଡୁ ମ୍ୟାଚ୍ ପରିଚାଳନା କରିଥିଲେ । ସୋମବାର ୩ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି । ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଓଡ଼ଗାଁ ବିଜେପି ମଣ୍ଡଳ ସଭାପତି ସଞ୍ଜୟ କୁମାର ସାହୁ ଓ ଭେଟେରାନ୍ କ୍ରିକେଟର ଉମାକାନ୍ତ ଦାସ ଉପସ୍ଥିତ ଥିଲେ । ଅତିଥିମାନେ ଖେଳାଳିଙ୍କ ସହ ଓଡ଼ଗାଁ ରଘୁନାଥ ମନ୍ଦିରରୁ ବାହାରିଥିବା ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ଓଡ଼ଗାଁ ମିନି ଷ୍ଟାଡିୟମରେ ପହଞ୍ଚିଥିଲେ । ପରେ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ ।

## ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ

# ପର୍ଯ୍ୟଟନ ମାନ୍ୟତା ପାଇ ବି ଅବହେଳିତ



**■ ବର୍ଷକ ମଧ୍ୟରେ ଟଙ୍କାଟିଏ ବି ଅନୁଦାନ ନାହିଁ**
**■ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ସ୍ଥାନୀୟ ନେତା**

ଖଣ୍ଡପଡ଼ା,୭ ।୬(ସମିସ)

ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନ ପୀଠକୁ ଗତବର୍ଷ ଫେବୃଆରୀରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଥିଲା । ତେବେ ଦୀର୍ଘ ବର୍ଷକ ମଧ୍ୟରେ ଏହି ପୀଠ ପାଇଁ ଗୋଟିଏ ଟଙ୍କା ଅନୁଦାନ ମିଳି ନ ଥିବା ବେଳେ ସ୍ଥାନୀୟ ନେତା ଲୋକଙ୍କୁ ଭୂଆଁ ବୁଲାଉଥିବା ଅଭିଯୋଗ ହୋଇଛି । ପୀଠରେ ପର୍ଯ୍ୟଟକଙ୍କ ନିମନ୍ତେ ମୌଳିକ ସୁବିଧା ନାହିଁ । ଫଳରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା କେବଳ ପ୍ରହସନ ଛଡ଼ା ଆଉ କିଛି ନୁହେଁ ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି ।

ଗତବର୍ଷ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଠି ଜାରି କରାଯାଇ ରାଜ୍ୟର ପ୍ରାୟ ୨୦ କ୍ଷେତ୍ରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଥିଲା । ଏଥିରେ ମୁଣ୍ଡିଆ ହନୁମାନ କ୍ଷେତ୍ର ମଧ୍ୟ ସାମିଲ ଥିଲା । ପର୍ଯ୍ୟଟନ ବିଭାଗ ସଚିବ ସମର୍ଥ ବର୍ମା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏ ବାବଦରେ ଚିଠି ଯୋଗେ ଅବଗତ କରାଇଥିବା ବେଳେ ପୀଠର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସୂଚନା ଦିଆଯାଇଥିଲା । ତେବେ ବର୍ଷକ ପରେ ମୁଣ୍ଡିଆ ହନୁମାନ ପୀଠର ଅବସ୍ଥା ପୂର୍ବଭଳି ଥିବା ଅଭିଯୋଗ ହୋଇଛି । ସ୍ଥିତି ଏମିତି ଯେ ବିଭାଗ ଘୋଷଣା ଧୂଆଁବାଣ ବୋଲି ଲୋକେ ସଙ୍ଗିନ ଅଭିଯୋଗ କଲେଣି । ସ୍ଥାନୀୟ ବାସିନ୍ଦାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ପାହାଡ଼ ଉପରେ ପୌରାଣିକ ବିଷୟବସ୍ତୁକୁ ମୂର୍ତ୍ତି ରୂପରେ ଜୀବନ୍ତ କରାଯାଇଥିବା ବେଳେ ଏ ସବୁକୁ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ମର୍ଦ୍ଦରାଜପୁର ଗ୍ରାମ ଉପକଣ୍ଠରେ ଥିବା ମୁଣ୍ଡିଆ ହନୁମାନ ପୀଠ ବ୍ଲକ ଅଞ୍ଚଳରେ ଏକ ପ୍ରମୁଖ ପୀଠ ଭାବେ ପରିଗଣିତ ହେବା ସହ ବହୁ ପର୍ଯ୍ୟଟକଙ୍କୁ ବର୍ଷତମାମ ଆକୃଷ୍ଟ କରୁଛି । ତେବେ ଏଠାରେ ଶୌଚାଳୟ ସୁବିଧା ନ ଥିବାରୁ ଶ୍ରଦ୍ଧାଳୁ ବିଶେଷକରି ମହିଳାମାନେ ହନ୍ତସନ୍ତ ହେଉଛନ୍ତି । ସେହିପରି ପାନୀୟ ଜଳ ସୁବିଧା ନ ଥିବାରୁ ପାଣି ମୁନ୍ଦେ ପାଇଁ ଶ୍ରଦ୍ଧାଳୁ ପାହାଡ଼ ତଳେ ଥିବା ଦୋକାନ ଉପରେ ନିର୍ଭର କରନ୍ତି । ପାହାଡ଼କୁ ପାହାଚ ଓ ରାସ୍ତାର ବିକଳ୍ପ ଥିବାବେଳେ ବରିଷ୍ଠ ନାଗରିକଙ୍କୁ କିନ୍ତୁ ରାସ୍ତା ଦେଇ ନେବାକୁ ଅନେକ ସୁରକ୍ଷିତ ମଣୁନାହାନ୍ତି । ରାସ୍ତା ଅବସ୍ଥା ଭଲ ନ ଥିବା ଅନେକ ସମୟରେ ପର୍ଯ୍ୟଟକମାନେ ଅଭିଯୋଗ କରୁଛନ୍ତି । ବିଶେଷକରି ପାହାଡ଼ ଉପରକୁ ରୋପୱେ ବ୍ୟବସ୍ଥା ସହ ଉଜ୍ଜ୍ୱଳ ଆଲୋକ ଓ ଉନ୍ନତମାନର ରାସ୍ତା ନିର୍ମାଣ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇଆସୁଛି । କାରଣ ସନ୍ଧ୍ୟା ହେଲେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବାରୁ ମନ୍ଦିର ସମୂହ ଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି ଶ୍ରଦ୍ଧାଳୁ । ଅନ୍ୟପକ୍ଷରେ ବିଭିନ୍ନ ସମୟରେ ନିର୍ମାଣ ହୋଇଥିବା ଉନ୍ନତୀକରଣ କାର୍ଯ୍ୟର ଅର୍ଥରାଶି ମଧ୍ୟ ମିଳି ନ ଥିବା ପରିଚାଳନା ଦାୟିତ୍ୱରେ ଥିବା ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛି ଅଭିଯୋଗ କରିଛନ୍ତି ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା

## ଟାଙ୍ଗୀର ୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଟାଙ୍ଗୀ, ୭।୬ (ସମିସ): ଆଜି ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାର କୁମାରବସ୍ତ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ରାଜ୍ୟରେ ୨୦୪ଟି ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରିଛନ୍ତି। ଏହି ଆଧାରରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକରେ ୪ଟି ପ୍ରାଥମିକ ବିଦ୍ୟାଳୟ ସାମିଲ ହୋଇଛି। ଏହି ତାଲିକାରେ କୁଞ୍ଜୁରୀ ପଞ୍ଚାୟତ ନରମାନବୀ ଉଚ୍ଚ ବିଦ୍ୟାଳୟ, କମାଗୁରୁ ଉଚ୍ଚ ବିଦ୍ୟାଳୟ, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ, ନିରାକାରପୁର ଓ ଜରିଆ ଉପ୍ରା ବିଦ୍ୟାଳୟକୁ ଏହି ସୁଯୋଗ ମିଳିଛି। ଏହି ଆଧାରରେ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ ନରମାନବୀରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, କୁଞ୍ଜୁରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ସାମନ୍ତରାୟ, ସମିତି ସଭ୍ୟା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଳନ୍ଦୀ ବେହେରା, କ୍ଲଷ୍ଟର ସଂଯୋଜକ ରମେଶ ବେହେରା ଆଦି ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ଅଶୋକ ବେହେରା, ଆଲୁମିନ ସଭାପତି ତପନ ବେହେରା, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଶିକ୍ଷକ ରାଜେନ୍ଦ୍ର ନାରାୟଣ ସ୍ୱାଇଁ, ବୀରେନ୍ଦ୍ର କୁମାର ସାହୁ, ଆଶା କର୍ମୀ ମଞ୍ଜୁବାଳା ସୁନ୍ଦରା, ପଞ୍ଚାୟତ ପିଇଓ ଓ କୁହୁଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## କମାଗୁରୁ ବିଦ୍ୟାଳୟ ପରିସରରେ ଶିଳାନ୍ୟାସ



ନିରାକାରପୁର, ୭।୬ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସୁନ୍ଦରାୟ, ଭାଗୀରଥି ସାମନ୍ତରାୟ, କମାଗୁରୁ ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀତା ଚମ୍ପତି, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଲ, ପୂର୍ବତନ ସରପଞ୍ଚ ମନୋରଞ୍ଜନ କୁମାର ଚମ୍ପତି, ସମାଜସେବୀ ସନ୍ତୋଷ କୁମାର ଦାମ୍ବଲ, ବିଦ୍ୟାଳୟପରିଚାଳନାକମିଟିରସଭାପତି ବବ୍ରୁବାହନସାହୁ, ବିଦ୍ୟାଳୟଆଲୁମିନିକମିଟିରସଭାପତିମାଧବ ଚନ୍ଦ୍ରମାଝୀଏବଂସମାଜସେବୀମାଧବଚନ୍ଦ୍ରମହାନ୍ତି ପ୍ରମୁଖଅତିଥିଭାବେଯୋଗଦେଇଥିଲେ।ଏହାସହିତଗ୍ରାମରବିଶିଷ୍ଟ ଭଦ୍ରବ୍ୟକ୍ତିମାନେ, ବିଦ୍ୟାଳୟରସମସ୍ତଶିକ୍ଷକଓଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏହିକାର୍ଯ୍ୟକ୍ରମରେବହୁସଂଖ୍ୟାରେଯୋଗ ଦେଇଥିଲେ। ଏହି ବିଦ୍ୟାଳୟରେ ସରକାରଙ୍କ ଉନ୍ନତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ଗର୍ବ ଅନୁଭବ କରିଛନ୍ତି।

## ଭାଷଣ ଦେଖିବାରୁ ବଞ୍ଚିତ ହେଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା: ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟରରେ ଚାଲିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶୁଭ ଉଦଘାଟନ ଅବସରରେ ସିଧା ପ୍ରସାରଣରେ ସାମୟିକ ସମୟ ପାଇଁ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବୋଲଗଡ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଭାଷଣର ସିଧା ପ୍ରସାରଣ ସମୟରେ ଏଲଇଡି ଡିସପ୍ଲେ ତ୍ରୁଟି ଦେଖା ଦେଇଥିଲା। କାର୍ଯ୍ୟକ୍ରମରେ ବୋଲଗଡ ବିଡିଓ ସୁମନ ସୁଧା କୁଣ୍ଡୁ ଉପସ୍ଥିତ ଥିଲେ ମଧ କିଁ କର୍ତ୍ତବ୍ୟ ବିମୁଢ଼ ହୋଇ ଅନ୍ୟ ଏକ ଟିଭି ଅଣା ଯାଇ କାର୍ଯ୍ୟକ୍ରମକୁ ଦେଖିଥିଲେ। ଏଥିରେ ବ୍ଲକ ପ୍ରଶାସନର କିଭଳି ଦାୟିତ୍ୱ ତୁଲାଇଛନ୍ତି ଘଟଣାରୁ ସ୍ପଷ୍ଟ ଭାବରେ ବାରି ହୋଇ ପଡୁଛି। ତେବେ ଏହା ଘଟଣା ବିଜୁଳି ବେଗରେ ପ୍ରଚାରିତ ହେବାରୁ ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଘଟଣା ସ୍ଥଳରେ ସ୍କୁଲ୍ ହେଡ୍ ମାଷ୍ଟର, ପଞ୍ଚାୟତ ପିଇଓ ଓ ସହକାରୀ ଶିକ୍ଷା ଅଧିକାରୀ ନୀରବ ଦର୍ଶକ ଭଳି ବସି ରହିଥିଲେ।

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



ଖୋର୍ଦ୍ଧା: ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଗ୍ରସ୍ତ କରିଛନ୍ତି। ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ଥର ଆଜି ମୁଖ୍ୟମନ୍ତ୍ରୀ ସ୍ଥାପନ କରିଛନ୍ତି। ତେବେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ନିଯୁକ୍ତି ଓ ସୁଶାସନ ପ୍ରଦାନରେ ଅକ୍ଷମତା ଦର୍ଶାଇ କଂଗ୍ରେସ ନେତ୍ରୀମାନେ ଆଜି କଳା ଶାଢ଼ି ପିନ୍ଧି ପ୍ରତିବାଦ କରିବା ଆଶଙ୍କା କରି ଜିଲ୍ଲା ପୁଲିସ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣି ସାଢ଼େ ୬ ଘଣ୍ଟା ଅଟକ ରଖିଥିଲା। ଶିଳ୍ପାଞ୍ଚଳ ପୁଲିସ ପୂର୍ବାହ୍ନ ୯ଟାରୁ କଂଗ୍ରେସ ନେତ୍ରୀ ତଥା ରାଜ୍ୟ ମୁଖପାତ୍ର ସୋନାଲୀ ସାହୁଙ୍କୁ ତାଙ୍କ ଘରୁ ଓ ତାଙ୍କର ସମର୍ଥକଙ୍କୁ ଆଣି ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତ ପରେ ଅପରାହ୍ନ ୩ ଟାରେ ସମସ୍ତ କଂଗ୍ରେସ କର୍ମୀଙ୍କୁ ଛଡ଼ାଯାଇଥିବା ଥାନା ପକ୍ଷରୁ କୁହାଯାଇଛି।

## ଗୋପବନ୍ଧୁ ଯୁବ କଳା ପରିଷଦର ନାଟକ ମଞ୍ଚସ୍ଥ

ଟାଙ୍ଗୀ, ୭।୬ (ସମିସ): ଚାନ୍ଦପୁର ଗୋପବନ୍ଧୁ ଯୁବ କଳା ପରିଷଦ ଆନୁକୂଲ୍ୟରେ ପ୍ରଥମଦିନ "ଆଖିର ଜନମ କାନ୍ଦିବା ପାଇଁ' ଏବଂ ଦ୍ୱିତୀୟ ଦିବସରେ 'ମଝି ନଈରେ ମୋ ଜୀବନ ଡଙ୍ଗା' ନାଟକ ମଞ୍ଚସ୍ଥ ହୋଇଯାଇଛି। ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବରେ ଭଗବାନ ପାତ୍ର, ଶିବପ୍ରସାଦ ସାହୁ, ଅଶୋକ ସ୍ୱାଇଁ, ରାମକୃଷ୍ଣ ସାମନ୍ତରାୟ, ସାହି ସଭାପତି ବିରଞ୍ଚି ନାରାୟଣ ସାହୁ, ପଦ୍ମଚରଣ ପ୍ରଧାନ, ତପନ ପଲ୍ଲେଇ, ପ୍ରଜ୍ଞା ପାରମିତା ସିଂ, ଅକ୍ଷୟ କୁମାର ସାହୁ, ପ୍ରଦୀପ ସେନାପତି ନାଟ୍ୟ ନିର୍ଦ୍ଦେଶକ ଦୁଃଶାସନ ମଲ୍ଲିକ ଏବଂ ବିକ୍ରମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସରୋଜ ସେଠୀ, ଦେବେନ୍ଦ୍ର ପଲେଇ, ସଞ୍ଜୟ ସାମନ୍ତରାୟ, ପ୍ରମୋଦ ସାହୁ, ପ୍ରସନ୍ନ ସାହୁ ବିକାଶ ନାୟକଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ମୁଖ୍ୟଅତିଥି ପରିଷଦ ପାଇଁ ଏକ ଆଖଡ଼ା ଗୃହ ଏବଂ ସଂଗୀତ ନାଟକ ଏକାଡେମୀ ସହିତ କଳାକାର ମାନଙ୍କୁ ସାମିଲ କରାଇବାର ପ୍ରତିଶ୍ରୁତି ଦେଇଥିଲେ।

## ଚିତ୍ରକୂଟ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ



ନିରାକାରପୁର, ୭।୬ (ସମିସ): ଖୋର୍ଦ୍ଧା ଜିଲ୍ଲା କାଶୀପୁର ଚିତ୍ରକୂଟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ପ୍ରସିଦ୍ଧ ମା' ଭୈରବୀ ପୀଠ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ପ୍ରତିଭାବାନ କୃତୀ ଛାତ୍ରଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଶୁଭେଚ୍ଛୁ ନିରଞ୍ଜନ ଦଳେଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ୱାର୍ଡମେମ୍ବର ନକୁଳ ସାହୁ ଏବଂ ବିଶିଷ୍ଟ ଶିକ୍ଷକ ପତିତ ପାବନ ବଳିଆରସିଂ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କୈଳାଶ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସ୍ୱତନ୍ତ୍ର ଅବସରରେ ସାମାଜିକ ସଂଗଠନ 'ସହଯୋଗ'ର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ସହିତ ନବୋଦୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବା କୃତୀ ଛାତ୍ର ସାଇ ପ୍ରତ୍ୟୁଷ ବେହେରା, ଶିକ୍ଷକତା କ୍ଷେତ୍ରରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ସୋନୁପ୍ରିୟା ପେଣ୍ଡୋଇ, ପ୍ରତିଷ୍ଠାତା ସଦସ୍ୟ ଦୋଳଗୋବିନ୍ଦ ପ୍ରଧାନ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗୀ ରାକେଶ ପରିଡ଼ା, ବିଶ୍ୱନାଥ ଦଳେଇ, ପ୍ରତାପ ପ୍ରଧାନ, ତୁଷାର ସାହୁ, ଶଶିଭୂଷଣ ବିଶ୍ୱାଳ, ନୃସିଂହ ଦଳେଇ, ସମାଜସେବୀ ହେମନ୍ତ ସାମନ୍ତରାୟ ଏବଂ ରବିନାରାୟଣ ବାରିକ ପ୍ରମୁଖ ସହଯୋଗ କରିଥିଲେ।

**● ଅବକାରୀ ବିଭାଗ ଓ ରେଳବାଇ ପୁଲିସର ମିଳିତ ଚଢ଼ଉ**

## ୨୨କେଜି ଗଞ୍ଜେଇ ଜବତ; ଜଣେ ଗିରଫ



ବାଲୁଗାଁ, ୭।୬ (ସମିସ): ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ ଏବଂ ରେଳବାଇ ପୁଲିସ ମିଳିତ ଭାବେ ରବିବାର ସକାଳେ ବାଲୁଗାଁ ରେଳଷ୍ଟେସନରେ ଚଢ଼ଉ କରି ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ତା' ନିକଟରୁ ବ୨୨ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୁଜୁରାଟ ରାଜ୍ୟର ଗାନ୍ଧୀନଗର ଜିଲ୍ଲା ପେଠାପୁର ଥାନା ଅନ୍ତର୍ଗତ ଅଞ୍ଚଳର ମହମ୍ମଦ ସଲମାନ (୩୨) ହୋଇଥିବା ବେଳେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଜଣାପଡିଛି।ସୂଚନା ମୁତାବକ, ବାଲୁଗାଁରୁ ଟ୍ରେନ ଯୋଗେ ବେଆଇନ ଭାବେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ରେଳବାଇ ପୁଲିସ ସହାୟତାରେ ମିଳିତ ଭାବେ ସଦଳ ବଳେ ରବିବାର ସକାଳେ ବାଲୁଗାଁ ରେଳଷ୍ଟେସନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ମହମ୍ମଦ ସଲମାନ ନାମକ ଜଣେ ଯୁବକ ଦୁଇଟି ଲଗେଜ ବ୍ୟାଗ ଧରି ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ବିଶାଖା ଏକ୍ସପ୍ରେସ ଟ୍ରେନ୍ ଯୋଗେ ଯିବା ପାଇଁ ଅପେକ୍ଷାରତ ଥିବା ବେଳେ ସନ୍ଦେହ କରି ତାକୁ ଅଟକ ରଖି ବ୍ୟାଗ ଦୁଇଟିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ ଦୁଇ ବ୍ୟାଗରୁ ୨୨ କେଜି ଗଞ୍ଜେଇ ସହ ଏକ ମୋବାଇଲ ଫୋନ ଜବତ କରିଥିଲେ। ତେବେ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀ ମହମ୍ମଦ ସଲମାନକୁ ଗିରଫ କରିଥିବା ବେଳେ ଏହି ଗଞ୍ଜେଇ ଗୁଜୁରାଟ ଚାଲାଣ ହେଉଥିବା ନେଇ ଅଭିଯୁକ୍ତ କହିଥିଲା। ଏସଂକ୍ରାନ୍ତରେ ଟାଙ୍ଗୀ ରେଞ୍ଜ ଅବକାରୀ ବିଭାଗ କେସ୍ ନଂ ୨୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଉକ୍ତ ଚଢ଼ଉରେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ର, ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନା, ଅବକାରୀ ବିଭାଗର ଅନିଲକୁମାର ପ୍ରଧାନ, ସତ୍ୟବ୍ରତ ମାଝୀ ଏବଂ ରେଳବାଇ ପୁଲିସ ଏସଆଇ ତପନ କୁମାର ନାୟକ, କୃଷ୍ଣଚନ୍ଦ୍ର ସାହୁ, କନଷ୍ଟେବଳ ପିଏଏଲ ରେଡ୍ଡୀ ଓ ଏନଏମ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

## ଗୋବିନ୍ଦପୁରରେ ଶୀତଳ ଷଷ୍ଠୀ ମହୋତ୍ସବ

ବେଗୁନିଆ, ୭।୬ (ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଶୀତଳ ଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ଚାରି ଦିନ ଧରି ମହୋତ୍ସବ ଚାଲୁ ରହିବ। ଏଥିରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଦଳ ଓ ଆଞ୍ଚଳିକ କଳାକାର ମାନେ ଉପସ୍ଥିତ ରହି ନୃତ୍ୟ ଏବଂ ଗୀତ ପରିବେଷଣ ସହ ଏକ ସାଧାରଣ ସଭାର ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

**● ଚମ୍ପାଇଲୋ ସିପିଏଲ୍ କ୍ରିକେଟ ସିଜିନ -**

## ମା'ବଘେଇ ବ୍ଲାଷ୍ଟର ବିଜୟୀ



ବୋଲଗଡ଼, ୭।୬ (ସମିସ): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମ ଖେଳପଡିଆରେ ଚାଲିଥିବା ଷଷ୍ଠ ସଂସ୍କରଣ "ଚମ୍ପାଇଲୋ ପ୍ରିମିୟର ଲିଗ୍ (ସିପିଏଲ) ସିଜିନ -୬ ଟୁର୍ଣ୍ଣାମେଣ୍ଟର ୪ର୍ଥ ମ୍ୟାଚରେ ଆରବ ରାଇଡର୍ସ ୟୁନାଟେଡ ଟିମ୍‌କୁ ହରାଇ ମା'ବଘେଇ ବ୍ଲାଷ୍ଟର ଟିମ ବିଜୟୀ ହୋଇଛି। ମା'ବଘେଇ ବ୍ଲାଷ୍ଟର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୩ଉଇକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ୨୧୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆରବ ରାଇଡର୍ସ ଦଳ ୧୨ ଓଭରରେ ୬ ଉଇକେଟ୍ ବିନିମୟରେ ୧୭୦ ରନ୍ କରିଥିଲା। ପୂର୍ବତନ ସମିତସଭ୍ୟ ପ୍ରମୋଦ ପ୍ରତାପସିଂହ, ସମାଜସେବୀ ଭରତ ଶ୍ରୀଚନ୍ଦନ ଓ ସ୍ୱାସ୍ଥ୍ୟକର୍ମୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବେ ମନୋଜ ସୁନ୍ଦରାୟ ଓ ସାଗର ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଖେଳାଳି ଜଗନ ଦାଶ ଙ୍କୁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ କରାଯାଇଛି।

**■ ବୋଲଗଡ଼ ଓଭରବ୍ରିଜ୍‌ରେ ଦୁର୍ଘଟଣା**

## ଗାଡ଼ି ଧକ୍କାରେ ଯୁବକ ମୃତ

ବୋଲଗଡ଼, ୭।୬ (ସମିସ): ବଲାଙ୍ଗିର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ବୋଲଗଡ଼ ଓଭରବ୍ରିଜ୍ ଉପରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ବୋଲଗଡ଼ ଥାନା ଦଳେଇସାହି ପଞ୍ଚାୟତ ରାମଚନ୍ଦ୍ରପୁରପାଟଣା ଗ୍ରାମର ତରେଶ୍ୱର ସାହୁଙ୍କ ପୁତ୍ର ଜୀବନ କୁମାର ସାହୁ ବୋଲି ଜଣାପଡ଼ିଛି। ମିଳିଥିବା ସୁଚନା ଅନୁଯାୟୀ ତାଙ୍କର କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟ ହୋଇଥିବାର କୁହାଯାଉଛି। ସେ ବୋଲଗଡ଼ ରୁ ନିଜ କାର୍ଯ୍ୟ ସାରି ଘରକୁ ସାଇକଲ ଯୋଗେ ଫେରୁଥିବା ସମୟରେ ଓଭରବ୍ରିଜ୍ ଉପରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିବାର କୁହାଯାଉଛି କ୍ଷଖବର ପାଇ ବୋଲଗଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାର ଅନୁସନ୍ଧାନ ଓ ତଦନ୍ତ ଚଳାଇଛି।

## ନିରାକାରପୁରରେ ଉତ୍କଳ ସମ୍ମିଳନୀ ଶାଖା ଉଦ୍‌ଘାଟିତ



ନିରାକାରପୁର, ୭।୬ (ସମିସ): ରାଜ୍ୟ କେନ୍ଦ୍ରୀୟ କମିଟିର ଅନୁମୋଦନ କ୍ରମେ ନିରାକାରପୁରରେ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ସଭାରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ରାଜ୍ୟ ସମ୍ପାଦକ ଆଡ୍‌ଭୋକେଟ ଦିଲ୍ଲୀପ ଦାସଶର୍ମା, ରାଜ୍ୟ ଉପସଭାପତି ଅଧ୍ୟକ୍ଷ ଡ. ସୁରେନ୍ଦ୍ର ମିଶ୍ର, ଖୋର୍ଦ୍ଧା ଜିଲ୍ଲା ସଭାପତି ଆଡ୍‌ଭୋକେଟ ଶକ୍ତି ଶଙ୍କର ମିଶ୍ର ଉପସ୍ଥିତ ରହି ଉତ୍କଳ ସମ୍ମିଳନୀ ଶାଖା ଉଦ୍ଘାଟନ କରିଥିଲେ। ଏଥିରେ ନାରାୟଣ ଶତପଥୀ, କାଶୀନାଥ ପାଣିଗ୍ରାହୀ, ହିମାଂଶୁ ଭୂଷଣ ଚମ୍ପତିରାୟ, ଶଙ୍କର୍ଷଣ ପ୍ରଧାନ, ସୁରେଖା ଦାଶ, ଗୋବିନ୍ଦ ବିଷୋୟୀ, ଚିତ୍ତରଞ୍ଜନ ମାର୍ଥା, ବୈନେତେୟ ନାରାୟଣ ଦାଶ ଏବଂ ପଦିଆ କାଣ୍ଡିଙ୍କୁ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା।

## ଗୁରୁଜଙ୍ଗ ହାଇସ୍କୁଲରେ ନୂତନ ପ୍ରଧାନ ଶିକ୍ଷକ

ଖୋର୍ଦ୍ଧା, ୭।୬ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ହାଇସ୍କୁଲ ଗୁରୁଜଙ୍ଗରେ ବିଭୂତି ଭୂଷଣ ଜେନା ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ ନୂତନ ପ୍ରଧାନ ଶିକ୍ଷକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦ୍ୟାଳୟରେ ସ୍ୱାଗତ କରିଥିଲେ। ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଶ୍ରୀ ଜେନା ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ଜେନା କହିଛନ୍ତି ନିଜର ସୁଦୀର୍ଘ ଅଭିଜ୍ଞତାକୁ ସୁବିନିଯୋଗ କରି ବିଦ୍ୟାଳୟ ବିକାଶକୁ ତ୍ୱରାନ୍ୱିତ କରିବାରେ ସତତ ଚେଷ୍ଟିତ ହେବେ। ଏଥିପାଇଁ ସହକର୍ମୀ, ମ୍ୟାନେଜିଂ କମିଟି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ କାମନା କରିଛନ୍ତି।

## ପୋଖରୀ ପୁନରୁଦ୍ଧାରରେ ମିଳୁଛି ସ୍ୱଳ୍ପ ପାରିଶ୍ରମିକ



ନିରାକାରପୁର, ୭।୬ (ସମିସ): ସରକାରଙ୍କ ବିକାଶମୂଳକ ଯୋଜନା ଓ ପର୍ଯ୍ୟାପ୍ତ ପାଣ୍ଠି ସତ୍ତ୍ୱେ ପ୍ରଶାସନିକ ଅବହେଳା ଏବଂ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ କିଭଳି ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ଼ ଗ୍ରାମ ପଞ୍ଚାୟତର ହାଡ଼ପଦା ଗ୍ରାମରେ। ଗ୍ରାମର ଏକମାତ୍ର ଭରସା 'ବେତରାଗୋଡ଼ି ପୋଖରୀ'ଟି ପ୍ରଶାସନର ଉଦାସୀନତା ଯୋଗୁଁ ପୋତିହୋଇ ପଡ଼ିଥିବା ବେଳେ ଏମ୍‌ଜିଏନଆରଜିଏସ ସ୍ୱଳ୍ପ ମଜୁରୀ ସହିତ ଗ୍ରାମର ମହିଳା ଓ ପୁରୁଷମାନେ ମିଳିତ ଭାବେ ନିଜ ଶ୍ରମଦାନରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ହାଡ଼ପଦା ଗ୍ରାମର ପ୍ରାୟ ୧୦୦ରୁ ଅଧିକ ଅନୁସୂଚିତ ଜାତି ବର୍ଗର ପରିବାର ଏହି ପୋଖରୀ ଉପରେ ଦୈନନ୍ଦିନ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ପୋଖରୀଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ଏହା ଏକ ପଡ଼ିଆ ଭଳି ଭ୍ରମ ସୃଷ୍ଟି କରୁଥିଲା। ପୋଖରୀର ଦୂଷିତ ଓ ଅଳ୍ପ ଜଳ ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଏଥି ସହିତ ଗୋରୁଗାଈ ଓ ସାଧାରଣ ଲୋକେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ସରକାରଙ୍କ ଉପରୁ ଭରସା ତୁଟିଯିବା ପରେ, ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ଏମଜିଏନଆରଜିଏସ ସ୍ୱଳ୍ପ ମଜୁରୀ ସହିତ ପ୍ରଖର ଖରାକୁ ଖାତିର ନକରି ନିଜ ପ୍ରଚେଷ୍ଟାରେ କୋଦାଳ, ଟୋକେଇ ଓ ଫାଉଡ଼ା ଧରି ପୋଖରୀରୁ ମାଟି କାଢ଼ିବା କାମ ଜାରି ରଖିଛନ୍ତି। ସରକାରଙ୍କ ମାଳମାଳ ଯୋଜନା ଥାଇ ମଧ୍ୟ ଦିନ ମଜୁରିଆ ଶ୍ରେଣୀର ଏହି ଗ୍ରାମବାସୀମାନେ ନିଜ ସ୍ୱାର୍ଥ ରକ୍ଷା ପାଇଁ ଦିନରାତି ଏକ କରି ଶ୍ରମଦାନ କରୁଥିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାସନ ଏକ ସ୍ଥାୟୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହାର କେବେ ଉନ୍ନତି କରଣ କରୁଛନ୍ତି ତାହାକୁ ଗ୍ରାମବାସୀ ଚାହିଁ ରହିଛନ୍ତି।

## ବାଣପୁର ମୁକ୍ତି ଦିବସ ସମାରୋହ ଉଦ୍‌ଯାପିତ



ବାଣପୁର, ୭।୬ (ସମିସ): ପରାଧୀନ ଭାରତ ବର୍ଷରେ ଇଂରେଜ ସରକାରଙ୍କ ବିରୋଧରେ ଭାରତର ବୀର ବିପ୍ଲବୀ ମାନେ ୧୮୩୬ ମସିହା ଜୁନ ମାସ ପହିଲାରୁ ବିଦ୍ରୋହର ଡାକରା ଦେଇ ଲଢ଼େଇ କରି ଜୁନ ୪, ୫ ଓ ୬ ତାରିଖ ତିନି ଦିନ ପାଇଁ ବାଣପୁରକୁ ଫିରିଙ୍ଗି ମୁକ୍ତ କରି ସ୍ୱାଧୀନ ବାଣପୁର ଘୋଷଣା କରିଥିବା ଘଟଣା ଭାରତ ଇତିହାସରେ ପ୍ରଥମ। ଉକ୍ତ ଦିବସକୁ ମନେପକାଇ ସେହି ମହାନାୟକ ଦେଶପ୍ରେମୀ ସହିଦ କୃତ୍ତିବାସଙ୍କ ସହିତ ସମସ୍ତ ସହିଦଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ଲାଗି ପ୍ରତି ବର୍ଷ ପରି ଚଳିତ ବର୍ଷ ମଧଅଞ୍ଚଳବାସୀ ବାଣପୁର ମୁକ୍ତି ଦିବସ ରୂପେ ପାଳନ କରିଛନ୍ତି। ଚଳିତ ବର୍ଷ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମୁକ୍ତି ଦିବସ ସ୍ମୃତି କମିଟିର ମିଳିତ ସହଯୋଗରେ ଜୁନ ୪ ତାରିଖରେ ଐତିହାସିକ ପଲଟଣ ପଡ଼ିଆରେ ମୁକ୍ତି ପତାକା ଉତ୍ତୋଳନରୁ ଆରମ୍ଭ ହୋଇଥିବା ବାଣପୁର ମୁକ୍ତି ଦିବସ ସମାରୋହ ଜୁନ ୬ତାରିଖ ଶନିବାର ଅପରାହ୍ନରେ ବାଣପୁର ଐତିହାସିକ ପଲଟଣ ପଡ଼ିଆ ସ୍ଥିତ ସହିଦ କୃତିବାସ ଭବନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହର ଆବାହକ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ସଭାପତିତ୍ୱରେ ଓ ମୁକ୍ତି ଦିବସ ସ୍ମାରକୀ କମିଟିର ସଂପାଦକ ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ଉଦଯାପନୀ ସମାରୋହରେ ଅତିଥି ଭାବେ ବିଶ୍ୱମୁକ୍ତି ପତ୍ରିକାର ସଂପାଦକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ନିଖିଳ ଉତ୍କଳ ପାଇକ ସଂଘର ସଭାପତି ଅଶୋକ ପାଲଟାସିଂ, ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଂପାଦକ କେଦାରନାଥ ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି କୃଷ୍ଣଚନ୍ଦ୍ର ନାହାକ, ଶିକ୍ଷାବିତ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଓ ସର୍ବେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ଆଲୋଚନାଚକ୍ର, ଦେଶାବୋଧକ କବିତା ପାଠୋତ୍ସବ, ପାଇକ କବିତା ଆବୃତ୍ତି, ଓଡ଼ିଶା ଇତିହାସରେ ଉଲ୍ଲିଖିତ ପାଇକ ବିଦ୍ରୋହ ସମ୍ପର୍କିତ କବିତା, ପ୍ରବନ୍ଧ ଓ ନାଟକ ଆଦି ସମ୍ପର୍କରେ ପର୍ଯ୍ୟାଲୋଚନା ଆଦି କାର୍ଯ୍ୟକ୍ରମରେ କବି ପୁରୁଷୋତ୍ତମ ମହାପାତ୍ର, ଶିଶିର ଦାସ, ରଙ୍କନାଥ ସେଠୀ, ଭିକାରୀଚରଣ ପ୍ରଧାନ, ମହେଶ୍ୱର ଜେନା, ସଂଧ୍ୟା ଦେବୀ, ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ, ସ୍ମୃତି ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତିବିଶେଷ ସାମିଲ ହୋଇଥିବା ବେଳେ ଶେଷରେ ମୁକ୍ତି ପତାକା ଅବତରଣ କରାଯାଇ ମୁକ୍ତି ଦିବସ ସମାରୋହ ଉଦଯାପିତ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୯୫ ● ପାଉଣ୍ଡ ୧୨୮.୫୩
- ୟୁରୋ ୧୧୧.୧୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୦୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୨୪୩.୦୦
- ନିଫ୍ଟି ୨୩,୩୬୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

### ଏଲ୍-ନିନୋର ଭୟଙ୍କର ପ୍ରଭାବ

# ଏସିଆ ମହାଦେଶରେ ଧାନ ଚାଷ ପ୍ରଭାବିତ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଏସିଆରେ ସମ୍ଭାବ୍ୟ ଏଲ୍-ନିନୋର ପ୍ରଭାବ ବିଷୟରେ ବଢୁଥିବା ଚିନ୍ତା ମଧ୍ୟରେ ଚଳିତ ସପ୍ତାହରେ ଭିଏତନାମ୍‌ରେ ଚାଉଳ ରପ୍ତାନି ମୂଲ୍ୟ ବୃଦ୍ଧି ପାଇଛି। ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଦେଶରେ ଏଲ୍-ନିନୋ ସୃଷ୍ଟି ହେବାର ସମ୍ଭାବନା ୮୦% ରହିଛି। ଏହି ସମୟରେ, ବାଂଲାଦେଶରେ ପ୍ରବଳ ଗରମ ଏବଂ ଫସଲ କ୍ଷତି ଯୋଗୁଁ ମୂଲ୍ୟ ଉଚ୍ଚ ରହିଛି। ବିପରୀତରେ, ପର୍ଯ୍ୟାପ୍ତ ଷ୍ଟକ୍ ଏବଂ ଭଲ ଯୋଗାଣ ଯୋଗୁଁ ଭାରତରେ ଚାଉଳ ମୂଲ୍ୟ ବର୍ତ୍ତମାନ ସ୍ଥିର ରହିଥିବାବେଳେ ଭାରତ ଉପରେ କିନ୍ତୁ ଏହାର ପ୍ରଭାବକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଛି।

ରଏଟର୍ସ ଅନୁଯାୟୀ, ଭିଏତନାମରୁ ୫% ଭଙ୍ଗା ଚାଉଳର ରପ୍ତାନି ମୂଲ୍ୟ ଗତ ସପ୍ତାହରେ ପ୍ରତି ଟନ୍ ୪୦୫-୪୧୦ ଡଲାର ତୁଳନାରେ ଏହି ସପ୍ତାହରେ ୪୧୫-୪୨୦ ଡଲାର ପ୍ରତି ଟନ୍ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଭିଏତନାମ ମେ' ମାସରେ ପ୍ରାୟ ୯୨.୫ ନିୟୁତ ଟନ୍ ଚାଉଳ ରପ୍ତାନି କରିଥିଲା, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୯% ବୃଦ୍ଧି। ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ମୋଟ ରପ୍ତାନି ୪.୩ ନିୟୁତ ଟନ୍‌ରେ ପହଞ୍ଚିଛି, ଯାହା ବର୍ଷ ବର୍ଷ ଧରି ୨.୪% ବୃଦ୍ଧି ପାଇଛି। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଅନୁଯାୟୀ, ଜୁନ୍ ଏବଂ ଅଗଷ୍ଟ ମଧ୍ୟରେ ଏଲ୍ ନିନୋ ସୃଷ୍ଟି ହେବାର ୮୦% ସମ୍ଭାବନା ରହିଛି, ଯେତେବେଳେ କି ନଭେମ୍ବର ପର୍ଯ୍ୟନ୍ତ ଏହା ଲାଗି ରହିବାର ସମ୍ଭାବନା ୯୦% ଆକଳନ କରାଯାଇଛି। ଜଣେ ଭିଏତନାମ ବ୍ୟବସାୟୀ ବ୍ୟାଖ୍ୟା କରିଛନ୍ତି ଯେ ଏସିଆରେ ଏଲ୍ ନିନୋ ଦ୍ୱାରା ଉତ୍ପାଦନ ପ୍ରଭାବିତ ହେବାର ଭୟ ଯୋଗୁଁ ବଜାର ଗତିବିଧି ବଢ଼ିଯାଇଛି। ଭିଏତନାମ ପୂର୍ବରୁ ପ୍ରତିକୂଳ ପାଗର ଶିକାର ହୋଇଛି, ତେଣୁ ବ୍ୟବସାୟୀମାନେ ସମ୍ଭାବ୍ୟ ଯୋଗାଣ ସଙ୍କଟକୁ ନେଇ ସତର୍କ ଅଛନ୍ତି।

ବାଂଲାଦେଶରେ ହାଲ୍‌କାରୁ ମଧ୍ୟମ ଗରମ ଲହରୀ ଧାନ ଅମଳକୁ ପ୍ରଭାବିତ କରୁଛି। ଚାଷୀମାନେ କହିଛନ୍ତି ଯେ ବୃଦ୍ଧି ପାଉଥିବା ତାପମାତ୍ରା ଫସଲ ଅମଳ ସହ ଗଛଗୁଡ଼ିକରେ ଦ୍ରୁତ ଆର୍ଦ୍ରତା ହ୍ରାସ କରୁଛି। ଏହା ବ୍ୟତୀତ, ପ୍ରବଳ ପ୍ରାକ-ମୌସୁମୀ ବର୍ଷା ୨୦୦,୦୦୦ ଟନ୍‌ରୁ ଅଧିକ ଚାଉଳକୁ କ୍ଷତି ପହଞ୍ଚାଇଛି, ଯାହା ଯୋଗାଣ ଉପରେ ଅତିରିକ୍ତ ଚାପ ପକାଇଛି।

ଗତ ସପ୍ତାହରେ ଭାରତରୁ ୫% ଭଙ୍ଗା ପାର୍ବୋଇଲ୍ଡ ଚାଉଳର ମୂଲ୍ୟ ପ୍ରତି ଟନ୍ ୩୩୭-୩୪୫ ଡଲାରରେ ସ୍ଥିର ରହିଥିଲା। ଏହି ସମୟରେ, ୫% ଭଙ୍ଗା ଧଳା ଚାଉଳର ମୂଲ୍ୟ ପ୍ରତି ଟନ୍ ୩୩୮.୩୪୪ ଡଲାର ରହିଛି। ନୂଆଦିଲ୍ଲୀର ଜଣେ ରପ୍ତାନିକାରୀଙ୍କ ଅନୁଯାୟୀ, ଅନ୍ୟ ପ୍ରମୁଖ ରପ୍ତାନିକାରୀ ଦେଶମାନଙ୍କ ପାଖରେ ସୀମିତ ଅତିରିକ୍ତ ଷ୍ଟକ୍ ଅଛି ଏବଂ ଏଲ୍ ନିନୋ ଯୋଗୁଁ ପରବର୍ତ୍ତୀ ଋତୁରେ ଉତ୍ପାଦନ ହ୍ରାସ ଆଶଙ୍କା କରି ସେମାନେ ମୂଲ୍ୟ ବୃଦ୍ଧି କରୁଛନ୍ତି।

ଅନ୍ୟପକ୍ଷରେ, ଥାଇଲାଣ୍ଡରେ ୫% ଭଙ୍ଗା ଚାଉଳର ମୂଲ୍ୟ ପ୍ରତି ଟନ୍ ୪୫୦ ଡଲାର ରହିଛି। ବ୍ୟାଙ୍କକ୍ ବ୍ୟବସାୟୀଙ୍କ ଅନୁଯାୟୀ, ପଶୁ ଖାଦ୍ୟରେ ବ୍ୟବହୃତ ଭଙ୍ଗା ଚାଉଳର ମୂଲ୍ୟ ଦ୍ୱାରା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଯୋଗୁଁ ଚାଉଳର ମୂଲ୍ୟ ସ୍ଥିର ରହିଛି। ତଥାପି, ବଜାର ବର୍ତ୍ତମାନ ନୂତନ ଫସଲ ଉପରେ ନଜର ରଖିଛି, ଯାହା ଆଗାମୀ ତିନି ମାସ ମଧ୍ୟରେ ଆଶା କରାଯାଉଛି।



**ଆଶଙ୍କାରେ ଭାରତର ଖରିଫ୍ ଫସଲ**

**ଜୁନ୍-ଅଗଷ୍ଟ ଏଲ୍-ନିନୋ ସମ୍ଭାବନା ୮୦%**

## ବଢୁଛି ଭାରତୀୟ ଆମ୍ବର ଚାହିଦା

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଭାରତର ଝାଡ଼ଖଣ୍ଡରୁ ୧.୫ ଟନ୍ ପ୍ରସିଦ୍ଧ ଆମ୍ରପାଲି ଆମ୍ବ ପଠାଯାଇଛି। ପୂର୍ବରୁ, ଜାପାନ ଦ୍ୱାରା ଭାରତୀୟ ଆମ୍ବ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଦେଶରେ ହଇଚଇ ସୃଷ୍ଟି ହୋଇଥିଲା, ଅନେକ ଲୋକ ଆମ୍ବଗୁଡ଼ିକର ଗୁଣବତ୍ତା ଏବଂ ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲେ। ତଥାପି, ଝାଡ଼ଖଣ୍ଡ ଚାଷୀଙ୍କ ପାଇଁ ଏବେ କିଛି ଆଶ୍ୱସ୍ତି ଆସିଛି କାରଣ ୟୁକେରେ ସେମାନଙ୍କର ପ୍ରସିଦ୍ଧ ଆମ୍ରପାଲି ଆମ୍ବ ଚାହିଦା ରହିଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏହି ସୂଚନା ସେୟାର କରିଛନ୍ତି। ୟୁକେ ପଠାଯାଇଥିବା ଆମ୍ବଗୁଡ଼ିକ ବେଉରା ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଦ୍ୱାରା ବିକ୍ରି କରାଯାଇଥିଲା। ଏହି କମ୍ପାନୀ ମହିଳା ଚାଷୀଙ୍କ ଦ୍ୱାରା ପରିଚାଳିତ। ଏହାର ଅଧିକାଂଶ ଦାୟିତ୍ୱ ମହିଳାମାନେ ତୁଲାଇଥାନ୍ତି। ଏହି ଆମ୍ବଗୁଡ଼ିକୁ ପ୍ରଥମେ ଝାଡ଼ଖଣ୍ଡରୁ କୋଲକାତା ପଠାଯାଇଥିଲା, ଯେଉଁଠାରୁ ଏଗ୍ରୋ ଫ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ରପ୍ତାନି କରାଯାଇଥିଲା।

ମେ' ମାସରେ ଏପିଇଡିଏ ଚାଷୀ ଉତ୍ପାଦକ ସଂଗଠନ, ଅଂଶୀଦାର ଚାଷୀ ଉତ୍ପାଦକ କମ୍ପାନୀ ଏବଂ ଚାଷୀମାନଙ୍କୁ ରପ୍ତାନି ନିୟମ, ଆନ୍ତର୍ଜାତୀୟ ବଜାର ଚାହିଦା ଏବଂ ଗୁଣାତ୍ମକ ବିଚାର ଉପରେ ଶିକ୍ଷା ଦେବା ପାଇଁ ସିମଡେଗାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହାପରେ, ମହିଳା ଚାଷୀ ଉତ୍ପାଦକମାନଙ୍କ ଦ୍ୱାରା ପରିଚାଳିତ ବେଉରା ଏଫ୍‌ପିସି, ରପ୍ତାନି କମ୍ପାନୀ ସହିତ ଯୋଗାଯୋଗ କରି ୟୁକେକୁ ଆମ୍ବଗୁଡ଼ିକର ପ୍ରଥମ ମାଲ ପଠାଯାଇଥିଲା। ଯଦି ଚାଷୀଙ୍କ ଉତ୍ପାଦ ରପ୍ତାନି କରାଯାଏ, ତେବେ ସେମାନେ ଘରୋଇ ବଜାର ଅପେକ୍ଷା ଅନ୍ତର୍ଜାତୀୟ ବଜାରରେ ଭଲ ମୂଲ୍ୟ ପାଇପାରିବେ। ଯଦି ଚାଷୀମାନଙ୍କୁ ରପ୍ତାନି ପାଇଁ ନିୟମାବଳୀ ଏବଂ ଗୁଣାତ୍ମକ ଆବଶ୍ୟକତା ବିଷୟରେ ଅବଗତ କରାଯାଏ, ତେବେ ସେମାନେ ସେମାନଙ୍କର ଉତ୍ପାଦକୁ ଭଲ ଭାବରେ ପରିଚାଳନା କରିପାରିବେ। ଝାଡ଼ଖଣ୍ଡରେ ଆମ୍ରପାଲି ଆମ୍ବ ଚାଷରେ ବୃଦ୍ଧି ପରିଲକ୍ଷିତ ହେଉଛି, କାରଣ ଏହି ପ୍ରଜାତିର କ୍ଷେତ୍ରର ଜଳବାୟୁ ଏବଂ ମାଟି ପାଇଁ ଉପଯୁକ୍ତ। ସରକାର ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି, ଯେଉଁଥିରେ ବିର୍ସା ସବୁଜ ଗ୍ରାମ ଯୋଜନା ଅନ୍ତର୍ଭୁକ୍ତ। ସରକାର ଚାଷୀମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରନ୍ତି। ଚଳିତ ବର୍ଷ ଝାଡ଼ଖଣ୍ଡରେ ଆମ୍ବ ଉତ୍ପାଦନ ଗତ ବର୍ଷ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ ହେବ ବୋଲି ଆଶା କରାଯାଉଛି।

## ସାଓମି ଇଣ୍ଡିଆ ପକ୍ଷରୁ ନୂତନ ସାଓମି ୧୭-ଟି


ନୂଆଦିଲ୍ଲୀ,୭।୬(ଏଜେନ୍ସି): ସାଓମି ଇଣ୍ଡିଆ ପକ୍ଷରୁ ସାଓମି ୧୭ଟିର ଶୁଭାରମ୍ଭ କରାଯାଇଛି, ଯାହା ଏକ ପରିଶୋଧିତ ଫ୍ଲାଗସିପ ଡିଜାଇନରେ ଆଧୁନିକ ଇମେଜିଂ, ନିମଜ୍ଜିତ ମନୋରଞ୍ଜନ,ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫକୁ ଏକତ୍ରିତ କରିଛି। ସାଓମି ୧୭ଟିର କେନ୍ଦ୍ରରେ ଏକ ଲେଇକା-ପରିଚାଳିତ ଟ୍ରିପଲ କ୍ୟାମେରା ସିଷ୍ଟମ ରହିଛି ଯେଉଁଥିରେ ଏକ ୫୦ଏମପି ମେନ କ୍ୟାମେରା, ଏକ ଲେଇକା ୫ଏକ୍ସ ପେରିସ୍କୋପ ଟେଲିଫଟୋ କ୍ୟାମେରା ରହିଛି। ସାଓମି ୧୭ଟି ଲେଇକା ଲାଇଭ ମୁମେଣ୍ଟ ମଧ୍ୟ ଆରମ୍ଭ କରିଛି, ଏକ ନୂତନ ଇମେଜିଂ ଅନୁଭୂତି ଯାହା କେବଳ ନିର୍ଣ୍ଣାୟକ ମୂହୁର୍ତ୍ତକୁ କ୍ୟାପଚର କରିବା ପରିବର୍ତ୍ତେ ଦୈନନ୍ଦିନ ସ୍ମୃତିଗୁଡିକୁ ସମୃଦ୍ଧ ଭିଜୁଆଲ କାହାଣୀରେ ପରିବର୍ତ୍ତନ କରିଥାଏ। ଏହି ଡିଭାଇସରେ ୩୫୦୦ ନିଟ୍‌ସ ପର୍ଯ୍ୟନ୍ତ ପିକ୍ ବ୍ରାଇଟନେସ୍ ସହ ୬.୫୯ ଇଞ୍ଚ୍ ୧.୫କେ ଆମୋଲେଡ ଡିସପ୍ଲେ ଓ ୧୨୦ଏଚଜେଡ ରିଫ୍ରେଶ ରେଟ ରହିଛି, ଯାହା ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ମଧ୍ୟ ସ୍ୱଷ୍ଟ ରଙ୍ଗ ଓ ଚମତ୍କାର ଭିଜିବିଲିଟି ଦେଇଥାଏ। ଲଞ୍ଚ୍ ଅବଧି ପାଇଁ ସାଓମି ୧୭ଟି ୧୨ଜିବି+୨୫୬ଜିବି ଓ ୧୨ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ ହେବ ଯାହାର ମୂଲ୍ୟ ଯଥାକ୍ରମେ ୫୯,୯୯୯ ଟଙ୍କା ଓ ୬୪,୯୯୯ ଟଙ୍କା ରହିଛି। ଗ୍ରାହକମାନେ ଉଭୟ ଫୁଲ ସ୍ୱାଇପ ଓ କ୍ରେଡିଟ କାର୍ଡ ଟ୍ରାଞ୍ଜାକ୍ସନ ଉପରେ ୫୦୦୦ ଟଙ୍କାର ତତ୍କାଳ ବ୍ୟାଙ୍କ ରିଆତି ପାଇପାରିବେ, ଯାହା ଏହାର ପ୍ରଭାବୀ ମୂଲ୍ୟକୁ ୫୪,୯୯୯ ଟଙ୍କାକୁ ହ୍ରାସ କରୁଛି।

# ତେଲ ଉତ୍ପାଦନ ବଢ଼ାଇଲେ ୨୨ ଦେଶ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଭିଏନାରେ ଅନୁଷ୍ଠିତ ଓପେକ୍ ପ୍ଲସ୍ (ଓପେକ୍ ପ୍ଲସ୍) ମନ୍ତ୍ରୀସ୍ତରୀୟ ବୈଠକରେ ଜୁଲାଇ ମାସ ପାଇଁ ତେଲ କୋଟାକୁ ଦୈନିକ ମୋଟ ୧,୮୮,୦୦୦ ବ୍ୟାରେଲ୍ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏହି ପଦକ୍ଷେପ ଦ୍ୱାରା ତେଲ ଦର ଉପରେ କୌଣସି ବିଶେଷ ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଆଗରୁ ହିଁ ଦାମ ବଢ଼ି ରହିଛି।

ଓପେକ୍ ପ୍ଲସର ଏହି ପଦକ୍ଷେପ ସତ୍ତ୍ୱେ କ୍ରୁଡ୍ ଅଏଲ୍ ଅଶୋଧିତ ତେଲ ଦର କମିବ ନାହିଁ, ଯାହାଫଳରେ ଭାରତକୁ ମହଙ୍ଗା ଇନ୍ଧନରୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ । ଏହାଦ୍ୱାରା ଦେଶର ତେଲ ଆମଦାନୀ ବିଲ୍ ଏବଂ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଉଚ୍ଚ ସ୍ତରରେ ରହିବ । ଡଲାରର କ୍ରମାଗତ ଚାହିଦା ବୃଦ୍ଧି ଯୋଗୁଁ ଭାରତୀୟ ଟଙ୍କା ଉପରେ ଚାପ ଜାରି ରହିବ। ରାଏଷ୍ଟର୍ଡ ଏନର୍ଜୀ'ର ଆନାଲିଷ୍ଟ ଜର୍ଜ ଲିଓନଙ୍କ କହିବା ଅନୁସାରେ, ଯେ ପର୍ଯ୍ୟନ୍ତ 'ହର୍ମୁଜ ପ୍ରଣାଳୀ' ବନ୍ଦ ରହିଛି, ସେପର୍ଯ୍ୟନ୍ତ ଏହି ବୃଦ୍ଧିର କୌଣସି ବିଶେଷ ଗୁରୁତ୍ୱ ନାହିଁ। ବଜାରରେ ଘୋଷଣାର ଅଭାବ ନାହିଁ, ଅଭାବ ଅଛି ପ୍ରକୃତ ବ୍ୟାରେଲର ଯାହାକୁ ରପ୍ତାନୀ କରାଯାଇପାରିବ। ତେଣୁ ଦୈନିକ ୧,୮୮,୦୦୦ ବ୍ୟାରେଲର ବୃଦ୍ଧି ବାସ୍ତବ ଯୋଗାଣ ଅପେକ୍ଷା କେବଳ ଏକ ନୀତିଗତ ସଂକେତ ସଦୃଶ।

ରବିବାର ଭିଡିଓ କନଫରେନ୍ସିଂ ଜରିଆରେ ଓପେକ୍ ପ୍ଲସ୍‌ର ପ୍ରମୁଖ ଦେଶ ଯଥା- ସାଉଦି ଆରବ, ରୁଷ, ଇରାକ, କୁଏତ, କଜାକିସ୍ତାନ, ଆଲଜେରିଆ ଏବଂ ଓମାନର ତେଲ ମନ୍ତ୍ରୀମାନଙ୍କ ବୈଠକରେ ଏହି ଉତ୍ପାଦନ ବୃଦ୍ଧି ଉପରେ ସହମତି ପ୍ରକାଶ ପାଇଛି । ଓପେକ୍ ପ୍ଲସରେ ମୋଟ ୨୨ଟି ଦେଶ ସାମିଲ ଅଛନ୍ତି। ଓପେକ୍ ପ୍ଲସ୍ ବ୍ୟାନରରେ କୁହାଯାଇଛି ଯେ, ବର୍ତ୍ତମାନର ବୃଦ୍ଧିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତେଲ ବଜାରରେ ସ୍ଥିରତା ବଜାୟ ରଖିବା । କିନ୍ତୁ ୭ଟି ଦେଶ ଏହି ଦର ବୃଦ୍ଧି ସମୟରେ ନିଜର କ୍ଷତିପୂରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ସୁଯୋଗ ମଧ୍ୟ ଦେଖୁଛନ୍ତି । ମନ୍ତ୍ରୀମାନେ ସତର୍କତା ଅବଲମ୍ବନ କରିବା ସହ ସ୍ୱଚ୍ଛୋକୃତ ଉତ୍ପାଦନ ହ୍ରାସକୁ ଧୀରେ ଧୀରେ ଶେଷ କରିବା ପ୍ରକ୍ରିୟାକୁ ବଢ଼ାଇବା କିମ୍ବା ବନ୍ଦ କରିବା ପାଇଁ ସମ୍ପୂର୍ଣ୍ଣ ଫ୍ଲେକ୍ସିବିଲିଟି ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ, ଅଧିକ ଉତ୍ପାଦନ ମଧ୍ୟ ଚିନ୍ତା ବଢାଇପାରେ। ଯଦି ମଧ୍ୟପ୍ରାଚ୍ୟ ଯୁଦ୍ଧର ସ୍ଥିତି ବଦଳେ ଏବଂ ହର୍ମୁଜ ପ୍ରଣାଳୀ ଉପରେ ଇରାନ କୋହଳ ହୁଏ, ତେବେ ବଜାରରେ ହଠାତ ତେଲର ଅଭାବ ଦୂର ହେବ। ଏହା ବଦଳରେ ବଳକା ତେଲ ବା ଓଭର-ସପ୍ଲାଇର ସମସ୍ୟା ଦେଖାଦେଇପାରେ।





**ଭାରତକୁ ମିଳିବନି କିଛି ବି ଲାଭ**

# ରୋସ୍‌ନେଫ୍ଟ ଦେଲା ସଙ୍କେତ; ଭାରତକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୭।୬(ଏଜେନ୍ସି) : ପଶ୍ଚିମ ଏସିଆ ସଙ୍କଟ ଓ ବୈଶ୍ୱିକ ତୈଳ ବଜାରରେ ଜାରି ଅନିଶ୍ଚିତତା ମଧ୍ୟରେ ଭାରତ ଲାଗି ଏକ ସକରାତ୍ମକ ଖବର ଆସୁଛି। ରଷିଆ ସରକାରୀ ତୈଳ କମ୍ପାନୀ ରୋସନେଫ୍ଟ ଏକ ବୟାନରେ ଭାରତକୁ ଅଶୋଧିତ ତୈଳ ଯୋଗାଣ ଜାରି ରହିବ ବୋଲି ପୁଷ୍ଟି କରିଛି। ବର୍ତ୍ତମାନ ସମୟରେ ଯେତେବେଳେ ଯୋଗାଣ ଓ ସିପିଂ ମାର୍ଗକୁ ନେଇ ଚିନ୍ତା ଲାଗି ରହିଛି ସେଥିରେ ରଷିଆର ଏହି ଆଶ୍ୱାସନ ଭାରତର ଉର୍ଜା ସୁରକ୍ଷା ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏଥିରୁ ଦେଶକୁ ତୈଳର ଉପଲବ୍ଧତା ଓ ଦର ନିୟନ୍ତ୍ରଣରେ ସହାୟତା ମିଳିବ ବୋଲି କୁହାଯାଉଛି। ରୋସନେଫ୍ଟ ମୁଖ୍ୟ ଇଗୋର ସେଚିନ କହିଛନ୍ତି ଯେ ଭାରତ ଓ ଚୀନକୁ ରଷିଆ ତୈଳ ଯୋଗାଣ ସ୍ଥିର ରହିବ। ସେ କହିଛନ୍ତି ଯେ ବୈଶ୍ୱିକ ଉର୍ଜା ବଜାରର ରଷିଆ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ଏହାକୁ ଯୋଗାଣ ଶୃଙ୍ଖଳାରୁ ପୃଥକ କରାଯାଇ ପାରିବନି। ତାଙ୍କ ଅନୁସାରେ ଭାରତ ଓ ଚୀନ ସହିତ ରଷିଆର ଉର୍ଜା ଭାଗିଦାରୀ ଦୁଇ ଦେଶଙ୍କ ନିମନ୍ତେ ଲାଭକାରୀ ପ୍ରମାଣିତ ହୋଇଛି। ସେଚିନ ଏହା ବି ଦାବି କରିଛନ୍ତି ଯେ ଏପ୍ରିଲ ୨୦୨୨ରୁ ଏ ପର୍ଯ୍ୟନ୍ତ ଭାରତ ଓ ଚୀନ୍ ରିହାତି ଦରରେ ରଷିୟ ତୈଳ ମିଳିବାରୁ ୪୦ ବିଲିୟନ ଡଲାରରୁ ଅଧିକ ଆର୍ଥିକ ଲାଭ ପାଇଛନ୍ତି। ଏଣୁ ଦୁଇ ଦେଶଙ୍କ ମହଙ୍ଗା ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭରତା ହ୍ରାସ ହୋଇଛି। ୟୁକ୍ରେନ ଯୁଦ୍ଧ ପରଠାରୁ ରଷିଆ ଅନେକ ଦେଶଙ୍କୁ ରିହାତୀ ଦରରେ ତୈଳ ବିକ୍ରି କରିଆସୁଛି। ଏହାର ସବୁଠୁ ଅଧିକ ଲାଭ ଭାରତକୁ ମିଳିଛି।

ରଷିଆରୁ ଭାରତ ତୈଳ ଆମଦାନୀ ବଢାଇଛି, ଏଣୁ ଆମଦାନୀ ବାବଦ ବ୍ୟୟ ହ୍ରାସ ହୋଇଥିବା ବେଳେ ଘରୋଇ ବଜାରରେ ଇନ୍ଧନ ମୂଲ୍ୟ ଉପରେ ଚାପ ହ୍ରାସ ହୋଇଛି। ଏବେ ଭାରତକୁ ତୈଳ ଯୋଗାଇ ଦେବାରେ ରଷିଆ ପ୍ରମୁଖ ଦେଶ ପାଲଟିଛି ଓ ଭାରତ ତାର ମୋଟ ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ରଷିଆରୁ ଆମଦାନୀ କରୁଛି। ଏଣୁ ସ୍ଥିର ଓ ଶସ୍ତା ଯୋଗାଣ ଦେଶର ଅର୍ଥ ବ୍ୟବସ୍ଥା ନିମନ୍ତେ ଏକ ଜରୁରି ଆବଶ୍ୟକତା ପାଲଟିଛି।




**ରୁଷିଆରୁ ଜାରି ରହିବ ତେଲ ଯୋଗାଣ**

### ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଠକେଇ ମାମଲା

# ୬୬୧ କୋଟି ଠକେଇ; ଚଣ୍ଡିଗଡ଼ରୁ ଦିଲ୍ଲୀ ପର୍ଯ୍ୟନ୍ତ ସିବିଆଇ ଚଢ଼ଉ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଠକେଇ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ହରିୟାଣା ସରକାରୀ ବିଭାଗ ଏବଂ ଚଣ୍ଡିଗଡ଼ ପ୍ରଶାସନରୁ ସରକାରୀ ପାଣ୍ଠିର ଆତ୍ମସାତ ସହିତ ଜଡିତ ୬୬୧ କୋଟି ଟଙ୍କାର ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଚଢ଼ଉ କରିଛି। ସିବିଆଇ ପକ୍ଷରୁ ଚଣ୍ଡିଗଡ଼, ପଞ୍ଚକୁଲା ଏବଂ ଦିଲ୍ଲୀ-ଏନ୍‌ସିଆର୍‌ରେ ୬ଟି ସ୍ଥାନରେ ତଲାସୀ ଚଳାଇଛି। ଏହି ୬୬୧ କୋଟି ଟଙ୍କାର ଠକେଇ ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଠକେଇ ମାମଲା ସହିତ ଜଡିତ। ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ରଖାଯାଇଥିବା ପାଣ୍ଠିର ଅପବ୍ୟବହାର ସମ୍ପର୍କରେ ଚାଲିଥିବା ତଦନ୍ତର ଅଂଶ ଭାବରେ ବରିଷ୍ଠ ହରିୟାଣା କ୍ୟାଡର ସରକାରୀ ଅଧିକାରୀ ଏବଂ ନୋଏଡା-ଭିପମ୍ କନସଲ୍ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ସହ ଜଡିତ ସ୍ଥାନଗୁଡ଼ିକରେ ତଲାସୀ କରାଯାଇଥିଲା।

ମିଡିଆ ରିପୋର୍ଟ ଅନୁଯାୟୀ, ଏହି ଠକେଇ ହରିୟାଣା ସରକାରଙ୍କ ୮ଟି ବିଭାଗ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ର ଦୁଇଟି ବିଭାଗ (ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେସନ ଏବଂ ଚଣ୍ଡିଗଡ଼ ନବୀକରଣୀୟ ଶକ୍ତି ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତି ପ୍ରୋତ୍ସାହନ ସମାଜ)କୁ ପ୍ରଭାବିତ କରିଥିଲା। ଚଢାଉରୁ ପ୍ରମାଣ ମିଳିଛି ଯେ ସରକାରୀ ଅଧିକାରୀମାନେ ବ୍ୟାଙ୍କ ଅଧିକାରୀଙ୍କ ସହିତ ମିଶି ଆକାଉଣ୍ଟ ଖୋଲିବା, ପାଣ୍ଠି ସ୍ଥାନାନ୍ତର କରିବା ଏବଂ ପରବର୍ତ୍ତୀ ସମୟରେ ଅନ୍ୟତ୍ର ଯିବାକୁ ସହଜ କରିଥିଲେ। ସିବିଆଇ ଅଭିଯୋଗ କରିଛି ଯେ ସରକାରୀ ଅଧିକାରୀମାନେ କାରବାରକୁ ସହଜ କରିବା ଏବଂ ଅନିୟମିତତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବଦଳରେ ଅନୁଚିତ ଲାଭ ପାଇଥିଲେ।

ସିବିଆଇ ଏହା ମଧ୍ୟ ଅଭିଯୋଗ କରିଛି ଯେ ଭିପମ୍ କନସଲ୍ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ଏହାର ବ୍ୟାଙ୍କ ଆକାଉଣ୍ଟରେ ଅପରାଧରୁ ଅର୍ଥ ପାଇଥିଲା, ଯାହାକୁ ପରେ ଏହାର ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଚଢାଉ ସମୟରେ ସିବିଆଇ ଅପରାଧୀ ଡକ୍ୟୁମେଣ୍ଟ, ଡିଜିଟାଲ୍ ଡିଭାଇସ୍, ସମ୍ପତ୍ତି ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ଜବତ କରିଛି। ତଦନ୍ତ ହରିୟାଣା ରାଜ୍ୟ ସତର୍କତା ଏବଂ ଦୁର୍ନୀତି ନିବାରଣ ବ୍ୟୁରୋ ଦ୍ୱାରା ନିଆଯାଇଥିବା ଏକ ମାମଲା ଏବଂ ଚଣ୍ଡିଗଡ଼ର ଅର୍ଥନୈତିକ ଅପରାଧ ଶାଖା ପୋଲିସ ଷ୍ଟେସନ ଦ୍ୱାରା ମୂଳତଃ ପଞ୍ଜିକୃତ ଦୁଇଟି ମାମଲା ସହିତ ଜଡିତ। ଏଜେନ୍ସି କହିଛି ଯେ ଏହି ମାମଲାଗୁଡ଼ିକ କଥିତ ଅପରାଧିକ ଷଡ଼ଯନ୍ତ୍ର, ସାଧାରଣ ପାଣ୍ଠିର ଅପବ୍ୟବହାର ଏବଂ ବ୍ୟାଙ୍କ ଅଧିକାରୀ ଏବଂ ସରକାରୀ ଅଧିକାରୀଙ୍କ ସହ ମିଶି କରାଯାଇଥିବା ସମ୍ପର୍କିତ ଅପରାଧ ସହିତ ଜଡିତ।




### ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା

# କୁଏତ୍ ଦିନାର ଏକ ନମ୍ବର

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଭାରତୀୟ ମୁଦ୍ରା ଟଙ୍କା ସମ୍ପ୍ରତି ଡଲାର ତୁଳନାରେ ଏକ ନୂତନ ସର୍ବନିମ୍ନ ରେକର୍ଡ ସ୍ତରକୁ ଖସିଯାଇଛି। ବର୍ତ୍ତମାନ ଏକ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୫.୭୯ ସ୍ତରରେ କାରବାର କରୁଛି। ହେଲେ ଏହା ସତ୍ତ୍ୱେ, ଡଲାର ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା ନୁହେଁ। ଆପଣ ଆଶ୍ଚର୍ଯ୍ୟ ଲାଗିବ ଯେ ଡଲାର ବିଶ୍ୱର ଶ୍ରେଷ୍ଠ ୫ଟି ମୁଦ୍ରା ତାଲିକାରେ ମଧ୍ୟ ନାହିଁ। କୁଏତ୍ ଦିନାର ବିଶ୍ୱର ଏକ ନମ୍ବର ରହିଥିବାବେଳେ ଇରାନୀ ରିଆଲ୍‌କୁ ସବୁଠୁ ଦୁର୍ବଳ ମୁଦ୍ରା ବିବେଚନା କରାଯାଉଛି।

ଏହି ତାଲିକାରେ କୁଏତ୍ ଦିନାର ବିଶ୍ୱର ଏକ ନମ୍ବର ମୁଦ୍ର ପାଲଟିଛି। ବର୍ତ୍ତମାନ, ୧ କୁଏତ୍ ଦିନାର ୩.୨୩ ଡଲାର ସହିତ ସମାନ। ଭାରତୀୟ ମୁଦ୍ରା ତୁଳନାରେ ୧ କୁଏତ୍ ଦିନାର ମୂଲ୍ୟ ବର୍ତ୍ତମାନ ୩୦୮.୪୭ ଟଙ୍କା ରହିଛି। ତେଣୁ କୁଏତ୍ ଦିନାର ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା। କୁଏତ୍, ବାହାରିନ ଏବଂ ଓମାନର ଅର୍ଥନୀତି ମୁଖ୍ୟତଃ ତୈଳ ଏବଂ ପ୍ରାକୃତିକ ଗ୍ୟାସ ରପ୍ତାନି ଉପରେ ନିର୍ଭରଶୀଳ। ଅନ୍ତର୍ଜାତୀୟ ବଜାରରେ ତେଲ ଆମେରିକୀୟ ଡଲାରରେ କାରବାର ହୁଏ, ଯାହା ଏହି ଦେଶଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ମୁଦ୍ରା ପ୍ରଦାନ କରେ। କୁଏତ୍ ଦିନାରକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା ଭାବରେ ବିବେଚନା କରାଯାଏ, କାରଣ କୁଏତ୍ ରେ ବିପୁଳ ତୈଳ ଭଣ୍ଡାର ରହିଛି। ଏହାର ବହୁତ କମ୍ ଜନସଂଖ୍ୟା ଏବଂ ଏକ ବଡ଼ ସାର୍ବଭୌମ ସମ୍ପତ୍ତି ପାଣ୍ଠି ରହିଛି। ବାହାରିନ ଏବଂ ଓମାନ ମଧ୍ୟ ଦୀର୍ଘ ସମୟ ଧରି ଏକ ସ୍ଥିର ବିନିମୟ ହାରରେ ଆମେରିକୀୟ ଡଲାର ସହିତ ସେମାନଙ୍କର ମୁଦ୍ରା ମୂଲ୍ୟକୁ ସ୍ଥିର କରିଆସିଛନ୍ତି। ଏହା ମୁଦ୍ରା ସ୍ଥିରତା ପ୍ରଦାନ କରେ ଏବଂ ନିବେଶକଙ୍କ ବିଶ୍ୱାସ ବଜାୟ ରଖେ। ଯେତେବେଳେ ଡଲାର ମଜବୁତ ହୁଏ, ସେମାନଙ୍କର ମୁଦ୍ରା ସ୍ୱୟଂଚାଳିତ ଭାବରେ ଅଧିକ ଶକ୍ତିଶାଳୀ ଦେଖାଯାଏ।

ଏହି ଚାରୋଟି ଦେଶର ଜନସଂଖ୍ୟା ଭାରତ କିମ୍ବା ଚୀନ ପରି ଦେଶ ତୁଳନାରେ ବହୁତ କମ୍। କ୍ଷୁଦ୍ର ଜନସଂଖ୍ୟା ଅର୍ଥ ହେଉଛି ସରକାରଙ୍କ ପାଖରେ ମୁଣ୍ଡପିଛା ଅଧିକ ସମ୍ବଳ ବଣ୍ଟନ କରିବା ପାଇଁ ଅଛି, ଯାହା ମୁଦ୍ରା ଯୋଗାଣକୁ ନିୟନ୍ତ୍ରଣ କରିବା ସହଜ କରିଥାଏ। କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରଣରେ କଠୋର ଶୃଙ୍ଖଳା ବଜାୟ ରଖେ। ଓମାନ ଏବଂ ଜୋର୍ଡାନ ସମାନ ଭାବରେ ସେମାନଙ୍କର ମୁଦ୍ରା ମୂଲ୍ୟକୁ ଉଚ୍ଚ ଏବଂ ସୀମିତ ଯୋଗାଣ ରଖିଛନ୍ତି। ଜର୍ଡାନ୍‌ରେ କୁଏତ୍ କିମ୍ବା ଓମାନ ପରି ଅଧିକ ତେଲ ନାହିଁ, ତଥାପି ଜୋର୍ଡାନ ଦିନାର ବହୁତ ଶକ୍ତିଶାଳୀ ରହିଛି। ଏହା ୧୯୯୫ ମସିହାରୁ ଜୋର୍ଡାନର କଠୋର ମୁଦ୍ରା ନୀତି ଏବଂ ଡଲାର ପ୍ରତି ସ୍ଥିର ସ୍ତର ଯୋଗୁଁ ହୋଇଛି। ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିଛନ୍ତି ଏବଂ ବିଦେଶୀ ସହାୟତା ଏବଂ ନିବେଶ ମାଧ୍ୟମରେ ଦୃଢ଼ ଭଣ୍ଡାର ବଜାୟ ରଖିଛନ୍ତି। ବାହାରିନ ଉପସାଗରରେ ଏକ ପ୍ରମୁଖ ବ୍ୟାଙ୍କିଙ୍ଗ ହବ୍, ତେଣୁ ଆର୍ଥିକ ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଓମାନ ମଧ୍ୟ ଏହାର ତୈଳ ରାଜସ୍ୱକୁ ସଂରକ୍ଷଣ କରିଥିଲା ଏବଂ ଧୀରେ ଧୀରେ ଏହାର ଅର୍ଥନୀତିକୁ ବିବିଧ କରିବାକୁ ଚେଷ୍ଟା କରିଥିଲା।




**ଶୀର୍ଷ ୫ରେ ଆମେରିକା ଡଲାର ନାହିଁ**

**ଇରାନୀ ରିଆଲ ସବୁଠୁ ଦୁର୍ବଳ ମୁଦ୍ରା**

**ବିଶ୍ୱର ଶକ୍ତିଶାଳୀ ୧୦ ମୁଦ୍ରା**

| ମୁଦ୍ରା | ଡଲାର | ଟଙ୍କା |
|---|---|---|
| କୁଏତ୍ ଦିନାର | ୩.୨୩ | ୩୦୮.୪୭ |
| ବାହାରିନ୍ ଦିନାର | ୨.୬୫ | ୨୫୩.୦୧ |
| ଓମାନ୍ ରିୟାଲ୍ | ୨.୬ | ୨୪୮.୧୬ |
| ଜୋର୍ଡାନ୍ ରିୟାଲ୍ | ୧.୪୧ | ୧୩୪.୫୮ |
| ପାଉଣ୍ଡ ଷ୍ଟର୍ଲିଂ | ୧.୩୪ | ୧୨୭.୧୪ |
| କେମେନ୍ ଡଲାର | ୧.୨୦ | ୧୧୪.୪୭ |
| ସ୍ୱିସ୍ ଫ୍ରାଙ୍କ୍ | ୧.୧୧ | ୧୨୦.୦୧ |
| ୟୁରୋ | ୧.୦୪ | ୧୧୦.୧୫ |
| ଆମେରିକା ଡଲାର | ୧ | ୯୪.୯୫ |
| ବାହାମାସ୍ ଡଲାର | ୧ | ୯୪.୯୫ |



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ଭାଇଙ୍କ ସହଯୋଗ ମିଳିପାରେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଇଚ୍ଛା ମୁତାବକ କାମ କରିବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ବ୍ୟବସାୟରେ ସଫଳତା ମିଳିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**ସିଂହ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ମାନସିକ ଶାନ୍ତି ମିଳିବ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାର ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଖୁସି ଖବର ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଅଟକିଥିବା କାମ ପୂରା ହେବ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ନୂଆ ଆୟର ଉତ୍ସ ସୃଷ୍ଟି ହେବ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**କୁମ୍ଭ:** ନିବେଶରୁ ଲାଭ ମିଳିପାରେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୬୫୮ - ଔରଙ୍ଗଜେବ ଆଗ୍ରା କିଲ୍ଲା ଉପରେ କବ୍‌ଜା କଲେ।
- ୧୯୩୬- ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍‌ର ନାମ ବଦଳାଯାଇ 'ଅଲ୍ ଇଣ୍ଡିଆ ରେଡିଓ' ରଖାଗଲା।
- ୧୯୪୮ - ଏୟାର୍ ଇଣ୍ଡିଆ ଭାରତ ଓ ବ୍ରିଟେନ୍ ମଧ୍ୟରେ ବିମାନ ସେବା ଆରମ୍ଭ କଲା।
- ୧୯୮୨- ବ୍ରାଜିଲ୍‌ର ବିମାନ ବି-୭୨୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୫ ଲୋକଙ୍କ ପ୍ରାଣହାନି।
- ୧୯୯୨- ବ୍ରାଜିଲ୍‌ରେ ପ୍ରଥମ ଥର ବିଶ୍ୱ ମହାସାଗର ଦିବସ ପାଳନ କରାଗଲା।



## ବିଶ୍ୱ ମହାସାଗର ଦିବସ

ପ୍ରତିବର୍ଷ ଜୁନ୍ ୮ ତାରିଖରେ ସାରା ବିଶ୍ୱରେ ବିଶ୍ୱ ମହାସାଗର ଦିବସ ପାଳନ କରାଯାଏ। ଆମର ଦୈନନ୍ଦିନ ଜୀବନରେ ମହାସାଗରର ଭୂମିକା ଏବଂ ଏହାର ସଂରକ୍ଷଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ଅଟେ। ଆମ ପୃଥିବୀର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଅମ୍ଳଜାନ ମହାସାଗରରୁ ହିଁ ମିଳିଥାଏ। ଏହାବାଦ୍ ବିଶ୍ୱର କୋଟି କୋଟି ଲୋକ ନିଜର ପ୍ରୋଟିନ୍ ଆବଶ୍ୟକତା ଓ ଜୀବିକା ପାଇଁ ମହାସାଗର ଉପରେ ନିର୍ଭର କରନ୍ତି। ମହାସାଗରଗୁଡ଼ିକ ବାୟୁମଣ୍ଡଳର ଅତ୍ୟଧିକ ଉତ୍ତାପ ଏବଂ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରି ଜଳବାୟୁକୁ ସନ୍ତୁଳିତ ରଖନ୍ତି। ବର୍ତ୍ତମାନ ସମୟରେ ଅତ୍ୟଧିକ ପ୍ଲାଷ୍ଟିକ୍ ପ୍ରଦୂଷଣ, ବେଆଇନ ମାଛ ଧରା ଏବଂ ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ସାମୁଦ୍ରିକ ଜୀବନ ଓ ମହାସାଗରର ପରିବେଶ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି। ତେଣୁ ଏହି ଦିବସରେ ମହାସାଗରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନିଆଯାଏ। ୧୯୯୨ରୁ ପ୍ରତିବର୍ଷ ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇ ଆସୁଛି। ୨୦୦୮ ରୁ ଏହାକୁ ଜାତିସଂଘ ତରଫରୁ ପୃଷ୍ଠପୋଷକତା ମିଳିଥିଲା। ୨୦୦୯ ରେ ଆମ ସମୁଦ୍ର ଆମ ଦାୟିତ୍ୱ ନାମକ ଏକ ସ୍ଲୋଗାନ ସହ ଜାତିସଂଘ ତରଫରୁ ପ୍ରଥମ ଥର ବିଶ୍ୱସ୍ତରୀୟ ମହାସାଗର ଦିବସ ପାଳନ କରାଯାଇଥିଲା। ମହାସାଗର ହିଁ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟର ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜନସଂଖ୍ୟା ବିସ୍ଫୋରଣ ଏବଂ ମଣିଷ ଅଧିକରୁ ଅଧିକ ମହାସାଗର ଉପରେ ନିର୍ଭରଶୀଳ ହୋଇପଡ଼ିଥିବାରୁ ସାମୁଦ୍ରିକ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରଦୂଷଣ ଯୋଗୁଁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସାମୁଦ୍ରିକ ଜୀବଙ୍କ ପ୍ରାଣହାନି ଘଟିବା ସହ ଜୈବିକ ପରିବେଶ ଉପରେ ଘୋର ପ୍ରଭାବ ମଧ୍ୟ ପଡ଼ୁଛି। ସାମୁଦ୍ରିକ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ। କଳ କାରଖାନା, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟ, ଜାହାଜମାନଙ୍କରୁ ବାହାରୁଥିବା ଧୂଆଁ ଧୂଳି ତଥା ଅନ୍ୟାନ୍ୟ ବର୍ଜ୍ୟ, ଗଭୀର ସମୁଦ୍ରରେ ଖଣି ଖନନ, ପରିବେଶ ପ୍ରଦୂଷଣ, କେମିକାଲ ତଥା କୀଟନାଶକ ଇତ୍ୟାଦିର ପ୍ରବାହ ସମଗ୍ର ସାମୁଦ୍ରିକ ଜୈବବିବିଧତା ଉପରେ କୁପ୍ରଭାବ ପକାଏ। ସାମୁଦ୍ରିକ ଆବର୍ଜନାର ପ୍ରାୟ ୮ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୦ କୋଟି ଟନ୍ ହେଉଛି ପ୍ଲାଷ୍ଟିକ୍ ଆବର୍ଜନା, ଯାହା ଛୋଟ ମାଛ ଠୁ ନେଇ ବିଶାଳ ତିମି ପର୍ଯ୍ୟନ୍ତ ସମସ୍ତ ସାମୁଦ୍ରିକ ଜୀବଗୁଡ଼ିକ ପାଇଁ ରୋଗ ଓ ମୃତ୍ୟୁର କାରଣ ସାଜିଛି। ୨୦୨୬ ମସିହା ପାଇଁ ବିଶ୍ୱ ମହାସାଗର ଦିବସ ପାଳନର ବିଷୟବସ୍ତୁ ରହିଛି "ଆମର ନୀଳ ଗ୍ରହ ପାଇଁ ସଶକ୍ତ ସାମୁଦ୍ରିକ ସଂରକ୍ଷିତ ଅଞ୍ଚଳ"। ପୃଥିବୀର ସ୍ଥଳ ଓ ଜଳଭାଗକୁ ୨୦୩୦ ମସିହା ସୁଦ୍ଧା ସୁରକ୍ଷିତ କରିବା ପାଇଁ ଆଇନଗତ ଭାବେ ଦୃଢ଼ ସାମୁଦ୍ରିକ ସୁରକ୍ଷିତ ଅଞ୍ଚଳ ଗଠନ କରିବା ଉଦ୍ଦେଶ୍ୟରେ ଏହି ବିଷୟବସ୍ତୁ ରଖାଯାଇଛି।

### ବରର ବଦାନ୍ୟତା

## ଗାଁ ଲୋକଙ୍କୁ ୩୩.୬ କୋଟିର ବୀମା ଉପହାର

ମହାରାଷ୍ଟ୍ରର ବହାଦୁରପୁରା ଗାଁରେ ନିକଟରେ ଏକ ବିବାହ ଉତ୍ସବ ସମୟରେ ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏଠାରେ ଜଣେ ବର ନିଜ ରିସେପସନ୍‌ରେ ସାମିଲ ହୋଇଥିବା ଅତିଥିମାନଙ୍କୁ ରିଟର୍ଣ୍ଣ ଗିଫ୍ଟରେ ଦୁର୍ଘଟଣା ବୀମା ପ୍ରଦାନ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର ସିଦ୍ଧେଶ୍ୱର ପେଠକର ଓ ତାଙ୍କ ପରିବାର ଲୋକେ ବିବାହ ଭୋଜିରେ ଯୋଗ ଦେଇଥିବା ଗ୍ରାମର ପ୍ରାୟ ୩୫୦୦ ଲୋକଙ୍କୁ ୧-୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସାର୍ଟିଫିକେଟ ଦେଇଥିଲେ। ଏଭଳି ଭାବେ ସମଗ୍ର ଗ୍ରାମବାସୀଙ୍କୁ ସମୁଦାୟ ପ୍ରାୟ ୩୪ କୋଟି ଟଙ୍କାର ବୀମା କଭର ମିଳିଛି। ବର ସିଦ୍ଧେଶ୍ୱରଙ୍କ କହିବାନୁଯାୟୀ, "ଗ୍ରାମର ଅଧିକାଂଶ ଲୋକ ଗରିବ ଚାଷୀ ଓ ଦିନମଜୁରିଆ ହୋଇଥିବାରୁ ବିଲରେ କାମ କରିବା ସମୟରେ ସର୍ପାଘାତ, ବଜ୍ରପାତ କିମ୍ବା ବନ୍ୟଜନ୍ତୁଙ୍କ ଆକ୍ରମଣ ଯୋଗୁ ସେମାନଙ୍କ ପରିବାର ଉଜୁଡ଼ିଯାଏ। ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କ ପରିବାର ଗଭୀର ଆର୍ଥିକ ସଙ୍କଟର ସାମ୍ନା କରିଥାନ୍ତି। ତେଣୁ ସେ ନିଜ ବିବାହକୁ ସମାଜସେବା ସହ ଯୋଡ଼ିବା ପାଇଁ ଏହି ନିଆରା ନିଷ୍ପତ୍ତି ନେଇଛନ୍ତି।" ପେଠକର ପରିବାର ବୀମା କମ୍ପାନିକୁ ଗାଁର ଭୋଟର ତାଲିକା ହସ୍ତାନ୍ତର କରିବା ପରେ ସ୍ଥାନୀୟ ଗ୍ରାମପଞ୍ଚାୟତ ନାମରେ ଏକ 'ଗ୍ରୁପ୍ ଆକ୍ସିଡେଣ୍ଟ ପଲିସି' କିଣାଯାଇଥିଲା। ଏହାଦ୍ୱାରା ଗାଁର ପ୍ରତ୍ୟେକ ବାସିନ୍ଦା ଏହି ବୀମା ରାଶିର ଲାଭ ଉଠାଇ ପାରିବେ। ତେବେ ଏହି ପଲିସି ବର୍ଷେ ପାଇଁ ବୈଧ ରହିବ ଏବଂ ଏହାର ରିନ୍ୟୁଆଲ୍ ବିଷୟରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯିବ ବୋଲି ପେଠକର ପରିବାର ପକ୍ଷରୁ କୁହାଯାଇଛି। ବିବାହ ଭଳି ଏକ ଖୁସିର ଦିନରେ ରିଟର୍ଣ୍ଣ ଗିଫ୍ଟରେ ଏଭଳି ଏକ ସୁରକ୍ଷା ବୀମା ମିଳିବା କଥାକୁ ସମସ୍ତେ ପ୍ରଶଂସା କରୁଛନ୍ତି।




## ଦୀପିକାଙ୍କ ପାଇଁ ଅଟକିଛି 'ରାକା'



ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍, ଏବେ ଏଟ୍‌ଲିଙ୍କ ଫିଲ୍ମ 'ରାକା'କୁ ନେଇ ଚର୍ଚ୍ଚାରେ। ବିଗତ କିଛି ମାସ ଧରି ସେ ଏହାର ସୁଟିଂରେ ବ୍ୟସ୍ତ ଥିଲେ। ହେଲେ ଏବେ ଫିଲ୍ମର ସୁଟିଂ ଅଧାରେ ଅଟକିଥିବା ଜଣାପଡ଼ିଛି। ତେବେ ସୁଟିଂ ଅଟକିବାର ମୂଳ କାରଣ ନାୟିକା ଦୀପିକା ପାଦୁକୋନ୍ ବୋଲି କୁହାଯାଉଛି। କାରଣ ଦୀପିକା ତାଙ୍କ ଭାଗର ସୁଟିଂ କରିନାହାନ୍ତି। ଏଥିପାଇଁ ଫିଲ୍ମ ନିର୍ମାତା ଏହାର ସୁଟିଂକୁ ରୋକି ଦେଇଛନ୍ତି। ଜୁନ୍‌ରେ ଫିଲ୍ମର ଏକ ବଡ଼ ସିନ୍ ସୁଟ୍ ହେବାର ଥିଲା। ଏଥିରେ ଅଧିକ ଆକ୍ସନ୍ ସିନ୍ ରହିଥିଲା। ସୁଟିଂ ସମୟରେ ଅଲ୍ଲୁ ଅର୍ଜୁନ୍, ଦୀପିକା, ଜିମ୍ ସାର୍ଭ, ଫେମିନା ଜର୍ଜ ଆଦି ଉପସ୍ଥିତ ରହିବାର ଥିଲା। ହେଲେ ଦୀପିକା ଡେଟ୍ ଦେଇ ନ ପାରିବାରୁ ସୁଟିଂ ହୋଇ ପାରି ନଥିଲା। 'ରାକା'ର ପୋଷ୍ଟର୍ ରିଲିଜ୍ ହେବାର ଇତିମଧ୍ୟରେ ଦୁଇ ମାସ ହୋଇ ଗଲାଣି। ଏଟ୍‌ଲି ଜୁନ୍‌ରେ କିଛି ଫିଲ୍ମ ସମ୍ପର୍କରେ ଅପ୍‌ଡେଟ୍ ଦର୍ଶକଙ୍କୁ ଦେଇଥାନ୍ତେ। ସେ ଜୁନ୍‌ରେ ଦୀପିକାଙ୍କ ଲୁକ୍ ରିଭିଲ୍ କରିଥାନ୍ତେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଏଟ୍‌ଲି ଦୀପିକାଙ୍କ ଯୋଗୁଁ ଅନ୍ୟ କଳାକାରମାନଙ୍କୁ ପୁଣି ଥରେ ସୁଟିଂ ପାଇଁ ସମୟ ବାହାର କରିବାକୁ କହିଛନ୍ତି। ଦୀପିକା ଏବେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ ସେ 'ରାକା'ର ସୁଟିଂରେ ଯୋଗ ଦେବେ ବୋଲି କୁହାଯାଉଛି।

## ସ୍ମୃତି

## ମୁଖ୍ୟ ଦ୍ୱାରରେ ନାମ ଫଳକ ଲଗାଉଥିଲେ...

**ବାସ୍ତୁ ଶାସ୍ତ୍ରରେ ଘରେ ଲଗାଯାଉଥିବା ନାମଫଳକ ଶକ୍ତି ଏବଂ ପରିବେଶ ସହ ଜଡ଼ିତ। କୁହାଯାଏ, ମୁଖ୍ୟ ଦ୍ୱାରରେ ଲାଗିଥିବା ନାମ ଫଳକ ଘରକୁ ଆସୁଥିବା ସକାରାତ୍ମକ ଏବଂ ନକାରାତ୍ମକ ଶକ୍ତିକୁ ପ୍ରଭାବିତ କରିପାରେ। ତେଣୁ ଘରର ନେମ୍ ପ୍ଲେଟ୍ ଠିକ୍ ଭାବେ ନ ଲଗାଇଲେ, ଘରର ବାତାବରଣ ପ୍ରଭାବିତ ହୋଇପାରେ।**



**ଭଙ୍ଗା ନାମ ଫଳକ ଲଗାନ୍ତୁନି:** ବାସ୍ତୁ ଅନସାରେ, ଭାଙ୍ଗି ଯାଇଥିବା ତଥା ଅପରିଷ୍କାର ନାମ ଫଳକକୁ ଶୁଭ ବୋଲି କୁହାଯାଏ ନାହିଁ। କୁହାଯାଏ, ଏହାଦ୍ୱାରା ଘରର ସକାରାତ୍ମକ ଶକ୍ତି ବାଧାପ୍ରାପ୍ତ ହୁଏ। ତା'ସହ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ତେଣୁ ନାମ ଫଳକ ସର୍ବଦା ସଫା ଓ ଭଲ ସ୍ଥିତିରେ ରହିବା ଦରକାର।

**ଠିକ୍ ଦିଗକୁ ଗୁରୁତ୍ୱ:** ଏହାକୁ ମୁଖ୍ୟ ଦ୍ୱାରର ଏଭଳି ସ୍ଥାନରେ ଲଗାଇବା ଦରକାର, ଯେମିତି ଏହା ସ୍ପଷ୍ଟ ଭାବେ ଦୃଷ୍ଟିଗୋଚର ହେଉଥିବ। ଏହାକୁ ପୂରା ତଳକୁ କିମ୍ବା ଲୁଚି ରହିବା ଭଳି ସ୍ଥାନରେ ଲଗାନ୍ତୁ ନାହିଁ। ନାମ ଫଳକକୁ କବାଟର ଡାହାଣ ପାର୍ଶ୍ୱରେ ଲଗାଇବା ଶୁଭ।

**ସମ୍ପୂର୍ଣ୍ଣ ନାଁ ଲେଖନ୍ତୁ:** ଅନେକ ଲୋକ ନେମ୍ ପ୍ଲେଟ୍‌ରେ ସମ୍ପୂର୍ଣ୍ଣ ନାମ ଲେଖନ୍ତି ନାହିଁ। ନଚେତ ଭୁଲ୍ ଲେଖିଥାନ୍ତି। ବାସ୍ତୁ ଅନୁସାରେ ଏହା ଠିକ୍ ନୁହେଁ। ନାଁ ସର୍ବଦା ଠିକ୍ ଓ ସ୍ପଷ୍ଟ ଭାବେ ଲେଖିବାକୁ ଚେଷ୍ଟା କରନ୍ତୁ।

**ପରିଷ୍କାର ନାମଫଳକ ରଖନ୍ତୁ:** ଘରର ନେମ୍ ପ୍ଲେଟ ସବୁବେଳେ ପରିଷ୍କାର, ସ୍ୱଚ୍ଛ ଏବଂ ଭଲ ସ୍ଥିତିରେ ରହିବା ଦରକାର। ମଝିରେ ମଝିରେ ଏହାକୁ ସଫା କରିବା ଉଚିତ। ବହୁତ ପୁରୁଣା ଓ ପଢ଼ି ହେଉ ନ ଥିବା ନାମଫଳକକୁ ବଦଳାଇବା ଉଚିତ।

## କେଉଁ ଦିନ ଅନ୍ନ ଖାଇବା ମନା

**ସନାତନ ଧର୍ମରେ ବ୍ରତ, ଉପବାସ, ନୀତିନିୟମର ଗଭୀର ମହତ୍ତ୍ୱ ରହିଛି। ସାଧାରଣତଃ ବ୍ରତରେ ଅନ୍ନ ଖାଇବାକୁ ବାରଣ କରାଯାଏ। ତେବେ କିଛି ବ୍ରତ, ବାର ଏଭଳି ଅଛି, ଯେଉଁଥିରେ ଅନ୍ନ ବଦଳରେ ଫଳାହାରକୁ ପ୍ରାଥମିକତା ଦିଆଯାଏ।**





**ସୂର୍ଯ୍ୟପରାଗ, ଚନ୍ଦ୍ର ଗ୍ରହଣ:** ସନାତନ ପରମ୍ପରାରେ ସୂର୍ଯ୍ୟପରାଗ ତଥା ଚନ୍ଦ୍ରଗ୍ରହଣରେ ଅନ୍ନ ସେବନ କରିବା ଭଲ ନୁହେଁ। ଏହି ସମୟରେ ଖାଦ୍ୟ, ପାନୀୟ ଦୂଷିତ ହୋଇଯାଏ। ଏହି ସମୟରେ କିଛି ବି ଖାଇବା ବିଷ ସଦୃଶ ହୋଇଥାଏ। ତା'ସହ ଖାଇବା କିମ୍ବା ରୋଷେଇ କରିବାକୁ ବାରଣ କରାଯାଏ। କାରଣ ଗ୍ରହଣ ସମୟରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ିଯାଏ ବୋଲି କୁହାଯାଏ।

**କନ୍ୟାଦାନ:** ହିନ୍ଦୁ ବିବାହରେ କନ୍ୟାଦାନକୁ ବଡ଼ ପୁଣ୍ୟ ବୋଲି ବିଚାର କରାଯାଏ। ଯେଉଁଦିନ ଘରେ ଏହି ମହାଦାନ ହେବ, ସେଦିନ କନ୍ୟାର ବାପାମାଆ କନ୍ୟାଦାନ ପୂରା ନ କରିବା ପର୍ଯ୍ୟନ୍ତ ଅନ୍ନ ସେବନ କରିବା ମନା। ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ଅନ୍ନ ଗ୍ରହଣ କରିବା ଧାର୍ମିକ ଦୃଷ୍ଟିରୁ ଦୋଷପୂର୍ଣ୍ଣ।

**ହରି ଜନ୍ମ ଉତ୍ସବ:** ରାମନବମୀ, ଜନ୍ମାଷ୍ଟମୀ, ହନୁମାନ ଜୟନ୍ତୀ, ନରସିଂହ ଜୟନ୍ତୀ, ସୀତା ନବମୀ ଭଳି ପବିତ୍ର ଅବସରରେ ଦ୍ୱିପହର ତଥା ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପବାସ ରଖିବା ଉଚିତ। ଏହିଦିନ ଅନ୍ନ ନ ଖାଇ ଫଳ ଖାଇବା ଭଲ।

**ଦ୍ୱିଜ ଭୋଜନ:** ଧର୍ମ ଶାସ୍ତ୍ର ଅନୁସାରେ, କୌଣସି ସନ୍ଥ, ବ୍ରାହ୍ମଣ ବା କୌଣସି ବ୍ୟକ୍ତିଙ୍କୁ ଘରକୁ ଭୋଜନ ଲାଗି ଆମନ୍ତ୍ରିତ କରିଥିଲେ ସେମାନଙ୍କୁ ଖାଦ୍ୟ ନ ଦେଇ ପ୍ରଥମେ ଅନ୍ନ ଗ୍ରହଣ କରନ୍ତୁ ନାହିଁ। ଏହାଦ୍ୱାରା ନର୍କଗାମୀ ହେବା କୁହାଯାଏ। ଆମନ୍ତ୍ରଣ କରିଥିବା ବ୍ୟକ୍ତି ବ୍ରାହ୍ମଣଙ୍କୁ ଭୋଜନ କରାଇବା ପରେ ହିଁ ଅନ୍ନ ଗ୍ରହଣ କରିବା ଉଚିତ। ଏହା ପୂର୍ବରୁ ଫଳ ଆଦି ସେବନ କରିପାରିବେ।

**ଶୋକ:** ହିନ୍ଦୁ ମାନ୍ୟତାନୁସାରେ, ଘରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ, ମୃତ ଶରୀରର ଘରେ ପଡ଼ି ରହିଥିଲେ ସେହି ସମୟରେ ଅନ୍ନ ଗ୍ରହଣ କରିବା ଅନୁଚିତ। ଏଭଳି ସମୟରେ କରାଯାଉଥିବା ଭୋଜନ ଦୋଷପୂର୍ଣ୍ଣ ହୋଇଥାଏ।

**ଏକାଦଶୀ:** ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକାଦଶୀ ବ୍ରତରେ ଅନ୍ନ ଗ୍ରହଣ କରିବା ଅନୁଚିତ। ଏହିଦିନ ଅନ୍ନ ଗ୍ରହଣ କରୁଥିବା ବ୍ୟକ୍ତି ନରକଗାମୀ ହୁଅନ୍ତି। ଏହାକୁ ପାପ ବୋଲି କୁହାଯାଏ।

## ଗଜଲକ୍ଷ୍ମୀ ରାଜଯୋଗ





**ଆଜି (ଜୁନ୍ ୮) କର୍କଟ ରାଶିରେ ଗଜଲକ୍ଷ୍ମୀ ରାଜଯୋଗ ନିର୍ମାଣ ହେବ। କର୍କଟ ରାଶିରେ ଗୁରୁ ଏବଂ ଶୁକ୍ର ଗ୍ରହର ମିଳନ ଯୋଗୁଁ ଏହି ଯୋଗ ସୃଷ୍ଟି ହୋଇଥାଏ। ତେବେ ଏହି ଯୋଗ ୫ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ।**

**ବୃଷ:** ଏହି ଯୋଗ ନିର୍ମାଣ ଯୋଗୁଁ ବୃଷ ରାଶି ବ୍ୟକ୍ତିଙ୍କୁ ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। କ୍ୟାରିୟରରେ ସଫଳତା ପ୍ରାପ୍ତି ହେବ। ସମାଜରେ ମାନ-ସମ୍ମାନ ବଢ଼ିବ। ନୂଆ ବ୍ୟବସାୟର ଯୋଜନା କରିବା। ଆୟର ନୂଆ ମାର୍ଗ ଉନ୍ମୋଚନ ହେବ।

**କର୍କଟ:** କର୍କଟ ରାଶି ବ୍ୟକ୍ତିବିଶେଷଙ୍କୁ ଏହା ଯୋଗୁଁ ବିଶେଷ ଲାଭ ମିଳିବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଗୁରୁତ୍ୱପୂର୍ଣ୍ଣ କାମରେ ସଫଳତା ମିଳିବ। ସମାଜରେ ସମ୍ମାନ ବୃଦ୍ଧି ପାଇବ। କର୍ମଜୀବୀ ଏବଂ ବ୍ୟବସାୟୀଙ୍କୁ ଖୁସି ଖବର ମିଳିବ।

**ଧନୁ:** ଆର୍ଥିକ ଦୃଷ୍ଟିରୁ ଗଜଲକ୍ଷ୍ମୀ ଯୋଗ ଧନୁ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ। ଅଚାନକ ଧନଲାଭ ହେବ। ଅଫିସ୍‌ରେ ପ୍ରଶଂସା ସାଉଁଟିବେ। କୌଣସି ବଡ଼ ଇଚ୍ଛା ପୂରଣ ହୋଇପାରେ। ବ୍ୟବସାୟୀଙ୍କୁ ଲାଭର ଅବସର ମିଳିବ।

**କନ୍ୟା:** ଆୟ ବୃଦ୍ଧି ପାଇବ। ଏହା ଯୋଗୁଁ ଆର୍ଥିକ ସ୍ଥିତି ମଜଭୁତ ହେବ। ନିବେଶ ଲାଗି ଉତ୍ତମ ସମୟ। କାର୍ଯ୍ୟାଳୟରେ ପଦୋନ୍ନତି ମିଳିବ। ବ୍ୟବସାୟୀଙ୍କୁ ବ୍ୟବସାୟରେ ଲାଭ ମିଳିବ।

**ମୀନ:** ଏହି ଯୋଗ ମୀନ ରାଶିଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ। ଶିକ୍ଷାରେ ସଫଳତା ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଭଲ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଧନଲାଭ ହେବ।

## କେଉଁ ଅଙ୍ଗୁଳି ପାଇଁ କେଉଁ ରତ୍ନ

**ଜ୍ୟୋତିଷ ଶାସ୍ତ୍ରରେ ରତ୍ନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ରତ୍ନ କୌଣସି ନା କୌଣସି ଗ୍ରହ ସହିତ ଜଡ଼ିତ। ସେହିପରି କେଉଁ ଅଙ୍ଗୁଳିରେ କେଉଁ ରତ୍ନ ଧାରଣ କରିବା ଦରକାର, ସେ ସମ୍ପର୍କରେ ଜାଣିବା।**



- ଜ୍ୟୋତିଷ ଶାସ୍ତ୍ରରେ ମାଣିକ ରତ୍ନକୁ ଅନାମିକା ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହାକୁ ରବିବାର ଧାରଣ କରିବା ଶୁଭ। ମାନସମ୍ମାନ ଏବଂ ଆତ୍ମବିଶ୍ୱାସ ଏହା ଦ୍ୱାରା ବୃଦ୍ଧି ପାଏ।
- ମୋତିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଶୁଭ। ସୋମବାର ଧାରଣ କରାଯାଉଥିବା ଏହି ରତ୍ନ ପିନ୍ଧିଲେ ମାନସିକ ଶାନ୍ତି, ଭାବନାତ୍ମକ ସନ୍ତୁଳନ ରହେ।
- ମଙ୍ଗଳ ଗ୍ରହର ରତ୍ନ ମୁଗା। ଏହାକୁ ଅନାମିକା ଅଙ୍ଗୁଳିରେ ପିନ୍ଧିବା ଭଲ।
- ସବୁଜ ରଙ୍ଗର ପନ୍ନା ବୁଧ ଗ୍ରହଙ୍କ ରତ୍ନ। ଏହାକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଉଚିତ।
- ଗୁରୁବାର ପୁଖରାଜ ରତ୍ନ ଧାରଣ କରିବା ଭଲ। ତର୍ଜନୀ ଅଙ୍ଗୁଳିରେ ଏହାକୁ ପିନ୍ଧିବା ଉଚିତ। ଏହା ଜ୍ଞାନ, ବୈବାହିକ ସୁଖ ଓ ଆର୍ଥିକ ସ୍ଥିତି ସହିତ ଜଡ଼ିତ।
- ଅନାମିକା ଅଙ୍ଗୁଳିରେ ହୀରାକୁ ପିନ୍ଧିଲେ ଶୁଭ ଫଳ ପ୍ରାପ୍ତି ହୁଏ। ଶୁକ୍ରବାର ଏହାକୁ ଧାରଣ କରିବା ଉଚିତ।




**ମହିଳା ଟି-୨୦ ବିଶ୍ୱକପ୍** ଜୁନ ୧୨ରୁ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ରବିବାର ଲଣ୍ଡନସ୍ଥିତ ୱାଟରଲୁ ବ୍ରିଜ ସମ୍ମୁଖରେ ଟ୍ରଫି ସହ ଅଂଶଗ୍ରହଣକାରୀ ୧୨ ଦେଶର ଅଧିନାୟିକାଙ୍କ ଫଟୋ ସେସନ୍

## ଫ୍ରେଞ୍ଚ ଓପନ୍ ଜ୍ୱେରେଭ ଚାମ୍ପିଅନ

ପ୍ୟାରିସ, ୭ ।୬ (ଏଜେନ୍ସି): ଜର୍ମାନୀ ଟେନିସ ତାରକା ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ଗ୍ରାଣ୍ଡସ୍ଲାମ ଜିତିବା ସ୍ୱପ୍ନ ଶେଷରେ ସାକାର ହୋଇଛି । ରବିବାର ଏଠାରେ ଅନୁଷ୍ଠିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ପୁରୁଷ ସିଙ୍ଗଲ୍ସରେ ଜ୍ୱେରେଭ ଚାମ୍ପିଅନ ହୋଇଛନ୍ତି । ବିଶ୍ୱମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଜ୍ୱେରେଭ ଫାଇନାଲରେ ୬-୧, ୪-୬, ୬-୪, ୬-୭ (୫), ୬-୧ ସେଟ୍‌ରେ ଦଶମ ମାନ୍ୟତା ଖେଳାଳି ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ପରାସ୍ତ କରିଥିଲେ । ଚତୁର୍ଥ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବା ପରେ ଜ୍ୱେରେଭ ଶେଷରେ ପ୍ରଥମ ଟ୍ରଫି ଜିତିଛନ୍ତି । ଅପରପକ୍ଷରେ ମହିଳା ଡବଲ୍ସରେ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ ଯୋଡ଼ି ଟାଇଟଲ୍ ହାସଲ କରିଛନ୍ତି ।



ମହିଳା ଡବଲ୍ସ ଚାମ୍ପିଅନ ଟେଲର ଓ ସିନିଆକୋଭା ଯୋଡ଼ି

● ତାଇପେଇ ସିଟି ଆଥଲେଟିକ୍ସ ଚାମ୍ପିଅନସିପ୍

## ରୌପ୍ୟ ସହ ଅନିମେଶଙ୍କୁ ରାଜ୍ୟଗୋଷ୍ଠୀ ଯୋଗ୍ୟତା

ଭୁବନେଶ୍ୱର, ୭ ।୬ (ସମିସ): ଓଡ଼ିଶା ତଥା ଦେଶର ତାରକା ଧାବକ ଅନିମେଶ କୁଜୁର ତାଙ୍କ କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ଯୋଡ଼ିଛନ୍ତି । ରବିବାର ନ୍ୟୁ ତାଇପେଇ ସିଟି ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ୨୦୦ ମିଟର ରେସକୁ ଅନିମେଶ ୨୦.୪୭ ସେକେଣ୍ଡରେ ଫିନିଶ କରି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏଥିରେ ଥାଇଲାଣ୍ଡର ପୁରିପୋଲ୍ ବୁନସନ କ୍ୟାରିୟର ଶ୍ରେଷ୍ଠ ୨୦.୦୩ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ । ୨୦୦ ମିଟରରେ ଜାତୀୟ ରେକର୍ଡ (୨୦.୩୨ ସେକେଣ୍ଡ)ର ଅଧିକାରୀ ରହିଥିବା ଅନିମେଶ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ପଛରେ ରହିଥିଲେ । କିନ୍ତୁ ଚଳିତ ସିଜନରେ ଏହା ତାଙ୍କର ଶ୍ରେଷ୍ଠ ଟାଇମିଂ ଥିଲା । ଏହିକ୍ରମରେ ସେ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଲାଗି ରହିଥିବା ଯୋଗ୍ୟତା ମାନଦଣ୍ଡକୁ ମଧ୍ୟ ହାସଲ କରିଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ଲାଗି ପୁରୁଷ ୨୦୦ ମିଟର ରେସରେ ମାନଦଣ୍ଡ ୨୦.୬୧ ସେକେଣ୍ଡ ରହିଥିଲା । ଏହି ଧାର୍ଯ୍ୟ ଟାଇମିଂଠାରୁ ଅନିମେଶ ବେଶ୍ ଭଲ ପ୍ରଦର୍ଶନ କରି ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ମଧ୍ୟ ଟିକଟ୍ ହାସଲ କରିଛନ୍ତି ।




ଏକମାତ୍ର ଟେଷ୍ଟ: ପଦାର୍ପଣରେ ମାନବଙ୍କ କମାଲ

# ଫଲୋଅନ ଦ୍ୱାରରେ ଆଫଗାନିସ୍ତାନ

ମୁଲ୍ଲାନପୁର, ୭ ।୬ (ଏଜେନ୍ସି)

ଘରୋଇ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଆଫଗାନିସ୍ତାନ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଫଲୋଅନ ଦ୍ୱାରରେ ରହିଛି । ଏହି ମ୍ୟାଚରେ ଭାରତ ପ୍ରଥମ ଇନିଂସରେ ୮ ୱିକେଟରେ ୫୬୪ ରନର ବିଶାଳ ସ୍କୋର କରି ଘୋଷଣା କରିଥିଲା । ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଆଫଗାନିସ୍ତାନ ଦଳର ବ୍ୟାଟରମାନେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି । ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଆଫଗାନିସ୍ତାନ ୩୯.୫ ଓଭରରେ ୧୧୩ ରନରେ ଅଧା ବ୍ୟାଟରଙ୍କୁ ହରାଇଛନ୍ତି । ଖେଳ ଶେଷବେଳକୁ ରହମତ ଶାହ ୪୩ ରନ କରି ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହସମତୁଲ୍ଲା ଶାହିଦୀ ୨୦, ସେଦିକୁଲ୍ଲା ଅଟଳ ୧୭, ଅମଦୁଲ୍ଲ ମଲିକ ୧୬, ରହମନଉଲ୍ଲା ଗୁରବାଜ ୧୨ ଓ ୱିକେଟ୍‌କିପର ଅଫସାର ଜାଜାଇ ୨ ରନ କରି ଆଉଟ୍ ହୋଇଛନ୍ତି । ହାତରେ ୫ ୱିକେଟ୍ ବାକି ରହିଥିବାବେଳେ ଫଲୋଅନ ଏଡ଼ାଇବା ଲାଗି ଆଫଗାନିସ୍ତାନ ଆହୁରି ୨୫୨ ରନ ଆବଶ୍ୟକ କରୁଛି । ଯାହା ଦଳ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ହେବ ।

ବୋଲିଂରେ ଘରୋଇ ଭାରତ ପକ୍ଷରୁ ପଦାର୍ପଣକାରୀ ବାମହାତୀ ସ୍ପିନର ମାନବ ସୁତାର ସର୍ବାଧିକ ୩ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ୱିକେଟ୍ ନେଇଛନ୍ତି । ରାଜସ୍ଥାନର ମାନବ ବୋଲିଂ କରିଥିବା ତାଙ୍କ ୪ର୍ଥ ବଲରେ ଓପନର୍ ଅବଦୁଲ୍ଲଙ୍କୁ ଆଉଟ୍ କରି ପ୍ରଥମ ଅନ୍ତର୍ଜାତୀୟ ୱିକେଟ୍ ନେଇଥିଲେ । ଫଳରେ ସେ ଭାରତର ୮ମ ବୋଲର ଭାବେ ଟେଷ୍ଟ ପଦାର୍ପଣର ପ୍ରଥମ ଓଭରରେ ୱିକେଟ୍ ପାଇବାରେ ସଫଳ ହୋଇଛନ୍ତି । ୧୯୪୮ରେ ମଣ୍ଟୁ ବାନାର୍ଜୀ ପ୍ରଥମ ଭାରତୀୟ ବୋଲର ଭାବେ ଏଭଳି କୀର୍ତ୍ତିମାନ ସ୍ଥାପନ କରିଥିଲେ ।



**ସଲିମଙ୍କ ସଫଳତା:** ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୬୮/୩ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲା । ଘରୋଇ ଦଳ ୧୨୭ ଓଭର ଖେଳି ୮ ୱିକେଟରେ ୫୬୪ ରନ କରି ପାଳି ଘୋଷଣା କରିଥିଲା । ଭାରତ ପକ୍ଷରୁ ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୧୨୬ ରନ କରିଥିଲେ । ପୂର୍ବ ଦିନର ସ୍କୋରରେ ସେ ଆଉ ୨୩ ରନ ଯୋଡ଼ି ଆଜି ଦ୍ରୁତ ବୋଲର ସଲିମ ସାଫିଙ୍କ ଶିକାର ବନିଥିଲେ । ସେହିଭଳି ୫୦ ରନରୁ ବ୍ୟାଟିଂ ଆରମ୍ଭ କରିଥିବା ରଷଭ ପନ୍ତ ୮୧ ରନରେ ପ୍ୟାଭିଲିୟନ ଫେରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ଅପରାଜିତ ୫୨, ମହମ୍ମଦ ସିରାଜ ୨୨, ଧ୍ରୁବ ଜୁରେଲ ୧୯, ସୁତାର ୨୮, ଲୋକେଶ ରାହୁଲ ୧୦୦, ସାଇ ସୁଦର୍ଶନ ୮୧ ଓ ଯଶସ୍ୱୀ ଜୟସ୍ୱାଲ ୨୪ ରନରେ ଆଉଟ୍ ହୋଇଥିଲେ । ଆଫଗାନିସ୍ତାନ ପକ୍ଷରୁ ଦ୍ରୁତ ବୋଲର ସଲିମଙ୍କୁ ୬ଟି ୱିକେଟ୍ ମିଳିଥିଲା ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୬୪/୮, ୧୨୭ ଓଭର (ଗିଲ୍- ୧୨୬, ରାହୁଲ- ୧୦୦, ସୁଦର୍ଶନ- ୮୧, ପନ୍ତ- ୮୧, ସୁନ୍ଦର- ୫୨*, ସୁତାର- ୨୮, ସିରାଜ- ୨୨, ସଲିମ- ୬/୧୪୦) ।

ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୧୩/୫, ୩୯.୫ ଓଭର (ରହମତ- ୪୩*, ଶାହିଦୀ- ୨୦, ସେଦିକୁଲ୍ଲା- ୧୭, ଗୁରବାଜ- ୧୨, ଅବଦୁଲ୍ଲ- ୧୬, ସୁତାର- ୩/୨୧, ପ୍ରସିଦ୍ଧ- ୨/୨୭) ।

## ବିଶ୍ୱ ସାଇକଲ୍ ଦିବସରେ ଭାଗନେଲେ ୪୦୦ ଚାଳକ




ଭୁବନେଶ୍ୱର, ୭ ।୬ (ସମିସ): ଓଡ଼ିଶା ସାଇକ୍ଲିଂ ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ରବିବାର ବିଶ୍ୱ ସାଇକେଲ ଦିବସ ସଫଳତାର ସହିତ ପାଳନ ହୋଇଯାଇଛି । ଯେଉଁଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ୧୮୦ଜଣ ମହିଳା ସାଇକ୍ଲିଷ୍ଟ ରହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କଟକ ଜିଲ୍ଲା ସାଂସଦ ଭର୍ତ୍ତୁହରି ମହତାବ ଓ ସମ୍ମାନିତ ଅତିଥି ଭାବେ ଓଡିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଅର୍ଜୁନ ପୁରସ୍କାର ବିଜେତା ସୁଜଳ ସିଂହ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ବେହେରା, ଓଡିଶା ସାଇକ୍ଲିଂ ସଂଘର ସମ୍ପାଦକ ପ୍ରସନ୍ନ ରାଉତ ଯୋଗ ଦେଇଥିଲେ । ସାଇକଲ ରାଲି ଇଣ୍ଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ-ଚଣ୍ଡୀ ଛକ, ସମାଜ ଅଫିସ, ବାରବାଟୀ ଷ୍ଟାଡିୟମ ରୋଡ଼ ଦେଇ ପୁନର୍ବାର ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚିଥିଲା ।

## ଲର୍ଡ୍ସ ଟେଷ୍ଟ ଇଂଲଣ୍ଡ ୧୧୫ ରନରେ ବିଜୟୀ

ଲଣ୍ଡନ, ୭ ।୬ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୧୧୫ ରନରେ ବିଜୟୀ ହୋଇଛି । ୨୫୪ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ରବିବାର ୪ର୍ଥ ଦିବସରେ ୧୩୮ ରନ କରି ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଗତକାଲିର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୫/୫ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ପାଇଁ ଗ୍ଲେନ ଫିଲିପ୍ସ ୪୪ ରନ କରି କିଛିଟା ଲଢ଼େଇ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଡେଭନ କନୱେ ୪୧, କେନ ୱିଲିୟମସନ ୧୮ ରନ କରିଥିବାବେଳେ ୮ଜଣ ବ୍ୟାଟର୍ ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ଏପରିକି ଅଧିନାୟକ ଟମ୍ ଲଥାମ, ୱିଲିୟମ ଓ’ରୁକ୍ ଓ ଡାରୀଲ ମିଚେଲ ଖାତା ଖୋଲିବାରେ ବିଫଳ ହୋଇଥିଲେ । ବୋଲିଂରେ ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନସନ ସବୁଠୁ ସଫଳ ବୋଲର ରହିଥିଲେ । ସେ ୫ ୱିକେଟ୍ ସଫଳତା ପାଇଥିବାବେଳେ ଓଲି ରବିନସନ, ଜୋଶ୍ ଟଙ୍ଗ ୨ଟି ଲେଖାଏ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା । ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ଦ୍ୱିତୀୟ ଟେଷ୍ଟ ଜୁନ ୧୭ରୁ କେନ୍ନିଂଟନ ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହେବ ।



## ତନ୍ୱୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୭ ।୬ (ସମିସ): ପ୍ରତିଭାବାନ ଓଡ଼ିଆ ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱୀ ପତ୍ରି ଲାଟଭିଆ ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି । ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ୧୪-୨୧, ୧୬-୨୧ ସିଧାସଳଖ ଗେମରେ ହଂକଂର ସୁମ ୟାଉଙ୍କ ନିକଟରୁ ହାରି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଥିଲେ । ଏଥିପୂର୍ବରୁ ସେମିଫାଇନାଲରେ ତନ୍ୱୀ ୨୧-୯, ୨୧-୧୭ ସିଧାସଳଖ ଗେମରେ ମୋଲଡୋଭାର ଭ୍ଲାଡା ଗିଙ୍ଗାଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ ।

ଆଇଏଚ୍‌ଏଫ୍ ଟ୍ରଫି ଜୁନିଅର ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସ୍ୱସ୍ତିକ



ଭୁବନେଶ୍ୱର, ୭ ।୬ (ସମିସ): ବାଂଲାଦେଶର ରାଜଧାନୀ ଢାକାଠାରେ ଆସନ୍ତା ୧୦ରୁ ଆରମ୍ଭ ହେବାକୁ ଥିବା ଆଇଏଚ୍‌ଏଫ୍ ଟ୍ରଫି ଜୁନିଅର ହ୍ୟାଣ୍ଡବଲ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି । ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ୱସ୍ତିକ ମହାପ୍ରସାଦ ପତି ସ୍ଥାନ ପାଇଛନ୍ତି । ସୂଚନାଯୋଗ୍ୟ ଯେ ସ୍ୱସ୍ତିକ ଗତ ବର୍ଷ ଏସିଆନ ପ୍ରତିଯୋଗିତା ଜୋଡାନ ଓ ସେଣ୍ଟ୍ରାଲ ଏସିଆନ ଉଜବେକିସ୍ତାନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ । ସେ ବର୍ତ୍ତମାନ ଗୌରୀ ଶଙ୍କର ମିଶ୍ରଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ଏହି ଅବସରରେ ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ସ୍ୱସ୍ତିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଶୀର୍ଷରେ ରହିବେ ଓଡ଼ିଶା କ୍ରୀଡ଼ାବିତ୍: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୭ ।୬ (ସମିସ): କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଦୁଇଦିନିଆ “ଚିନ୍ତନ ଶିବିର’ର ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ରୀଡ଼ା କେବଳ, ପଦକ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ । ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଭଲ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚାମ୍ପିଅନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବ । ସେହିଭଳି ଗୋଠପାଟଣାଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି । ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି । ଏହା ସହିତ “ମୁଖ୍ୟମନ୍ତ୍ରୀ ଟ୍ରଫି’ ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି ‘ଚିନ୍ତନ ଶିବିର’ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡମ୍ୟାପ୍ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । କ୍ରୀଡ଼ା ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅଲିମ୍ପିଆନ ଦିଲିପ ତିର୍କୀ ପ୍ରମୁଖ ଯୋଗଦେଇଥିଲେ ।

## ତମିମ୍ ସର୍ବକନିଷ୍ଠ ବିସିବି ସଭାପତି

ଢାକା, ୭ ।୬ (ଏଜେନ୍ସି): ପୂର୍ବତନ ଅଧିନାୟକ ତମିମ ଇକବାଲଙ୍କୁ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ନୂତନ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ରବିବାର ଢାକାରେ ଅନୁଷ୍ଠିତ ନିର୍ବାଚନରେ ୩୭ ବର୍ଷୀୟ ତମିମ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।



ଏଥିସହ ସେ ବିସିବିର ସର୍ବକନିଷ୍ଠ ସଭାପତି ହୋଇଛନ୍ତି । ଏବେ ସେ ଚାରି ବର୍ଷ ପାଇଁ ବିସିବି ସଭାପତି ଭାବରେ କାର୍ଯ୍ୟ କରିବେ । ଏକ ତଦନ୍ତ କମିଟି ରିପୋର୍ଟ ଆଧାରରେ ଅମିନୁଲ ଇସଲାମଙ୍କ ଅଧୀନରେ ପୂର୍ବ ନିର୍ବାଚିତ ସଂଘକୁ ବାଂଲାଦେଶ ସରକାର ଗତ ଏପ୍ରିଲରେ ଭାଙ୍ଗି ଦେଇଥିଲେ । ବାଂଲାଦେଶ କ୍ରିକେଟର ଉନ୍ନତି ପାଇଁ ସମ୍ବିଧାନରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଅଛୁ ବୋଲି ତମିମ କହିଛନ୍ତି ।

## ଇରାକ ଖେଳାଳିଙ୍କୁ ୭ ଘଣ୍ଟା ଅଟକ ରଖିଲା ଆମେରିକା

ୱାଶିଂଟନ, ୭ ।୬ (ଏଜେନ୍ସି): ଫିଫା ବିଶ୍ୱକପର ୨୩ତମ ସଂସ୍କରଣ ଜୁନ୍ ୧୧ରୁ ଆମେରିକା, ମେକ୍ସିକୋ ଏବଂ କାନାଡାରେ ମିଳିତ ଭାବରେ ଆରମ୍ଭ ହେବାକୁ ଯାଉଛି । ଏହି ମେଗା ଇଭେଣ୍ଟ ପୂର୍ବରୁ ଏକ ନୂତନ ବିବାଦ ଦେଖାଦେଇଛି । ଇରାକୀ ଫୁଟବଲ ଦଳର ଷ୍ଟ୍ରାଇକର ଆୟମେନ୍ ହୁସେନ୍ ଆମେରିକାରେ ପହଞ୍ଚିବା ପରେ ତାଙ୍କୁ ଚିକାଗୋ ବିମାନବନ୍ଦରରେ ଅଟକ ରଖାଯାଇଥିଲା । ଆମେରିକା କର୍ତ୍ତୃପକ୍ଷ ତାଙ୍କୁ ପ୍ରାୟ ସାତ ଘଣ୍ଟା ପଚରାଉଚରା କରିଥିଲେ । ଏପରିକି ତାଙ୍କ ଫୋନ୍ ମଧ୍ୟ ଯାଞ୍ଚ କରାଯାଇଥିଲା । ପରେ ହୁସେନଙ୍କୁ ଛାଡ଼ିଥିଲେ । ତେବେ ଇରାକୀ ଦଳର ଫଟୋଗ୍ରାଫର ତଲାଲ୍ ସଲାହଙ୍କୁ ମଧ୍ୟ ବିମାନବନ୍ଦରରେ ଅଟକ ରଖାଯାଇଥିଲା । ତାଙ୍କୁ ୧୦ ଘଣ୍ଟା ପଚରାଉଚରା କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସଲାହଙ୍କୁ ପ୍ରବେଶ ଲାଗି ଅନୁମତି ମିଳିନାହିଁ । ଏହି ଘଟଣାକୁ ନେଇ ଇରାକ ଫୁଟବଲ୍ ସଂଘ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହିଁ ।

ଫିଫା ବିଶ୍ୱକପ୍ ଆଉ ୩ ଦିନ



### ୱାର୍ମଅପ୍‌ରେ ଆର୍ଜେଣ୍ଟିନା, ବ୍ରାଜିଲ ବିଜୟୀ

ଟେକ୍ସାସ, ୭ ।୬ (ଏଜେନ୍ସି): ଆଉ ଦିନ କେଇଟା ପରେ ଆରମ୍ଭ ହେବ ଫୁଟବଲର ମହାକୁମ୍ଭ ଫିଫା ବିଶ୍ୱକପ୍ । ଏଥିପୂର୍ବରୁ ଅଂଶଗ୍ରହଣକାରୀ ଦଳମାନେ ସେମାନଙ୍କର ଶେଷ ପ୍ରସ୍ତୁତି ଭାବେ ୱାର୍ମଅପ୍ ମ୍ୟାଚ୍ ଖେଳୁଛନ୍ତି । ଏହିକ୍ରମରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ସହ ରେକର୍ଡ ପାଞ୍ଚଥରର ବିଜେତା ବ୍ରାଜିଲ ବିଜୟୀ ହୋଇଛନ୍ତି । ଟେକ୍ସାସର କେଲୀ ଫିଲ୍ଡରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଆର୍ଜେଣ୍ଟିନା ୨-୦ ଗୋଲ୍‌ରେ ହଣ୍ଡୁରାସକୁ ପରାସ୍ତ କରିଛି । ପ୍ରଭାବ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ପାଇଁ ଲୌଟାରୋ ମାର୍ଟିନେଜ ଓ ଗିଉଲିଆନୋ ସିମେଓନି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ମ୍ୟାଚର ୩୭ତମ ମିନିଟରେ ମିଳିଥିବା ପେନାଲ୍ଟି କିକ୍‌ର ଭରପୁର ଫାଇଦା ଉଠାଇ ମାର୍ଟିନେଜ ଦଳ ପାଇଁ ଖାତା ଖୋଲିଥିଲେ । ସେହିଭଳି ଦ୍ୱିତୀୟାର୍ଦ୍ଧ ତଥା ୫୪ତମ ମିନିଟରେ ସିମେଓନି ଅନ୍ୟତମ ଗୋଲ୍‌ଟି ସ୍କୋର କରିଥିଲେ । ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଏହି ମ୍ୟାଚରେ ଆର୍ଜେଣ୍ଟିନାର ଷ୍ଟାର ଖେଳାଳି ଲିଓନେଲ ମେସି ଖେଳିପାରି ନ ଥିଲେ । ଆର୍ଜେଣ୍ଟିନା ଏହାର ଶେଷ ୱାର୍ମଅପ୍ ମ୍ୟାଚ୍ ଆଇସଲାଣ୍ଡ ସହ ଜୁନ ୯ରେ ଖେଳିବ ।

ଅପରପକ୍ଷରେ ଆମେରିକାର କ୍ଲେଭେଲାଣ୍ଡ ହଣ୍ଟିଂଟନ ବ୍ୟାଙ୍କ ଫିଲ୍ଡରେ ଖେଳାଯାଇଥିବା ଅନ୍ୟ ଏକ ୱାର୍ମଅପ୍ ମ୍ୟାଚରେ ବ୍ରାଜିଲ ୨-୧ ଗୋଲ୍‌ରେ ଇଜିପ୍ଟକୁ ହରାଇଦେଇଛି । ମ୍ୟାଚର ୭ମ ମିନିଟ୍‌ରେ ବ୍ରୁନୋ ଗୁଇମର୍ସଙ୍କ ଗୋଲ୍ ବଳରେ ବ୍ରାଜିଲ ୧-୦ରେ ଅଗ୍ରଣୀ ରହିଥିଲା । ମାତ୍ର ୪ ମିନିଟ୍ ପରେ ମୋସ୍ତଫା ଜିକୋ ଇଜିପ୍ଟ ପାଇଁ ଗୋଲ୍‌ସ୍କୋର କରି ମ୍ୟାଚକୁ ୧-୧ସ୍ଥିତିକୁ ଆଣିଥିଲେ । ତେବେ ୫୨ତମ ମିନିଟ୍‌ରେ ଏଣ୍ଡରିକଙ୍କ ଗୋଲ୍ ବଳରେ ବ୍ରାଜିଲ ୨-୧ରେ ବିଜୟୀ ହୋଇଥିଲା ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS